

‘ରାମାୟଣ’ରେ ମରାଠୀ ଅଭିନେତା
▶ପୃଷ୍ଠା ୧୧ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-34 •MONDAY •28 JULY 2025 •PAGE-12 •₹ 6.00 | JEYPORE | •ବର୍ଷ-୪୩ •ସଂଖ୍ୟା-୩୪ •ସୋମବାର •୨୮ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

## ହରିଦ୍ୱାରର ମନସା ଦେବୀ ମନ୍ଦିରରେ ଦଳାଚକଟା

# ୬ ଶ୍ରଦ୍ଧାଳୁ ମୃତ, ୨୯ ଆହତ





**‘କରେଣ୍ଟ’ ଗୁଜବରୁ ଦୁର୍ଘଟଣା**

■ **ହରିଦ୍ୱାର, ୨୭।୭ (ଏଜେନ୍ସି):** ଶ୍ରାବଣର ତୃତୀୟ ସୋମବାର ପାଇଁ ଉତ୍ତରାଖଣ୍ଡର ପବିତ୍ର ସହର ହରିଦ୍ୱାରରେ ପ୍ରବଳ ଗହଳି ଲାଗିଛି। ଏହା ପୂର୍ବରୁ ଏଠାକାର ମନସା ଦେବୀ ମନ୍ଦିରରେ ରବିବାର ସକାଳ ୯ଟା୧୫ରେ ବଡ଼ ଅଘଟଣ ଘଟିଛି। ପାହାଡ଼ ଉପରେ ଥିବା ମାଆଙ୍କ ମନ୍ଦିରକୁ ଶ୍ରଦ୍ଧାଳୁ ପାହାଚ ଚଢ଼ି ଯାଉଥିବାବେଳେ ଦଳାଚକଟା ହୋଇଛି। ଏହି ଦୁର୍ଘଟଣାରେ ୬ ଜଣଙ୍କ ଅକାଳ ମୃତ୍ୟୁ ହୋଇଛି। ୨୯ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ନିକଟସ୍ଥ ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରେ ଉତ୍ତର ପ୍ରଦେଶର ଆରୁଷ (୧୨), ବିବେକ (୧୮), ୱକିଲ ଏବଂ ଶାନ୍ତି, ଉତ୍ତରାଖଣ୍ଡର ବିପିନ ସାଇନି (୧୮), ବିହାର ସକଲ ଦେବ (୧୮) ସାମିଲ ଅଛନ୍ତି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ ମେଡିକାଲରେ ଆହତଙ୍କୁ ଭେଟିଛନ୍ତି।

ମନସା ଦେବୀଙ୍କ ମନ୍ଦିର ଶିବଲିକ ପର୍ବତ ଶ୍ରେଣୀର ବିଲ୍ୱ ପାହାଡ଼ ଉପରେ ରହିଛି। ଏହା ‘ହର କି ପୌଡ଼ି’ରୁ ୩ କିମି ଦୂରରେ ରହିଛି। ଦେଢ଼ କିମି ଚଢ଼ି କିମ୍ବା ରୋପୱେ ମାଧ୍ୟମରେ ଏହି ସ୍ଥାନକୁ ଯାଇହେବ। ଏହି ମନ୍ଦିରକୁ ଯିବା ପାଇଁ ୮୦୦ ପାହାଚ ଚଢ଼ିବାକୁ ପଡ଼ିବ। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ମନ୍ଦିରରେ ପହଞ୍ଚିବାକୁ ଆଉ ୨୫ ପାହାଚ ବାକିଥିବାବେଳେ ଦଳାଚକଟା ହୋଇଥିଲା। ଆଜି ପ୍ରବଳ ଭିଡ଼ ଥିଲା। କିଛି ଲୋକ ସେଠାରେ ଥିବା ତାରକୁ ଧରି ଆଗକୁ ବଢୁଥିଲେ। ଏହି ସମୟରେ ତାର ଛିଡ଼ିଯାଇ କରେଣ୍ଟ ଲାଗି ଯାଇଥିଲା। ଏହାକୁ ନେଇ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। କିଛି ଲୋକ ପାହାଚ ଉପରେ ପଡ଼ି ଯାଇଥିଲେ। ପରେ ଅନ୍ୟମାନେ ତାଙ୍କୁ ଜୀବନ ବିକଳରେ ଦଳି ଚାଲି ଯାଇଥିଲେ। ତେଣୁ ଏହି ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ କରେଣ୍ଟ ଲାଗିବା ଖବରକୁ ହରିଦ୍ୱାର ପୁଲିସ ଗୁଜବ କହିଛି। ଗଢ଼ୱାଲ ଡିଭିଜନର କମିଶନର ବିନୟ ଶଙ୍କର ପାଣ୍ଡେ କହିଛନ୍ତି ଯେ ପ୍ରବଳ ଭିଡ଼ ଯୋଗୁଁ ଦଳଚକଟା ହୋଇଛି। ସେହିପରି ଆଖଡ଼ା ପରିଷଦର ଅଧ୍ୟକ୍ଷ ରବୀନ୍ଦ୍ର ପୁରି ମନସା ଦେବୀ ମନ୍ଦିରର ମହନ୍ତ ଅଛନ୍ତି। ସେ କହିଛନ୍ତି ଯେ ମନ୍ଦିରକୁ ଯିବାଆସିବା ପାଇଁ ୩ଟି ରାସ୍ତା ରହିଛି। ବର୍ଷା ଯୋଗୁଁ ରାସ୍ତାରେ ସିଉଳି ଲାଗି ଯାଇଥିଲା। ଶ୍ରଦ୍ଧାଳୁ ପଡ଼ି ଯାଉଥିବା ନେଇ ଗୁଜବ ସୃଷ୍ଟି ହେବାରୁ ଦଳାଚକଟା ହୋଇଥିଲା।

# ବନ୍ୟା ଭୟରେ ୬ ଜିଲ୍ଲା

## ଉତ୍ତର ଓଡ଼ିଶାରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ

**ପ୍ରଭାବିତ ଜିଲ୍ଲାରେ ନିୟୋଜିତ ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍**

**ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ**

**ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଛି ଉଦ୍ଧାର କାର୍ଯ୍ୟ**



■ **ଭୁବନେଶ୍ୱର, ୨୭।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଏହିସହିତ ଓଡ଼ିଶାରେ ପ୍ରବାହିତ ହେଉଥିବା ପ୍ରମୁଖ ନଦୀଗୁଡ଼ିକର ଉପରମୁଣ୍ଡରେ ମଧ୍ୟ ଭଲ ବର୍ଷା ହୋଇଛି। ଫଳରେ ବର୍ତ୍ତମାନ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଅପରାହ୍ଣ ସୁଦ୍ଧା ଏହି ଜିଲ୍ଲାଗୁଡ଼ିକରେ ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଆସନ୍ତା କାଲି ସୁଦ୍ଧା ଏହି ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ବର୍ତ୍ତମାନ ମୁଖ୍ୟତଃ ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ନଦୀରେ ଜଳସ୍ତର ଅଧିକ ରହିଥିବାରୁ ଏହି ଅଞ୍ଚଳ ଲୋକେ ଭୟଭୀତ ଅବସ୍ଥାରେ ରହିଛି। ଅନ୍ୟପଟେ ସୁବର୍ଣ୍ଣରେଖାରେ ବନ୍ୟାଜଳ ବୃଦ୍ଧିକୁ ଆଖିରେ ରଖି ବାଲେଶ୍ୱର ଜିଲ୍ଲାବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ▶ପୃଷ୍ଠା-୭

## ବୈତରଣୀରେ ଭାସିଯାଇ ଯୁବକ ମୃତ

■ **ଦଶରଥପୁର, ୨୭।୭ (ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବୈତରଣୀ ନଦୀ ବନ୍ୟା ପାଣିରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଚାନ୍ଦକୁଡ଼ା ଗ୍ରାମର ମକରଧ୍ୱଜ ଜେନାଙ୍କ ପୁଅ ସନ୍ତୋଷ ଜେନା (୩୦) ବୋଲି ସୂଚନା ମିଳିଛି। ସନ୍ତୋଷ ଆଜି ଅପରାହ୍ଣ ପ୍ରାୟ ୪ଟା ସମୟରେ ନଦୀ ନିକଟକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀ ପାଣିରେ ଭାସିଯାଇଥିଲେ। ଖବର ପାଇ ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲିକ, ବାବୁ ରାମ ମୁର୍ମୁଙ୍କ ▶ପୃଷ୍ଠା-୭

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

# ଓଡ଼ିଶାର ମହିଳାଙ୍କୁ ପ୍ରଶଂସା



**ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର, କୀର୍ତ୍ତନ ମାଧ୍ୟମରେ ବନାଗ୍ନି ସଚେତନତାରେ ମୟୂରଭଞ୍ଜ ଓ କେନ୍ଦୁଝର ମହିଳାଙ୍କ ଉଦ୍ୟମ ପ୍ରେରଣାଦାୟୀ: ମୋଦୀ**

■ **ଭୁବନେଶ୍ୱର, ୨୭।୭ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ର ୧୨୪ତମ ଅଧ୍ୟାୟରେ ଦେଶର ଉଲ୍ଲେଖନୀୟ ଉପଲବ୍ଧ ଏବଂ ସମୃଦ୍ଧ ଲୋକ ପରମ୍ପରା ବିଷୟରେ ଆଲୋଚନା ବେଳେ ଓଡ଼ିଶାର କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ପ୍ରଶଂସା କରିଛନ୍ତି। ଦେଶର ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ଏବଂ ସମୃଦ୍ଧ ହସ୍ତଶିଳ୍ପ ପରମ୍ପରା ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସାନ୍ତାଳୀ ଶାଢ଼ି ବୁଣୁଥିବା ମୟୂରଭଞ୍ଜର ଆଦିବାସୀ ମହିଳାଙ୍କ ଉଦାହରଣ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ୬୫୦ରୁ ଅଧିକ ଆଦିବାସୀ ମହିଳା ପାରମ୍ପରିକ ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର କରି ପାରିଛନ୍ତି। ବର୍ତ୍ତମାନ ଏହି ମହିଳାମାନେ ପ୍ରତ୍ୟେକ ମାସରେ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେମାନେ କେବଳ ବସ୍ତ୍ର ତିଆରି କରୁନାହାନ୍ତି; ବରଂ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବିଶ୍ୱ ପାଇଁ ଚିନ୍ତାଜନକ ସମସ୍ୟା ପାଲଟିଥିବା ବନାଗ୍ନି ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରୟାସ କରୁଥିବା କେନ୍ଦୁଝରର କୀର୍ତ୍ତନମଣ୍ଡଳୀ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଭାରତର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଦେଶର ଲୋକଗୀତ ଏବଂ ପରମ୍ପରାରେ ଦେଖିବାକୁ ମିଳିଥାଏ। ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ। କିନ୍ତୁ ବନାଗ୍ନି ସମ୍ପର୍କରେ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଅଭିନବ ପ୍ରୟାସ କରାଯାଇଛି। ଏଠାରେ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଗୋଟିଏ ଦଳ ଅଛି। ଏହି ଦଳ ଆଜି ଭକ୍ତି ସହିତ ପରିବେଶ ସୁରକ୍ଷାର ମନ୍ତ୍ର ମଧ୍ୟ ଜପୁଛି। ପ୍ରମିଳା ▶ପୃଷ୍ଠା-୭

## ୨୦ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକ୍ରି

■ **ବଲାଙ୍ଗିର, ୨୭।୭ (ସମିସ):** ବଲାଙ୍ଗିର ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ଶିଶୁ ବିକ୍ରି ଅଭିଯୋଗ। ଦାରିଦ୍ର୍ୟତା ଯୋଗୁଁ ମାତ୍ର ୨୦ ହଜାର ଟଙ୍କାରେ ଶିଶୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଥିବାବେଳେ ଅନ୍ୟପଟେ ବ୍ୟକ୍ତିଗତ ଭାବେ ଶିଶୁକୁ ଦେଇଥିବା ପରିବାର ଲୋକ କହିଛନ୍ତି। ତେବେ ସତ୍ୟ ଯାହା ହେଉନା କାହିଁକି ପୁଣି ଏହି ଘଟଣା ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି। ‘ଦାରିଦ୍ର୍ୟତା ପାଇଁ ଶିଶୁକୁ ବିକିବାକୁ ଆମେ ବାଧ୍ୟ ହେଲୁ। ଆମେ ସ୍ୱାମୀ ସ୍ତ୍ରୀ ଦିନ ମଜୁରିଆ ଭାବରେ କାମ କରୁ। ଭଲ ଘର ଟିଏ ନାହିଁ। ନା କିଛି ସୁବିଧା ଅଛି। ଯାହା ମଜୁରି ମିଳେ ସେଥିରେ ଚଳୁ। ସେଥିପାଇଁ ଜନ୍ମ କଲା ଶିଶୁକୁ ବିକ୍ରି କରିଦେଲୁ’। ଏଭଳି ଭାବରେ ସବୁ କଥାକୁ ଗଣମାଧ୍ୟମ ଆଗରେ ବିକ୍ରି ହୋଇଥିବା ଶିଶୁର ବାପା କହିଥିଲେ। ଶିଶୁକନ୍ୟାକୁ ବିକ୍ରିକରିବା ଖବର ସାମ୍ନାକୁ ଆସିବା ପରେ ସବୁ ସତ ମାନିଛନ୍ତି ବାପା ମାଆ। ବଲାଙ୍ଗିର ଟିଟିଲାଗଡ଼ ବ୍ଲକ୍ ଭାଲେଗାଁ ପଞ୍ଚାୟତ ବାଗଡେର ଗାଁ ନୀଳ ରଣା ଆର୍ଥିକ ଅଭାବ ଯୋଗୁଁ ନିଜ ଦ୍ୱିତୀୟ ଶିଶୁକନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ▶ପୃଷ୍ଠା-୭

# ମାଲକାନଗିରିରେ ପୁଣି ଲଜ୍ଜା

## ଲିଫ୍ଟ ଦେବା ବାହାନାରେ ନାବାଳିକାଙ୍କୁ ଦୁଷ୍କର୍ମ

■ **କୋରୁକୋଣ୍ଡା, ୨୭।୭ (ସମିସ):** ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଲିଫ୍ଟ ଦେବା ବାହାନାରେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାମୁଁ ଘର କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳରେ ରହୁଥିଲେ। ଗତ ୨୦ ତାରିଖ ଦିନ ନିଜ ଘରକୁ ଆସି ପୁଣି ମାମୁଁ ଘରକୁ ଯାଉଥିବା ବେଳେ ଜଣେ ବାଇକଚାଳକ ତାଙ୍କୁ ଘରେ ଛାଡ଼ି ଦେବାକୁ କହି ଲିଫ୍ଟ ଦେଇଥିଲେ। ସେ ବାଇକ୍‌ରେ ବସିବା ପରେ ବାଇକ୍ ଚାଳକ ତାଙ୍କୁ ମାମୁଁ ଘର ଗ୍ରାମକୁ ନ ନେଇ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇବାକୁ କହି ନେଇ ଯାଇଥିଲେ। ସନ୍ଧ୍ୟା ହେବାରୁ ଅନ୍ଧାରର ସୁଯୋଗ ନେଇ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ଏହାପରେ ବାଇକଚାଳକ ରାତିରେ ନାବାଳିକାକୁ ନେଇ ତାଙ୍କ ମାମୁଁ ଘର ଗାଁ ମୁଣ୍ଡରେ ଛାଡି ଚାଲି ଯାଇଥିଲା। ସକାଳେ ନାବାଳିକା ଜଣଙ୍କ ତାଙ୍କୁ ବାଇକଚାଳକ ଦୁଷ୍କର୍ମ କରିଥିବା ▶ପୃଷ୍ଠା-୭



## ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ପ୍ରସବ ପରେ ଶିଶୁ ମୃତ

■ **ଖଇରପୁଟ/କୁଡୁମୁଲୁଗୁମ୍ମା, ୨୭।୭ (ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ ଜଣେ ନାବାଳିକାକୁ ଦୁଷ୍କର୍ମ କରି ଗର୍ଭବତୀ କରିଥିବା ଅଭିଯାଗରେ ପୁଲିସ ଜଣକୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଜିଲ୍ଲାର ମୁଦୁଲିପଡା ଥାନା ଅଞ୍ଚଳରେ ଜଣେ ନାବାଳିକା ଗର୍ଭବତୀ ଥିବା ନେଇ ତାଙ୍କ ପରିବାର ଲୋକେ ଜାଣିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ପୀଡ଼ିତା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଗତ ୨୫ ତାରିଖରେ ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀ ଏବଂ ▶ପୃଷ୍ଠା-୭

### ସରଣ୍ଡା ଜଙ୍ଗଲରେ ଲୁଚାଇ ରଖିଥିଲେ ମାଓବାଦୀ


## ମାଟି ତଳୁ ୩୫ ଲକ୍ଷ ଟଙ୍କା ଜବତ



ସର୍ଚ୍ଚ ଅପରେସନ ବେଳେ ଉଦ୍ଧାର କଲେ ଯବାନ

■ **ରାଉରକେଲା, ୨୭।୭ (ସମିସ):** ମାଓବାଦୀଙ୍କ ସହିଦ ସପ୍ତାହ ପାଳନ ପୂର୍ବରୁ ସୁରକ୍ଷା ବାହିନୀଙ୍କୁ ମିଳିଲା ବଡ ସଫଳତା। ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଛି। ବିସ୍ଫୋରକ ସାମଗ୍ରୀ ସହ ମାରଣାସ୍ତ୍ର କିଣିବା ପାଇଁ ଏହି ଟଙ୍କାକୁ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିଲେ ବୋଲି ସନ୍ଦେହ କରିଛି ସୁରକ୍ଷା ବାହିନୀ। ସୂଚନାଯୋଗ୍ୟ, ସୋମବାର ଅର୍ଥାତ୍ ଜୁଲାଇ ୨୮ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓ ସଂଗଠନ ପକ୍ଷରୁ ମାଓ ସହିଦ ସପ୍ତାହ ଦିବସ ପାଳନ କରାଯିବ। ଏହି ସହିଦ ସପ୍ତାହ ପାଳନ ଅବସରରେ ମାଓବାଦୀମାନେ ପ୍ରତିବର୍ଷ କୌଣସି ବଡଧରଣର ଅଘଟଣ ତଥା ମାଓ ହିଂସା ଘଟାଇ ଥାନ୍ତି ଅଥବା ଯୋଜନା କରିଥାନ୍ତି। ତେବେ ମାଓବାଦୀଙ୍କ ଦ୍ୱାରା ଏହି ସହିଦ ସପ୍ତାହ ପାଳନର ଅବ୍ୟବହିତ ପୂର୍ବରୁ ଓଡିଶା- ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ମାଟି ତଳେ ପୋତା ଯାଇଥିବା ଅନ୍ୟୁନ ୩୫ ଲକ୍ଷ ଟଙ୍କାକୁ ଝାଡଖଣ୍ଡ ପୁଲିସ ଜବତ କରିଥିବା ଝାଡ଼ଖଣ୍ଡ ଆଇଜି ସୂଚନା ଦେଇଛନ୍ତି। ଆଇଜିଙ୍କ ସୂଚନାନୁଯାୟୀ, ମାଓବାଦୀମାନେ ସରଣ୍ଡା ଜଙ୍ଗଲରେ ମାଟି ତଳେ ▶ପୃଷ୍ଠା-୭

## ମୂଳ ଲାଗି ଫେରୁଥିଲେ; ଦଳିଦେଲା ଦନ୍ତା



■ **ଜି.ଉଦୟଗିରି, ୨୭।୭ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଦୀର୍ଘ ମାସ ହେଲା ହାତୀ ଆତଙ୍କରେ ଜୀବିକା ପ୍ରଭାବିତ ପ୍ରଭାବିତ ହୋଇଥିବା ବେଳେ ଏବେ ଜୀବନ ଯିବା ଆରମ୍ଭ ହୋଇଛି। ହାତୀଙ୍କ ଉପଦ୍ରବ ଯୋଗୁ ସନ୍ଧ୍ୟା ହେଲେ ଲୋକେ ଘରୁ ବାହାରୁ ନ ଥିବା ବେଳେ ଜଙ୍ଗଲ ଯିବା ମଧ୍ୟ ବନ୍ଦ ହୋଇଯାଇଛି। ଏଥିଯୋଗୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ମୂଳ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଜଣକୁ ହାତୀ ଆକ୍ରମଣ କରି ମାରି ଦେଇଛି। ଏନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଦେଖିଥିବା ଲୋକଙ୍କ କହିବା ପ୍ରକାରେ ମାଲନସୁଗା ଗାଁର ସଞ୍ଜୟ ଏବଂ ସାମନ୍ତ (ସାରୁ) ପଦାସାହିକୁ ମଜୁରୀ କାମ କରିବାକୁ ଯାଇଥିଲେ। ଅପରାହ୍ଣ ସାଢ଼େ ପାଞ୍ଚଟା ବେଳେ ମାଲନସୁଗାକୁ ପାଜିମାହା ରାସ୍ତା ଦେଇ ଫେରୁଥିଲେ। ହଠାତ ପାଜିମାହା ନିକଟରେ ଗୋଟିଏ ଦନ୍ତା ହାତୀ ବୁଦାରୁ ବାହାରି ଥିଲା। ହାତୀକୁ ଦେଖି ସଞ୍ଜୟ ଦୌଡି ପଳାଇଥିଲେ। କିନ୍ତୁ ସାମନ୍ତ(୫୫) ହାତୀ ହାବୁଡ଼ରେ ପଡିଯାଇଥିଲେ। ତାଙ୍କୁ ହାତୀ ଦଳି କଚାଡ଼ି ଦେଇଥିଲା। ଏଥିରେ ସାମନ୍ତଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ଏମିତି ମାରିବା ଦେଖି ଲୋକେ ହାତୀ ପାଗଳ ହୋଇ ଯାଇଥିବା କହିଛନ୍ତି। ଖବର ପାଇ ଭୁବନେଶ୍ୱରରେ ରହୁଥିବା ସାମନ୍ତଙ୍କ ବଡ଼ ଭାଇ ଶମ୍ଭୁ ଦିଗାଲ ପହଞ୍ଚି କ୍ଷତିପୂରଣ ଦାବି କରିବା ସହିତ ହାତୀ ଆତଙ୍କର ସ୍ଥାୟୀ ସମାଧାନ ଦାବି କରିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ସହିତ ପୁଲିସ ବିଭାଗ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ପୂର୍ବରୁ ସାଲାଂଶୁଗା ଗାଁରେ ହାତୀ ଘରେ ପଶିବାରୁ ଅଳ୍ପକେ ଏଗାର ▶ପୃଷ୍ଠା-୭

# ମେଟ୍ରୋ: ଆନ୍ଧ୍ରକୁ ସୁଗନ୍ଧ; ଓଡ଼ିଶାକୁ ଦୁର୍ଗନ୍ଧ !



- **ବିଜୟୱାଡ଼ା, ଭାଇଜାଗରେ ମେଟ୍ରୋ ଲାଗି ଆନ୍ଧ୍ରର ପ୍ରସ୍ତୁତି**
- **ବିନା କାରଣରେ ଓଡ଼ିଶା ସରକାର ବାତିଲ କଲେ ପ୍ରକଳ୍ପ**
- **କଳ୍ପନା-ନନ୍ଦନକାନନ ଫ୍ଲାଇଓଭର ପରେ ମେଟ୍ରୋ: ମନ୍ତ୍ରୀ**

■ **ଭୁବନେଶ୍ୱର, ୨୭।୭ (ସମିସ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟାଦେଶକୁ ବାତିଲ୍ କରିବା ପରେ ଅଡ଼ୁଆରେ ପଡ଼ିଛନ୍ତି ରାଜ୍ୟ ସରକାର। ମେଟ୍ରୋ ପ୍ରକଳ୍ପକୁ ବାତିଲ ପ୍ରସଙ୍ଗରେ ରାଜନୈତିକ ଦଳଠାରୁ ଆରମ୍ଭ କରି ସାଧାରଣ ନାଗରିକ ବି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ସମୟରେ ଡବଲ ଇଞ୍ଜିନ୍ ସରକାରର ସହଯୋଗୀ ଆନ୍ଧ୍ର ଇଞ୍ଜିନ୍ ଭାଇଜାଗ୍ ଓ ବିଜୟୱାଡାରେ ମେଟ୍ରୋ ପ୍ରକଳ୍ପ ପାଇଁ ଅଣ୍ଟା ଭିଡୁଥିବା ଖବର ଆସିବା ପରେ ଓଡ଼ିଶାରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଉଭୟ ଆନ୍ଧ୍ର ଓ ଓଡ଼ିଶାରେ ଗୋଟିଏ ସମୟରେ ସରକାର ଗଠନ ହୋଇଛି। ଓଡ଼ିଶାରେ ବିଜେପି ସରକାର କ୍ଷମତାସୀନ ଓ ଆନ୍ଧ୍ରରେ ବିଜେପି ସହଯୋଗରେ ଟିଡିପି ଶାସନ କରୁଛି। ମାତ୍ର ଆନ୍ଧ୍ର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼, ଉନ୍ନତ ଏବଂ ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଆଗକୁ ବଢୁଥିବା ବେଳେ ଓଡ଼ିଶାର ସରକାରଙ୍କ ଆଭିମୁଖ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂର୍ବ ବିଜେଡି ସରକାର ମେଟ୍ରୋ ପାଇଁ ଡିପିଆର ପ୍ରସ୍ତୁତ ଠାରୁ ଆରମ୍ଭ କରି ଏଥିପାଇଁ ବଜେଟରେ ଅର୍ଥ ମଧ୍ୟ ବ୍ୟୟବରାଦ କରିଥିଲେ। ପ୍ରଥମ ବର୍ଷ ପାଇଁ ୧ ହଜାର କୋଟି ଟଙ୍କା ବଜେଟରେ ବରାଦ ହୋଇଥିଲା। ଏପରିକି ୨୦୨୭ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ତ୍ରିଶୁଳିଆରୁ କଟକ ବସ୍‌ଷ୍ଟାଣ୍ଡ ଓ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ପୂର୍ବ ସରକାରଙ୍କ ପ୍ରକଳ୍ପକୁ ଆଗକୁ ବଢ଼ାଇବା ପରିବର୍ତ୍ତେ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି।

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମେଟ୍ରୋ ପ୍ରକଳ୍ପକୁ ନେଇ ବିଭିନ୍ନ ସମୟରେ ଦ୍ୱନ୍ଦ ସୃଷ୍ଟି ହୋଇଛି । ଏପରିକି ମେଟ୍ରୋ ପ୍ରକଳ୍ପ ମାଟି ତଳେ ଯିବ ନା ଉପରେ ଯିବ ସେ ନେଇ ସ୍ପଷ୍ଟ ହୋଇ ପାରି ନ ଥିଲା। ଜଣେ ମନ୍ତ୍ରୀ ଏହା ମାଟି ଉପରେ ▶ପୃଷ୍ଠା-୭

# ଶିବଭକ୍ତ ପାଲଟିଲେ ଜାପାନୀ କୋଟିପତି

**ନୂଆଦିଲ୍ଲୀ,୨୭ ।୭ (ଏଜେନ୍ସି):** ଆଧୁନିକ ଯୁଗରେ ଧନ, ପ୍ରତିଷ୍ଠା ଓ ପ୍ରତିପତ୍ତି ସବୁକିଛି ପାଲଟି ଥିବାବେଳେ ଜାପାନର ଜଣେ ଯୁବ ବ୍ୟବସାୟୀ କୋଟି କୋଟି ଟଙ୍କା ସମ୍ପତ୍ତିର ମୋହ ଛାଡି ଶିବଭକ୍ତ ପାଲଟିଛନ୍ତି। ସବୁ କିଛି ତ୍ୟାଗ କରି ଜାପାନରୁ ସେ ଭାରତ ଆସି ଧର୍ମ ଓ ସେବାର ରାସ୍ତାକୁ ବାଛିବା ସହ ଆଜିର ସ୍ୱାର୍ଥସର୍ବସ୍ୱ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ବ୍ୟକ୍ତି ହେଉଛନ୍ତି ୪୧ ବର୍ଷୀୟ ହୋଶି ଟାକାୟୁକି। ସେ ଏବେ 'ବାଲା କୁମ୍ଭ ଗୁରୁମଣି' ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ଟୋକିଓରେ ୧୫ଟି ସଫଳ ବ୍ୟୁଟି ପ୍ରଡକ୍ଟ ଷ୍ଟୋରର ସେ ମାଲିକ। ୨୦ଜଣ ଜାପାନୀ ଅନୁଗାମୀଙ୍କ ସହ ସେ ଗେରୁଆ ବସ୍ତ୍ର ଧାରଣ କରି ଉତ୍ତରାଖଣ୍ଡରେ ନିଜ ଆତ୍ମାର ଅନ୍ୱେଷଣ ଯାତ୍ରାରେ ନିମଗ୍ନ ରହିଛନ୍ତି। ଏବେ ଶ୍ରାବଣ ମାସରେ ଚାଲିଥିବା କାଉଡି ଯାତ୍ରା ପାଇଁ ସେ ନିଜକୁ ଉତ୍ସର୍ଗ କରିଛନ୍ତି। ଡେରାଡୁନ୍‌ରେ ସେ କାଉଡିଆଙ୍କ ପାଇଁ ଦୁଇଦିନ ଭୋଜନ ଶିବିରର ଆୟୋଜନ କରିଛନ୍ତି। ପୂର୍ବଜନ୍ମରେ ସେ ଉତ୍ତରାଖଣ୍ଡରେ ଜନ୍ମ ଗ୍ରହଣ କରିଥିଲେ ବୋଲି ଜଣେ ଜ୍ୟୋତିଷ ତାଙ୍କୁ କହିଥିଲେ। ଏହାପରେ ସେ ସ୍ୱପ୍ନରେ ଉତ୍ତରାଖଣ୍ଡର ଏକ ଗାଁରେ ନିଜକୁ ଦେଖିଥିଲେ। ସେବେଠାରୁ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା। ଦେବଭୂମି ଉତ୍ତରାଖଣ୍ଡ ପ୍ରତି ପ୍ରବଳ ଭଲ ପାଇବା ତାଙ୍କୁ ଭାରତକୁ ଟାଣି ଆଣିଛି। ଏବେ ବି ସେ ଉତ୍ତରାଖଣ୍ଡରେ ନିଜ ଗାଁକୁ ଖୋଜିବାରେ ଲାଗିଛନ୍ତି ବୋଲି କହିଛନ୍ତି। ଶିବଭକ୍ତିରେ ନିଜକୁ ଉତ୍ସର୍ଗ କରିଥିବା ଟାକାୟୁକି ଟୋକିଓସ୍ଥିତ ନିଜ ଘରକୁ ମଧ୍ୟ ଏକ ଶିବ ମନ୍ଦିରରେ ପରିଣତ କରିଛନ୍ତି। ସେ ଜାପାନ୍‌ରେ ଆଉ ଏକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ସେହିପରି ସେ ପୁଡୁଚେରୀରେ ୩୫ ଏକର ଜମିରେ ଏକ ବିଶାଳ ଶିବ ମନ୍ଦିର ନିର୍ମାଣ କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେ ଉତ୍ତରାଖଣ୍ଡରେ ମଧ୍ୟ ଏକ ଆଶ୍ରମ ଖୋଲିବେ ବୋଲି କହିଛନ୍ତି।



# ମଦ୍ୟପ ସ୍ୱାମୀ ପାଇଁ ୩ ଝିଅଙ୍କୁ ହତ୍ୟା

**ଥାନେ, ୨୭।୭ (ଏଜେନ୍ସି):** ମହାରାଷ୍ଟ୍ର ଥାନେରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ମଦ୍ୟପ ସ୍ୱାମୀର ଜୁଲମରେ ଅତିଷ୍ଠ ହୋଇ ପତ୍ନୀ ଚରମ ପଦକ୍ଷେପ ନେଇଛି। ନିଜର ତିନି ନାବାଳିକା ଝିଅଙ୍କୁ ବିଷ ଦେଇ ହତ୍ୟା କରିଛି। ପୁଲିସ ସୂଚନା ଅନୁଯାୟୀ ଅସନୋଲି ଗ୍ରାମର ତାଲେପଡ଼ାର ବାସିନ୍ଦା ସନ୍ଧ୍ୟା ସନ୍ଦୀପ ବେରେ (୨୭) ଗତ ୨୦ ତାରିଖ ରାତିରେ ନିଜର ୫, ୮ ଏବଂ ୧୦ ବର୍ଷର ଝିଅକୁ ଭାତ ଏବଂ ମାଛ ତରକାରୀରେ କୀଟନାଶକ ମିଶାଇ ଖାଇବାକୁ ଦେଇଥିଲେ। ଏହା ପରେ ତିନି ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଥିଲା। ବାନ୍ତି ଏବଂ ମୁଣ୍ଡ ବୁଲାଇବାରୁ ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବା ପରେ ଗତ ୨୪ ଏବଂ ୨୫ରେ ତିନି ଝିଅଙ୍କ ମୃତ୍ୟୁ ହୋଇଥିଲା। ଖିନାଭିଲ ପୁଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଜି ମାଆଙ୍କୁ ଗିରଫ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ସ୍ୱାମୀ ମଦୁଆ ହୋଇଥିବାରୁ ସ୍ତ୍ରୀ ଚିନ୍ତିତ ଥିଲେ। ଏଥିପାଇଁ ସ୍ୱାମୀଙ୍କଠାରୁ ଅଲଗା ହୋଇ ରହୁଥିଲେ। ତେବେ ତିନି ଝିଅଙ୍କ ଯତ୍ନ ନେବା ପାଇଁ ସେ ସଂଘର୍ଷ କରୁଥିଲେ। ଏଥିଯୋଗୁଁ ସେ ଝିଅମାନଙ୍କୁ ମାରି ଥିଲେ।




## ୬ ବର୍ଷ ପରେ 'ମାତୋଶ୍ରୀ'ରେ ରାଜ୍



**ମୁମ୍ବଇ,୨୭ ।୭ (ଏଜେନ୍ସି):** ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ସୁପ୍ରିମୋ ରାଜ ଠାକ୍‌ରେ ଦୀର୍ଘ ୬ ବର୍ଷ ପରେ ବଡ଼ ଭାଇ ତଥା ଶିବସେନା ୟୁଟିବି ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ଘର ମାତୋଶ୍ରୀରେ ପହଞ୍ଚିଛନ୍ତି। ରାଜ୍ ଏହି ଅବସରରେ ଉଦ୍ଧବଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ପରସ୍ପରକୁ ଆଲିଙ୍ଗନ କରିଥିଲେ। ପୂର୍ବରୁ ୬ ବର୍ଷ ତଳେ ୨୦୧୯ରେ ରାଜ ଶେଷଥର ପାଇଁ ମାତୋଶ୍ରୀ ଯାଇଥିଲେ। ପୁଅ ଅମିତର ବାହାଘର ପାଇଁ ଉଦ୍ଧବ ଓ ତାଙ୍କ ପରିବାରକୁ ରାଜ ନିମନ୍ତ୍ରଣ କରିଥିଲେ। ତେବେ ଔପଚାରିକ ଭାବେ ରାଜ ୨୦୧୨ରେ ମାତୋଶ୍ରୀ ଯାଇଥିଲେ ଓ ସେତେବେଳେ ବାଲାସାହେବ ଠାକ୍‌ରେ ରୋଗଶଯ୍ୟାରେ ଥିଲେ। ୨୦ ବର୍ଷ ପରେ ଗତ ୫ ତାରିଖରେ ଦୁଇ ଭାଇ ରାଜାନୀତି ପାଇଁ ମୁମ୍ବଇର ୱର୍ଲି ଡୋମ୍‌ର ଏକ ରାଲିରେ ଏକାଠି ହୋଇଥିଲେ। ଏବେ ଦୁହେଁ ସାଥି ହୋଇ ରାଜନୀତିରେ ଅବତୀର୍ଣ୍ଣ ହେବେ ବୋଲି ଆଶା କରାଯାଉଛି।

## ସାଂସଦଙ୍କୁ ହୁଇପ୍ ଜାରି କଲା କଂଗ୍ରେସ

**ନୂଆଦିଲ୍ଲୀ, ୨୭ ।୭ (ଏଜେନ୍ସି):** ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ତା'ର ଲୋକସଭା ସାଂସଦଙ୍କୁ ୩ ଧାଡିର ହୁଇପ୍ ଜାରି କରିଛି। ସବୁ ସଦସ୍ୟଙ୍କୁ ଲୋକସଭାରେ ଉପସ୍ଥିତ ରହିବାକୁ ଦଳ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଗୃହରେ 'ଅପରେସନ ସିନ୍ଦୂର' ନେଇ ଆଲୋଚନା ପାଇଁ କଂଗ୍ରେସର ନୀତିକୁ ସମର୍ଥନ ଓ ଦଳର ସ୍ଥିତିକୁ ମଜଭୁତ କରିବାକୁ ସବୁ ସଦସ୍ୟଙ୍କୁ ଦିନ ୧୧ଟାରୁ ଉପସ୍ଥିତ ରହିବାକୁ କୁହାଯାଇଛି। ଲୋକସଭାରେ କଂଗ୍ରେସର ୯୯ ଜଣ ସାଂସଦ ରହିଛନ୍ତି।

## ରେଭ୍ ପାର୍ଟିରୁ ପୂର୍ବତନ ମନ୍ତ୍ରୀଙ୍କ ଜ୍ୱାଇଁ ଗିରଫ

**ପୁଣେ,୨୭ ।୭ (ଏଜେନ୍ସି):** ପୁଣେ ପୁଲିସ ଶନିବାର ଏକ ଆପାର୍ଟମେଣ୍ଟରେ ଚାଲିଥିବା ରେଭ ପାର୍ଟିରେ ଚଢ଼ଉ କରି ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପି (ଶରଦ ପାୱାର) ନେତା ଏକନାଥ ଖଡସେଙ୍କ ଜ୍ୱାଇଁ ପ୍ରାଞ୍ଜଲ ଖେବଲକରଙ୍କୁ ଗିରଫ କରିଛି। ଏଠାରୁ ମଦ, ଗଞ୍ଜେଇ ଓ ହୁକ୍କା ଜବତ କରାଯାଇଥିଲା। ପ୍ରାଞ୍ଜଲଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୨ଜଣ ମହିଳା ସାମିଲ ରହିଛନ୍ତି। ଜ୍ୱାଇଁଙ୍କୁ ଗିରଫ ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ଏକନାଥ କହିଛନ୍ତି। ପ୍ରାଞ୍ଜଲ ହେଉଛନ୍ତି ଏକନାଥଙ୍କ ଝିଅ ରୋହିଣୀ ଖଡସେଙ୍କ ସ୍ୱାମୀ। ରୋହିଣୀ ଏନ୍‌ସିପିର ମହିଳା ମୋର୍ଚ୍ଚାର ପ୍ରଦେଶ ଅଧ୍ୟକ୍ଷ ଅଛନ୍ତି।

## ଅଷ୍ଟ୍ରେଲିଆରେ ଭାରତୀୟଙ୍କୁ ଆକ୍ରମଣ

**କାନବେରା,୨୭ ।୭ (ଏଜେନ୍ସି):** ଅଷ୍ଟ୍ରେଲିଆରେ ଭାରତୀୟଙ୍କ ପ୍ରତି ବେର୍ଣ୍ଣବୈଷମ୍ୟ ଭେଦଭାବ ବଢ଼ିବାରେ ଲାଗିଛି। ଶନିବାର ମେଲବୋର୍ଣ୍ଣର ସେଣ୍ଟ୍ରାଲ ସ୍କୋୟାର ସପିଂ ସେଣ୍ଟର ବାହାରେ ୫ ଜଣ ନାବାଳିକ ଭାରତୀୟ ବଂଶୋଦ୍ଭବ ସୌରଭ ଆନନ୍ଦଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନେ ସୌରଭଙ୍କ ହାତର କଟଟିକୁ ହାଣି ଦେଇଛନ୍ତି। ସୌରଭଙ୍କ ମେରୁଦଣ୍ଡ ଓ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି।

## ଜାଲ୍ ଭିସାରେ ବିଦେଶ ଯାଇ ବାହାହେଲେ ସିନୱାରଙ୍କ ପତ୍ନୀ



**ଗାଜା,୨୭ ।୭ (ଏଜେନ୍ସି):** ପୂର୍ବତନ ହମାସ ମୁଖ୍ୟ ୟାହା ସିନୱାରଙ୍କ ବିଧବା ପତ୍ନୀ ସାମାର ମୁହମ୍ମାଦ ଅବୁ ଜମାର ଗାଜାରୁ ଲୁଚି ପଳାଇବା ସହ ନକଲି ପାସ୍‌ପୋର୍ଟ ସହ ତୁର୍କୀ ଯାଇ ପୁଣି ଥରେ ବିବାହ କରିଛନ୍ତି। ସାମାର ୨୦୧୧ରେ ସିନୱାରଙ୍କୁ ବିବାହ କରିଥିଲେ। କିନ୍ତୁ ଗତବର୍ଷ ଅକ୍ଟୋବରରେ ସିନୱାର ମୃତ୍ୟୁବରଣ କରିଥିଲେ। ସାମାର ନିଜ ପିଲାଙ୍କ ତୁର୍କୀ ଚାଲିଯାଇଛନ୍ତି।

### ବିହାରରେ ଚାଲିଛି ଜଙ୍ଗଲ ରାଜ୍

# ୭ ମାସରେ ୧୪୩୬ ହତ୍ୟା

**ପାଟନା, ୨୭।୭ (ଏଜେନ୍ସି):**

ବିହାରକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି। ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଭୋଟର ତାଲିକା ଯାଞ୍ଚ (ଏସଆଇଆର) କୁ ନେଇ ବିରୋଧୀ ନିର୍ବାଚନ କମିଶନ ଏବଂ ସରକାରଙ୍କୁ ନିଶାଣ କରୁଥିବାବେଳେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ମେଣ୍ଟ ସରକାରର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଙ୍ଗଲ ରାଜ୍‌କୁ ନେଇ ପୂର୍ବତନ ଆରଜେଡି ସରକାରଙ୍କୁ ଦୋଷ ଦେଉଥିବା ମେଣ୍ଟ ସରକାର ଏବେ ଆଇନଶୃଙ୍ଖଳାକୁ ନେଇ ହରଡ଼ଘଣାରେ ପଡ଼ିଛି। ନିର୍ବାଚନ ପୂର୍ବରୁ ଏହା ସରକାରଙ୍କ ମୁଣ୍ଡବିନ୍ଧା ପାଲଟିଛି। ସ୍ଥିତି ଏପରି ହୋଇଛି ଯେ ଦିନ ଦ୍ୱିପହରେ ହତ୍ୟା କରାଯାଉଛି। ହସ୍ପିଟାଲରେ ପଶି ସୁଟର ନିର୍ଦ୍ଦ୍ୱନ୍ଦ୍ୱରେ ହତ୍ୟା କରି ଫେରାର ହୋଇ ଯାଉଛନ୍ତି। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ୩୦ ପର୍ଯ୍ୟନ୍ତ ରାଜ୍ୟରେ ୧୩୭୬ ହତ୍ୟା କରାଗଲାଣି। କେବଳ ଜୁଲାଇ ୧ରୁ ୨୨ ମଧ୍ୟରେ ୬୦ରୁ ଅଧିକ ହତ୍ୟା ହେଲାଣି। ଏଥିରେ ରାଜଧାନୀ ପାଟନାରେ ହୋଇଥିବା ୧୧ ହତ୍ୟା ସାମିଲ ରହିଛି। ଏହା ମଧ୍ୟରୁ ୪ଟି ହତ୍ୟା ସୁପାରୀ ଦେଇ କରାଯାଇଥିଲା। ଏହି ସବୁ ପଛରେ ସୁପାରୀ କାରବାରର କଳ ସାମ୍ରାଜ୍ୟ ରହିଛି। ପତିଆରା ରାଜନୀତି, ପ୍ରେମ ବ୍ୟାପାର ହେଉ କି ଜମି ମାମଲା ସବୁଥିରେ ସୁପାରୀ ଦିଆଯାଉଛି। ଅପରାଧୀ ଜେଲ୍‌ରେ ଥାଉ ଅବା ବାହାରେ ୨ ହଜାର ଟଙ୍କାର ଅଗ୍ରୀମ ଦେଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁପାରୀରେ ହତ୍ୟା କରାଯାଉଛି। ଆର୍ଥିକ ସ୍ଥିତିକୁ ଦେଖି ହତ୍ୟାର ମୂଲ୍ୟ ସ୍ଥିର କରାଯାଉଛି।

ବିହାରରେ ସୁପାରୀ ହତ୍ୟା ଉଦ୍ୟୋଗ ଚାଲିଥିବା ସତ୍ତ୍ୱେ ପୁଲିସ ମୁଖ୍ୟାଳୟ ପାଖରେ ଏହାର କୌଣସି ତଥ୍ୟ ନାହିଁ। ୩୮ ଜିଲ୍ଲା, ୨ ପୁଲିସ ଜିଲ୍ଲା ଏବଂ ୪ ରେଳ ଜିଲ୍ଲାରେ ଥିବା ୧୩୮୦ ଥାନାରେ ରୁଜୁ ମାମଲାର ବିଶ୍ଳେଷଣ କରିବାରୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ପ୍ରାୟ ୩୦ ପ୍ରତିଶତ ହତ୍ୟା ସୁପାରୀ ଦେଇ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତ ୧୭ ତାରିଖରେ ପତିଆରା ପାଇଁ ମେଡିକାଲ ଭିତରେ ବସି ଗ୍ୟାଙ୍ଗଷ୍ଟର ଚନ୍ଦନ ମିଶ୍ରାକୁ ହତ୍ୟା କରାଯାଇଥିଲା। ଏଥିପାଇଁ ୪ ଲକ୍ଷ ଟଙ୍କା ସୁପାରୀ ଦିଆଯାଇଥିଲା। ଚନ୍ଦନ ବାହାରକୁ ପଳାଇ ଆସିଲେ ଅସ୍ତିତ୍ୱ ସଙ୍କଟରେ ପଡ଼ିଯିବ ବୋଲି ଅନ୍ୟ ଗ୍ୟାଙ୍ଗର ସଦସ୍ୟ ଭାବିଥିଲେ। ସେହିପରି ଗତ ୪ ତାରିଖରେ ଜମି ପାଇଁ ପାଟନାର ଗାନ୍ଧୀ ମୈଦାନ ଅଞ୍ଚଳରେ ବ୍ୟବସାୟୀ ଗୋପାଳ ଖେମକାଙ୍କୁ ହତ୍ୟା କରାଯାଇଥିଲା। ଜୁନ୍ ୨୪ରେ ଔରଙ୍ଗାବାଦର ନବୀନଗରରେ ପ୍ରିୟାଂଶୁଙ୍କୁ ଗୁଳି ମାରି ହତ୍ୟା କରାଯାଇଥିଲା। ଏଥିପାଇଁ ପ୍ରିୟାଂଶୁଙ୍କ ପତ୍ନୀ ଗୁଞ୍ଜା ସିଂହ ଚଉଠି ରାତି ଦିନ ପ୍ରେମିକ ସହ ମିଶି ୫ ଲକ୍ଷରେ ସୁପାରୀ ଦେଇଥିଲେ। ଗତ ୧୨ ତାରିଖରେ ରାଜନୀତି ପାଇଁ ବିଜେପି କର୍ମୀ ସୁରେନ୍ଦ୍ର ପ୍ରସାଦଙ୍କୁ ପାଟନାର ଶେଖପୁରାରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ପାଇଁ ୨ ଲକ୍ଷ ଟଙ୍କାରେ ଚୁକ୍ତି ହୋଇଥିଲା। ଏଥିପାଇଁ ଅଗ୍ରୀମ ଭାବେ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

**ପ୍ରତି ଦୁଇ ଜଣରେ ଜଣଙ୍କୁ ସୁପାରୀ ଦେଇ ହତ୍ୟା**



- ଜୁଲାଇରେ ୬୦ ଜଣଙ୍କ ଜୀବନ ନେଲେଣି
- ଚଉଠି ରାତିରେ ସ୍ୱାମୀଙ୍କ ସୁପାରୀ
- ୨ ହଜାର ଟଙ୍କାରେ ନେତାଙ୍କୁ ହତ୍ୟା

**ନକଲି ଦୂତାବାସ ମାମଲା**

## ୧୬୨ ବିଦେଶ ଗସ୍ତ; ୩୦୦ କୋଟିର ଦୁର୍ନୀତି

**ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି):** ଗାଜିଆବାଦରୁ ଜାଲ୍ ଦୂତାବାସ ଚଳାଇବା ମାମଲାରେ ହର୍ଷବର୍ଦ୍ଧନ ଜୈନକୁ ଗିରଫ କରାଯାଇଛି। ସେ ୮ ବର୍ଷ ହେଲା ଏହି ଗୋଲକ ଧନ୍ଦା ଚଲାଇଥିଲା। ଲୋକଙ୍କୁ ଚାକିରି ଦେବା ନାମରେ ମୋଟା ଅଙ୍କର ଅର୍ଥ ଲୁଟୁ ଥିଲା। ଜେରା ସମୟରେ ସେ ବିସ୍ଫୋରକ ତଥ୍ୟ ଦେଇଛି। ଏହି ଦୂତାବାସ ମାଧ୍ୟମରେ ୩୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି, ୧୦ ବର୍ଷରେ ୧୬୨ ବିଦେଶ ଗସ୍ତ ଏବଂ ବିଦେଶ ବ୍ୟାଙ୍କରେ ଅନେକ ଆକାଉଣ୍ଟ ଥିବା ଜଣାପଡ଼ିଛି। ଜଣେ ଆତ୍ମଘୋଷିତ ବିବାଦୀୟ ବାବା ଚନ୍ଦ୍ରାସ୍ୱାମୀ ଏବଂ ସାଉଦି ଆରବର ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ଅଦନାନ ଖସୋଗୀ ସହ ମଧ୍ୟ ଜୈନର ସମ୍ପର୍କ ରହିଥିଲା। ୮୦ ଏବଂ ୯୦ ଦଶକରେ ଚନ୍ଦ୍ରାସ୍ୱାମୀଙ୍କ ପ୍ରଭାବ ରହିଥିଲା। ସେ ତିନି ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିହ୍ମା ରାଓ, ଚନ୍ଦ୍ର ଶେଖର ଏବଂ ଭିପି ସିଂହଙ୍କ ଆଧ୍ୟାତ୍ମିକ ପରାମର୍ଶଦାତା ଥିଲେ। ଆର୍ଥିକ କାରବାରରେ ଅନିୟମିତତା ମାମଲାରେ ଚନ୍ଦ୍ରାସ୍ୱାମୀଙ୍କୁ ୧୯୯୬ରେ ଗିରଫ କରାଯାଇଥିଲା। ସେ ଦିବଂଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ପାଣ୍ଠି ଦେଇଥିବା ମଧ୍ୟ ଅଭିଯୋଗ ଲାଗିଥିଲା। ଚନ୍ଦ୍ରାସ୍ୱାମୀ ହିଁ ଖସୋଗୀ ଏବଂ ଠକ ଅହସାନ ଅଲି ସୈଦ ସହ ଜୈନକୁ ଭେଟ କରାଇ ଥିଲା।

**ଗାଜାରେ ଖାଦ୍ୟ ସଙ୍କଟ**

## ୮୧ ଶିଶୁଙ୍କ ସମେତ ୧୨୪ ମୃତ

**ଗାଜା,୨୭ ।୭ (ଏଜେନ୍ସି):** ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ଗାଜାରେ ଉତ୍କଟ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି। ଲୋକେ ଖାଇବାପିଇବାକୁ ନ ପାଇ ମୃତ୍ୟୁକୁ ଚାହିଁ ରହିଛନ୍ତି। ଖାଦ୍ୟ ପାଇଁ ସଂଘର୍ଷ ହେଉଛି। ଦଳଚକଟାରେ ଅନେକ ଲୋକଙ୍କ ମଧ୍ୟ ଜୀବନ ଯାଉଛି। ଏହି ଯୁଦ୍ଧରେ ଏ ପର୍ଯ୍ୟନ୍ତ ଖାଦ୍ୟାଭାବରୁ ୧୨୪ ଜଣ ପ୍ରାଣ ହରାଇଲେଣି। ଏମାନଙ୍କ ମଧ୍ୟରେ ୮୧ ଶିଶୁ ସାମିଲ ଅଛନ୍ତି। ଚଳିତ ମାସରେ ହିଁ କେବଳ ୪୦ ଜଣ ଭୋକରେ ଜୀବନ ହାରିଛନ୍ତି। ଏମାନଙ୍କ ମଧ୍ୟରେ ୧୬ ଜଣ ଛୋଟ ପିଲା ରହିଛନ୍ତି। ଗାଜାରେ ଏବେ ୫୦ ଗ୍ରାମ୍‌ର ବିସ୍କୁଟ ପ୍ୟାକେଟ୍ ଦାମ୍ ୭୫୦ ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥିତିରେ କୁପୋଷଣ ବୃଦ୍ଧି ପାଇଛି ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି।




ଏହା ମଧ୍ୟରେ ଇସ୍ରାଏଲ ପ୍ରଥମଥର ପାଇଁ ଗାଜାରେ ସାହାଯ୍ୟ ଓ ସହାୟତା ପହଞ୍ଚାଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଅଟା, ଚିନି, ଔଷଧ ଓ ରେଡିମେଡ୍ ଖାଦ୍ୟ ପ୍ୟାକେଟ୍ ଉଡାଜାହାଜରୁ ପକାଇଥିଲା। ଅନ୍ତରାଷ୍ଟ୍ରୀୟ ସଂଗଠନ ସହ ସାଥିହୋଇ ଇସ୍ରାଏଲ ଏହି ପଦକ୍ଷେପ ନେଇଛି।

## ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ, କାମ୍ବୋଡ଼ିଆ ରାଜି: ଟ୍ରମ୍ପ

**ନୂଆଦିଲ୍ଲୀ, ୨୭ ।୭ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଥାଇଲାଣ୍ଡ ଓ କାମ୍ବୋଡିଆ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି ବୋଲି ସ୍କଟଲାଣ୍ଡ ଗସ୍ତରେ ଯାଇଥିବା ଟ୍ରମ୍ପ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଏହାକୁ ନେଇ ପୁଣିଥରେ ଭାରତ-ପାକିସ୍ତାନ ଯୁଦ୍ଧ କଥା ମନେ ପକାଇଦେଇଛନ୍ତି। ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟ ଚାଲିଥିବା ଯୁଦ୍ଧକୁ ସଫଳତାର ସହ ରୋକିବାକୁ ଆମେ ସକ୍ଷମ ହୋଇଛୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଗତ ୩ ଦିନଧରି ଏହି ଯୁଦ୍ଧ ଜାରି ରହିଥିଲା। ଯଦି ଯୁଦ୍ଧ ବନ୍ଦ ନ ହୁଏ ତେବେ ଆମେରିକା ଏହି ଦୁଇ ଦେଶ ସହ କୌଣସି ବାଣିଜ୍ୟ ତଥା ବ୍ୟବସାୟିକ ଚୁକ୍ତି କରିବ ନାହିଁ ବୋଲି କହିଥିଲା। ଏହିକ୍ରମରେ ଡୋନାଲ୍ଡ ଟ୍ରମ୍ପ ଥାଇଲାଣ୍ଡ କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ଥାମ ୱେଚାୟାଚାଇ ଓ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ୍‌ଙ୍କ ପୃଥକ ଭାବେ କଥା ହୋଇଥିଲେ। ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କୁ ଧନ୍ୟବାଦ ଦେବାସହ କାମ୍ବୋଡିଆକୁ ଏ ନେଇ ଗୁରୁତ୍ୱ ଦେବାକୁ ହେବ ବୋଲି କହିଛନ୍ତି।

**ବିହାର ଏସଆଇଆର୍ ତଥ୍ୟ ଜାରି**

## ଭୋଟର ତାଲିକାରୁ ହଟିଲା ୬୫ ଲକ୍ଷ ନାମ

**ପାଟନା, ୨୭।୭ (ଏଜେନ୍ସି):** ନିର୍ବାଚନ କମିଶନ ରବିବାର ବିହାର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)ର ପ୍ରଥମ ପର୍ଯ୍ୟାୟ ତଥ୍ୟ ଜାରି କରିଛନ୍ତି। ଏବେ ବିହାରରେ ୭.୨୪ କୋଟି ଭୋଟର ଅଛନ୍ତି ବୋଲି ଅଥିରେ କୁହାଯାଉଛି। ପୂର୍ବରୁ ଏହା ୭.୮୯ କୋଟି ଥିଲା। ଭୋଟର ତାଲିକା ଯାଞ୍ଚ ପରେ ୬୫ ଲକ୍ଷ ନାମକୁ ତାଲିକାରୁ ହଟାଇ ଦିଆଯାଇଛି। ହଟା ଯାଇଥିବା ନାମ ମଧ୍ୟରେ ପ୍ରାଣ ହରାଇଥିବା ଏବଂ ଅନ୍ୟ ସ୍ଥାନର ସ୍ଥାୟୀ ବାସିନ୍ଦା ହୋଇ ଯାଇଥିବା କିମ୍ବା ଦୁଇ ଥର ତାଲିକାରେ ନାମ ଥିବା ଲୋକ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୨ ଲକ୍ଷଙ୍କ ମୃତ୍ୟୁ ହୋଇଗଲାଣି। ୩୬ ଲକ୍ଷ ଭୋଟର ଅନ୍ୟ ସ୍ଥାନକୁ ଚାଲି ଯାଇଛନ୍ତି ଏବଂ ୭ ଲକ୍ଷ ଲୋକ ଅନ୍ୟ କୌଣସି କ୍ଷେତ୍ରର ସ୍ଥାୟୀ ବାସିନ୍ଦା ହୋଇ ସାରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ଯୋଗ୍ୟ ଭୋଟରଙ୍କୁ ଏହି ତାଲିକାରେ ସାମିଲ କରାଯିବ।

ଅନ୍ୟପକ୍ଷରେ ବିରୋଧୀ ଦଳଗୁଡିକ ଏସଆଇଆରକୁ ସଂସ୍ଥାଗତ ଅହଙ୍କାର କହିଛନ୍ତି। ଏହା ମଧ୍ୟରେ ଏଡିଆର ଏବଂ ଆରଜେଡି ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ଦାଏର କରି କୁହାଯାଇଛି ଯେ ଏସଆଇଆର ପ୍ରକ୍ରିୟାରେ ଭୋଟରଙ୍କୁ ଠକାଯାଉଛି। ଅନେକ ସ୍ଥାନରେ ବିଏଲଓ ନିଜେ ଫର୍ମ ପୂରଣ କରୁଛନ୍ତି। ମୃତବ୍ୟକ୍ତିଙ୍କ ନାମରେ ଏହା ଜମା କରୁଛନ୍ତି। ସେହିପରି ଅନ୍ୟ ରାଜ୍ୟରେ ରହୁଥିବା ବିହାରର ସିଂହଭାଗ ପ୍ରବାସୀ ଶ୍ରମିକ ଏସଆଇଆର ବିଷୟରେ ଜାଣିନାହାନ୍ତି ବୋଲି 'ସ୍ୱାନ୍' ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡ଼ିଛି।

**ବାଦ୍ ପଡ଼ିଲେ ୨୨ ଲକ୍ଷ ମୃତ ଭୋଟର**

**ଆମେରିକାରେ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ**

# ଅଳ୍ପକେ ବର୍ତ୍ତିଲା ୧୭୯ ଜଣଙ୍କ ଜୀବନ


**ଡେନଭର, ୨୭।୭ (ଏଜେନ୍ସି):**

ଜୁନ୍ ୧୨ରେ ଅହମଦାବାଦରେ ଏୟାର ଇଣ୍ଡିଆର ବୋଇଂ ବିମାନ (୭୮୭-୮) ଦୁର୍ଘଟଣାଗ୍ରସ୍ତ ହୋଇ ମେଡିକାଲ କଲେଜ ଉପରେ ଖସି ପଡ଼ିଥିଲା। ଏଥିରେ ବିମାନର ଜଣେ ଯାତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କ ସମେତ ୨୭୦ ଜଣଙ୍କ ମୃତ୍ୟୁ ହୋଇଥିଲା। ବିଶ୍ୱକୁ ଥରାଇ ଦେଇଥିବା ଏହି ହୃଦୟ ବିଦାରକ ଦୁର୍ଘଟଣା ମନରୁ ଯାଇ ନ ଥିବାବେଳେ ଏବେ ଆମେରିକାର ଡେନଭର ବିମାନବନ୍ଦରରେ ବଡ଼ ଅଘଟଣ ଘଟିଛି। ଅହମଦାବାଦ ଦୁର୍ଘଟଣାର ଚୂଡ଼ାନ୍ତ ରିପୋର୍ଟ ଆସିବା ପୂର୍ବରୁ ବିଦେଶୀ ଗଣମାଧ୍ୟମ ପାଇଲଟ୍‌ଙ୍କୁ ଦୋଷ ଦେଇ କମ୍ପାନୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଥିବାବେଳେ ଶନିବାର ଅପରାହ୍ଣରେ ଆମେରିକାନ ଏୟାରଲାଇନ୍ସର 'ବୋଇଂ ୭୮୭ ମାକ୍ସ ୮ ବିମାନ' ଦୁର୍ଘଟଣାଗ୍ରସ୍ତ ହୋଇଛି। ଲ୍ୟାଣ୍ଡିଂ ଗିୟର ଫେଲ୍ ହୋଇଯିବା ଯୋଗୁଁ ଏହି ବିମାନର ପଛ ଭାଗରେ ନିଆଁ ଲାଗିଯାଇଛି। ଏଥିଯୋଗୁଁ ରନୱେ ଧୂଆଁମୟ ହୋଇଯାଇଥିଲା। ଏହା ଚାରିଆଡେ ବ୍ୟାପି ଯାଇଥିଲା। ଏହା ଦେଖିବା ପରେ ଯାତ୍ରୀଙ୍କ ମଧ୍ୟରେ ଛନକା ପଶିଥିଲା। ସମସ୍ତେ ଭୟରେ ଥରହର ହୋଇଥିଲେ। ପାଇଲଟ ବିମାନକୁ ଅଟକାଇ ଏମର୍ଜେନ୍ସି ଗେଟ୍ ଖୋଲିଥିଲେ। ଏହି ସ୍ଲାଇଡର ଦେଇ ଯାତ୍ରୀ ଭୟରେ ଦୌଡ଼ି ଦୌଡ଼ି ଜଣକ ପରେ ଜଣେ ବାହାରକୁ ଆସିଥିଲେ। ଏହାର ଭିଡିଓ ଖୁବ୍ ଭାଇରାଲ ହେଉଛି। ଅଳ୍ପକେ ୧୭୩ ଯାତ୍ରୀ ଏବଂ ୬ କ୍ର୍ୟୁ ସଦସ୍ୟଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଥିଲା। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। କେବଳ ୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଏବେ ପୁଣି ବୋଇଂ ବିମାନର ସୁରକ୍ଷା ବୈଶିଷ୍ଟ୍ୟକୁ ନେଇ ପ୍ରଶ୍ନ ଉଠିଛି। ଅହମଦାବାଦ ଦୁର୍ଘଟଣାକୁ ନେଇ ବୋଇଂ କମ୍ପାନୀ ବଞ୍ଚାଇବାକୁ ପ୍ରୟାସ କରୁଥିବା ଆମେରିକା ଗଣମାଧ୍ୟମ ଏବେ ଚେତିବ ବୋଲି କୁହାଯାଉଛି।

ଆମେରିକା ଏୟାରଲାଇନ୍ସର ଏହି ବିମାନ ମିଆମି ଅଭିମୁଖେ ବାହାରି ଥିଲା। ମାତ୍ର ଉଡ଼ାଣ ଆରମ୍ଭ ହେବା ପୂର୍ବରୁ ଭାରତୀୟ ସମୟ ଶନିବାର ରାତି ୨ଟା ୧୫ରେ ଏହି ଅଘଟଣ ଘଟିଥିଲା। ଏବେ ବିମାନକୁ ସେବାରୁ ବାଦ୍ ଦିଆଯାଇଛି। ଏଥିରେ ଯାନ୍ତ୍ରିକ ତ୍ରୁଟି ଥିଲା। ବିମାନର ଟାୟାର ଖରାପ ହୋଇ ଯାଇଥିଲା ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଉଛି। ଫେଡେରାଲ ଆଭିଏନସ ଆଡମିନିଷ୍ଟ୍ରେସନ (ଏଫଏଏ) ଏବଂ ଏୟାରଲାଇନ୍ସ ପକ୍ଷରୁ ମାମଲାର ଯାଞ୍ଚ ଆରମ୍ଭ କରାଯାଇଛି। ସେହିପରି ଅନ୍ୟ ଏକ ବିମାନରେ ଯାତ୍ରୀଙ୍କୁ ମିଆମି ନିଆଯାଇଛି। ଏହି ଦୁର୍ଘଟଣା ଯୋଗୁଁ ୮୭ ଉଡ଼ାଣ ପ୍ରଭାବିତ ହୋଇଛି। ଏହା ପୂର୍ବରୁ ଗତ ମାର୍ଚ୍ଚରେ ଏହି ବିମାନବନ୍ଦରରେ ଆମେରିକା ଏୟାରଲାଇନ୍ସର ବୋଇଂ ୭୮୭-୮୦୦ ବିମାନରେ ନିଆଁ ଲାଗି ଯାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ ବୋଇଂ ବିମାନରୁ ଓହ୍ଲାଇବା ବେଳେ ନିଜ ପିଲାଙ୍କ ବଦଳରେ ଜିନିଷପତ୍ର ବାହାର କରିବାକୁ ପ୍ରାଧାନ୍ୟ ଦେଇଥିବାରୁ ଜଣେ ଯାତ୍ରୀଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି।

ବୋଇଂ ବିମାନକୁ ଉଡ଼ନ୍ତା କଫିନ କୁହାଯାଏ। ଏ ପର୍ଯ୍ୟନ୍ତ ସାରା ବିଶ୍ୱରେ ଏହି ବିମାନ ୬ ହଜାର ଥର ଦୁର୍ଘଟଣାଗ୍ରସ୍ତ ହେଲାଣି। ଏଥିରୁ ୪୧୫ଟି ଭୟଙ୍କର ଦୁର୍ଘଟଣା ଥିଲା। ଏହି ଦୁର୍ଘଟଣାରେ ୯ ହଜାର ଜୀବନ ନେଲାଣି। କେବଳ ବୋଇଂ ୭୩୭ ବିମାନ ୫୨୯ ଥର ଦୁର୍ଘଟଣାର ଶିକାର ହେଲାଣି। ଏହା ୫,୭୭୯ ଜଣଙ୍କ ମୃତ୍ୟୁର କାରଣ ପାଲଟିଛି।

**ଲ୍ୟାଣ୍ଡିଂ ଗିୟର ଫେଲ୍; ବିମାନରେ ଲାଗିଗଲା ନିଆଁ**




- ଏମର୍ଜେନ୍ସି ସ୍ଲାଇଡରରେ ବାହାରିଲେ ଯାତ୍ରୀ
- ଅହମଦାବାଦ ଦୁର୍ଘଟଣାରେ ଯାଇଥିଲା ୨୭୦ ଜୀବନ
- ଏପର୍ଯ୍ୟନ୍ତ ବୋଇଂ ବିମାନ ନେଲାଣି ୯ ହଜାର ଜୀବନ



ଶ୍ରାବଣ ତୃତୀୟ ସୋମବାର: ଶୈବପୀଠରେ ଜଳଲାଗି ପାଇଁ କଟକଠାରେ ମହାନଦୀର ଗଡ଼ଗଡ଼ିଆ ଘାଟରେ କାଉଡ଼ିଆଙ୍କ ଭିଡ଼ (ଫଟୋ: ବିକାଶ)

# ଫୁଲୁଛି ହୀରାକୁଦ; ୨୦ ଗେଟ୍‌ରେ ବନ୍ୟାଜଳ ନିଷ୍କାସିତ

ସମ୍ବଲପୁର,୨୭।୭(ସମିସ): ଉପରମୁଣ୍ଡରେ ବର୍ଷାର ପରିମାଣ ଟିକେ କମିଛି। କିନ୍ତୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିନାହିଁ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୬.୯୯ ମିମି ଏବଂ ତଳମୁଣ୍ଡରେ ୬.୧୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ମିଳିଥିବା ରିପୋର୍ଟ ଅନୁସାରେ ରବିବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳସ୍ତର ୬୧୪.୯୫ ଫୁଟ୍ ପହଞ୍ଚିଥିବା ବେଳେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣପଟର ୭ଟି ମୋଟ ୨୦ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୪, ୧୭, ୯୦୭ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩, ୪୫,୮୮୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩, ୦୫, ୧୮୦ ଘନଫୁଟ, ପାୱାର ଚେନାଲ ଦେଇ ୩୬, ୪୯୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩,୭୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୫୮୩୧୧ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଲଠାରେ ୪୭୨୦୦୦ କ୍ୟୁସେକ୍, ବାରମୁଲଠାରେ ୪୪୮୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୪୮୫୪୩୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ରହିଛି।



## ଆଜିଠୁ କମିବ ବର୍ଷା

ଭୁବନେଶ୍ୱର,୨୭।୭(ସମିସ): ଓଡ଼ିଶାଠାରୁ ଦୂରେଇ ଯାଉଛି ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ। ବର୍ତ୍ତମା ଏହା ଦୁର୍ବଳ ହୋଇ ସଦୃଶ ଲଘୁଚାପ ଅବସ୍ଥାରେ ମଧ୍ୟପ୍ରଦେଶ ଉପରେ ରହିଛି। ତେଣୁ ଆସନ୍ତାକାଲିଠାରୁ ଅବପାତ ଓ ଲଘୁଚାପଜନିତ ବର୍ଷାର ପରିମାଣ କମିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ବର୍ତ୍ତମାନ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବାରୁ ଦିନବେଳା ଖରା ଓ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ପାଇଁ ପାଗ ଅନୁକୂଳ ରହୁଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳ ଏବଂ ଏହାର ଆଖପାଖ ଅଞ୍ଚଳକୁ ନ ଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ସୋମବାର ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଟିଜିଟି ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା

■ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ରରେ ନାହିଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ
■ ଏଲ୍‌ଟିଆର୍‌ରେ ୩୩ ପ୍ରତିଶତ ବଦଳରେ ମିଳିଥିଲା ୨୫% ସଂରକ୍ଷଣ
■ ହାଇସ୍କୁଲରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦାବିକଲେ ଭାଷାବିତ୍

ଭୁବନେଶ୍ୱର, ୨୭।୭(ସମିସ): ହାଇସ୍କୁଲ ପାଇଁ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ନିଯୁକ୍ତିରେ ଓଡ଼ିଆ ଭାଷାକୁ ଉପେକ୍ଷା କରାଯାଇଛି। ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଭୁଲିଯାଇଛି। ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତି ବେଳେ ପ୍ରଥମଥର ପାଇଁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରାଯାଇଥିଲା। ହେଲେ ସମ୍ପ୍ରତି ହେବାକୁ ଯାଉଥିବା ଟିଜିଟି ଶିକ୍ଷକ ନିଯୁକ୍ତିରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ କୌଣସି ସ୍ୱତନ୍ତ୍ର ପ୍ରାବଧାନ ନାହିଁ। ଫଳରେ ସରକାରଙ୍କ ଓଡ଼ିଆ ଅସ୍ମିତା ନାରା ଓ ଭାଷାପ୍ରେମ ନେଇ ଭାଷାବିତ୍ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି।

ଉଚ୍ଚ ବିଦ୍ୟାଳୟରେ ଖାଲିଥିବା ଟିଜିଟି ପଦ ପୂରଣ ପାଇଁ ପଦକ୍ଷେପ ନେବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୨୪ ତାରିଖରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତହିଁରେ ଟିଜିଟି କଳା, ଟିଜିଟି ପିସିଏମ୍ ଓ ସିବିଜେଡ୍, ହିନ୍ଦୀ, ସଂସ୍କୃତ, ପିଇଟି ଏବଂ ଉର୍ଦ୍ଦୁ ଶିକ୍ଷକ ପଦ ପୂରଣ କରିବାକୁ କୁହାଯାଇଛି; ହେଲେ ଓଡ଼ିଆ ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ପାଇଁ କୌଣସି ପ୍ରାବଧାନ ନାହିଁ। ଏହା ପୂର୍ବରୁ ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତି ପାଇଁ ପ୍ରକାଶିତ ମୂଳ ବିଜ୍ଞପ୍ତିରେ ମଧ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ପ୍ରାବଧାନ ନଥିଲା। ଏହାକୁ ପରିବର୍ତ୍ତନ କରି ପ୍ରଥମ ଥର ପାଇଁ ଓଡ଼ିଆ ଭାଷା ଶିକ୍ଷକ ପଦ ସୃଷ୍ଟି କରାଗଲା। ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ଥିବା ମୋଟ୍ ପଦ ମଧ୍ୟରୁ ୨୫ ପ୍ରତିଶତ ପଦକୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ସଂରକ୍ଷଣ ଦିଆଯାଇଥିଲା। ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ ପାଇଁ ପଦକ୍ଷେପ ନିଆଯାଇଥିବା ସରକାର କହିଥିଲେ। ହେଲେ ଟିଜିଟି ଶିକ୍ଷକ ନିଯୁକ୍ତ କରିବାକୁ ଆରମ୍ଭ ହେଉଥିବା ପ୍ରକ୍ରିୟାରୁ ସରକାର ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ପଦକୁ କିପରି ଭୁଲିଗଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ଏଲ୍‌ଟିଆର୍ ପରି ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ମୋଟ୍ ପଦ ମଧ୍ୟରୁ ୨୫ ପ୍ରତିଶତ ପଦକୁ ଓଡ଼ିଆ ଭାଷା ଶିକ୍ଷକ ଭାବେ ସଂରକ୍ଷଣ ନ ଦେଇ ସ୍ୱତନ୍ତ୍ର ପଦ ସୃଷ୍ଟି କରିବାକୁ ଦାବି ହୋଇଛି। କାରଣ ହିନ୍ଦୀ ଓ ସଂସ୍କୃତ ପରି ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ ହେଉଛନ୍ତି। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ କାହିଁକି ସୃଷ୍ଟି କରୁନାହାନ୍ତି ବୋଲି ଭାଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ଓଡ଼ିଆ ଭାଷାକୁ ଲୋକପ୍ରିୟ ଓ ଦୀର୍ଘସ୍ଥାୟୀ କରିବାକୁ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଯଦି ସରକାର ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାରେ ଅସଫଳ ହୁଅନ୍ତି, ତାହେଲେ ଟିଜିଟି କଳା ପାଇଁ ଉଦ୍ଦିଷ୍ଟ ଥିବା ମୋଟ୍ ପଦ ମଧ୍ୟରୁ ୩୩ ପ୍ରତିଶତ ପଦରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦେବାକୁ ମଧ ସେମାନେ ଦାବି କରିଛନ୍ତି। କାରଣ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ଏବଂ ସ୍ଥଳ ବିଶେଷରେ ଉର୍ଦ୍ଦୁ, ବଙ୍ଗଳା, ତେଲୁଗୁ ଆଦି ଭାଷା ଭିତ୍ତିକ ବିଷୟକୁ ବାଦ୍ ଦେଲେ କେବଳ ଟିଜିଟି କଳାରେ ମୋଟ୍ ତିନିଟି ବିଷୟ ରହିଛି। ଓଡ଼ିଆ, ଇଂରାଜୀ ଓ ସାମାଜିକ ବିଜ୍ଞାନ (ଇତିହାସ ଓ ଭୂଗୋଳ)। ତିନିଟି ବିଷୟ ପାଇଁ ଶହେ ମାର୍କ ଲେଖାଏଁ ମୋଟ୍ ତିନି ଶହ ମାର୍କ ରହିଛି। ତେଣୁ ଟିଜିଟି କଳା ପଦରୁ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ ପଦ ସୃଷ୍ଟି କଲାବେଳେ ଟିଜିଟି କଳା ପଦର ଏକତୃତୀୟାଂଶ ବା ୩୩ ପ୍ରତିଶତ ପଦ ସଂରକ୍ଷିତ ରହିବା ନ୍ୟାୟସଂଗତ। ଏଲ୍‌ଟିଆର୍ ନିଯୁକ୍ତି ବେଳେ ସାମାଜିକ ବିଜ୍ଞାନକୁ ଦୁଇଟି ବିଷୟ ଯଥା ଇତିହାସ ଓ ଭୂଗୋଳ ବିଚାର କରି ଓଡ଼ିଆ ଭାଷାକୁ ୨୫ ପ୍ରତିଶତ ସଂରକ୍ଷଣ ଦିଆଯାଇଥିଲା। ଏଣୁ ଏହାର ପୁନରାବୃତ୍ତି ନ କରି ଓଡ଼ିଆ ଭାଷାକୁ ସମ୍ମାନ ଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ଶିକ୍ଷାବିତ୍ ଓ ଓଡ଼ିଆ ଭାଷାପ୍ରେମୀମାନେ ଦାବି କରିଛନ୍ତି।

■ ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣା

## ପୁଣି ଦିଲ୍ଲୀ ଏମ୍ସ ଗଲେ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍

ବଲାଙ୍ଗୀ,୨୭।୭(ସମିସ): ବଲାଙ୍ଗୀ ନାବାଳିକା ପୋଡ଼ି ଘଟଣାକୁ ୯ ଦିନ ପୂରିଥିବାବେଳେ ଏବେ ବି ପୁଲିସ ହାତ ଖାଲି ଥିବା ଦେଖିବାକୁ ମିଳିଛି। ରବିବାର ସକାଳେ ବଲାଙ୍ଗୀ ଥାନାର ଜଣେ ଅଧିକାରୀ ଓ ପୁରୀ ହେଡ୍ କ୍ୱାର୍ଟର ଏସ୍‌ଡିପିଓଙ୍କ ସହ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପୀଡ଼ିତାଙ୍କଠାରୁ ପୁନର୍ବାର ବୟାନ ଗ୍ରହଣ କରିବା ପାଇଁ ଦିଲ୍ଲୀ ଏମ୍ସକୁ ଯାଇଛନ୍ତି। ସୋମବାର ସେଠାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରନ୍ତି ଏହି ଟିମ୍। ଘଟଣା କିପରି ଘଟିଲା ଓ କିଏ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ରହସ୍ୟ ଘେରରେ ଥିବାବେଳେ ପୁଲିସ, କ୍ରାଇମ୍‌ବ୍ରାଞ୍ଚ, ସ୍ପେସାଲ ଟିମ୍‌କୁ ନାକେଦମ୍ ହେବାକୁ ପଡ଼ିଲାଣି। ଶନିବାର ୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ନିମାପଡ଼ା କୋର୍ଟରେ ହୋଇଥିଲା।

## ୮୬ତମ ଜୟନ୍ତୀରେ ସଙ୍ଗୀତଜ୍ଞ ସିକନ୍ଦର୍ ଆଲାମ୍‌ଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

# ଓଡିଶାର ସାଂସ୍କୃତିକ ଜଗତକୁ ଅବଦାନ ପାଇଁ ସିକନ୍ଦର ଚିର ଅମର: ନବୀନ

ଭୁବନେଶ୍ୱର,୨୭।୭(ସମିସ): ଓଡ଼ିଶାର ସାଂସ୍କୃତିକ ଜଗତକୁ ଅବଦାନ ପାଇଁ ଯଶସ୍ୱୀ ସଙ୍ଗୀତଜ୍ଞ ସିକନ୍ଦର ଆଲାମ ଚିର ଅମର ହୋଇ ରହିଛନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ସିକନ୍ଦରଙ୍କ ୮୬ତମ ଜୟନ୍ତୀ ଅବସରରେ ସ୍ମୃତିଚାରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତ ସିକନ୍ଦର ଆଲାମ ସ୍ୱକୀୟ ପ୍ରତିଭା ପାଇଁ ଦେଶବିଦେଶରେ ସୁପରିଚିତ ଥିଲେ। ଭକ୍ତିସଂଗୀତଠାରୁ ଆରମ୍ଭ କରି ଶାସ୍ତ୍ରୀୟ, ପଲ୍ଲୀ ଓ ସୁଗମ ସଙ୍ଗୀତ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିଥିଲେ। ଓଡିଆ ଚଳଚ୍ଚିତ୍ର ଜଗତର ଅନ୍ୟତମ ପ୍ରଭାବଶାଳୀ ଓ ଲୋକପ୍ରିୟ ସଂଗୀତଜ୍ଞ ଭାବରେ ସେ ଦୀର୍ଘ ଦଶନ୍ଧି ଧରି ଅଜସ୍ର ପ୍ରଶଂସକ ସୃଷ୍ଟି କରିପାରିଥିବା ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ ସ୍ୱର୍ଗତ ସିକନ୍ଦର ଆଲାମଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ରବିବାର ଓଡିଶା ବିଧାନସଭା ନିକଟରେ ଥିବା ସିକନ୍ଦରଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ତରଫରୁ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ ମହାନ୍ତି, ସିକନ୍ଦର ଆଲାମଙ୍କ ଝିଅ ସୋଫିଆ ଆଲାମ ଓ ନାଜିଆ ଆଲାମ, ବିଜେଡି ମୁଖପାତ୍ର ଇପ୍ସିତା ସାହୁ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟ ପ୍ରମୁଖ ସ୍ୱର୍ଗତ ସିକନ୍ଦର ଆଲାମଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



## ଚେକ୍ ବାଉନ୍ସ ସମ୍ପର୍କିତ ଲୋକ ଅଦାଲତ

କଟକ,୨୭।୭(ସମିସ): ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରୀୟ ଚେକ ବାଉନ୍ସ ଜନିତ (ଏନଆଇ ଆକ୍ଟ ଧାରା ୧୩୮) ମାମଲାଗୁଡିକ ଲୋକ ଅଦାଲତ ମାଧ୍ୟମରେ ଫଏସଲା କରାଯାଇଛି।

ଆଇନ୍ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ରାଜ୍ୟର ୧୮ ଜିଲ୍ଲା ଓ ୭ଟି ସବଡ଼ିଭିଜନ ମୁଖ୍ୟାଳୟ ପରିସରରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ଗ୍ରହଣ କରାଯାଇଥିବା ୭୦୩୮ଟି ମାମଲାରୁ ୧୦୬୮ଟି କେବଳ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇଥିଲା ଏଥିପାଇଁ ମୋଟ ୨୧କୋଟି ୯୨ଲକ୍ଷ ୯୮ହଜାର ୧୪୩ ଟଙ୍କା ସ୍ଥିରୀକୃତ ହୋଇଛି।

# ମେଟ୍ରୋ ପାଇଁ ସାନି ଟେଣ୍ଡର ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୨୭।୭(ସମିସ): ମେଟ୍ରୋ ପ୍ରକଳ୍ପ ପାଇଁ ଟେଣ୍ଡର ନ ହେଲେ ଆସନ୍ତା ଅଗଷ୍ଟ ୨୦ ତାରିଖରେ କଂଗ୍ରେସ ବିକ୍ଷୋଭ କରିବ ବୋଲି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଚେତାବନୀ ଦେଇଛନ୍ତି। ମେଟ୍ରୋ କାମ ନ ହେଲେ ଉଭୟ ସଚିବାଳୟ ଓ ବିଧାନସଭା ଘେରଉ ହେବ ବୋଲି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି। ସେ କହିଛନ୍ତି ଯେ ମେଟ୍ରୋ ବନ୍ଦ କରି ରାଜ୍ୟ ସରକାର ହୀନରାଜନୀତି କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳେ ମେଟ୍ରୋ ପ୍ରକଳ୍ପ ଯୋଗୁଁ ନାଁ ନେଇଯିବେ ତାହା ବିଚାର କରି ରାଜ୍ୟ ସରକାର ଏହି ଟେଣ୍ଡର ବାତିଲ୍ କରିଛନ୍ତି। ମାତ୍ର ଏହି ନିଷ୍ପତ୍ତି ଦ୍ୱାରା ନବୀନଙ୍କର ଯେଉଁ ସୁନାମ ରହିଛି, ସେଥିରେ ଆଦୌ ପ୍ରଭାବ ପଡ଼ିବ ନାହିଁ। ସେ ଅନେକ କାମ କରିଛନ୍ତି। ସେଥିପାଇଁ ତାଙ୍କୁ ଓଡ଼ିଶା ସର୍ବଦା ମନେ ରଖିବ। ତେଣୁ ରାଜ୍ୟ ସରକାର ଏଭଳି ହୀନ ରାଜନୀତି ବନ୍ଦ କରି ତୁରନ୍ତ ମେଟ୍ରୋ ପାଇଁ ସାନି ଟେଣ୍ଡର ନ କଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ହେବ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା କହିଛନ୍ତି ଯେ ଓଡ଼ିଶାରେ ଡବଲ ଇଂଜିନ ସରକାର ଲୋକମାନଙ୍କୁ ଦିନରେ ସ୍ୱପ୍ନ ଦେଖାଉଛି। ପ୍ରତିଦିନ ମିଛ କହିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କେଉଁମାନେ କେତେ ମିଛ କହିବେ ତାହାର ଏକ ତାଲିକା ପ୍ରସ୍ତୁତ ହୋଇଛି। ଏହି ମିଛକୁ ଓଡ଼ିଶାବାସୀ ବିଚାର କରିବେ। ମେଟ୍ରୋ ଟ୍ରେନ୍ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିଲେ। ମେଟ୍ରୋ ଟ୍ରେନ୍ ନେଇ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖାଇବା ପରେ ପୂର୍ତ୍ତମନ୍ତ୍ରୀ ମେଟ୍ରୋ ଟ୍ରେନ୍‌କୁ ମାଟି ତଳେ ଚଲେଇବା କଥା କହି ନୂଆ ସ୍ୱପ୍ନ ଦେଖାଇଲେ। ଏହି ସ୍ୱପ୍ନର କିଛି ବସ୍ତବତା ନାହିଁ। ଏହା ଏବେ ସ୍ପଷ୍ଟ ହୋଇଯାଇଛି। କଟକ-ପୁରୀ ଆଦିକୁ ମେଟ୍ରୋ ଗଡ଼ାଇବା କଥା ମଧ ବିଜେପି ସରକାରର ମନ୍ତ୍ରୀମାନେ କହିଥିଲେ। ବିଜେପି ଅଚାନକ ଭାବେ ସରକାରକୁ ଚାଲି ଆସିଛି। ଏମାନେ ସରକାର କିପରି ଚଳାଇବେ ଜାଣିପାରୁ ନାହାନ୍ତି। କେହି କାହା କଥା ମାନୁନାହାନ୍ତି। ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କୁ କେବଳ ଭଗବାନ ସାହା। ଯଦି ବିଜେପି ସରକାର ଓଡ଼ିଶାରେ ଶାସନ ଜାରି ରଖେ ତେବେ ରାଜ୍ୟରେ ବିପର୍ଯ୍ୟସ୍ତ କ୍ଷତି ହେବ ବୋଲି ଶ୍ରୀ ଜେନା କହିଛନ୍ତି।




# ସରକାରୀ ବାବୁଙ୍କ ଦୁର୍ନୀତି ନିଶା

## ୧୩ ଜଣ ଅଧିକାରୀଙ୍କ ଘରୁ ଜବତ ହେଲାଣି କୋଟି କୋଟି ଟଙ୍କା



■ ଭିଜିଲାନ୍ସ ଇତିହାସରେ ସର୍ବାଧିକ ୧୦.୩୭ କୋଟି ଟଙ୍କା ଜବତ
■ ଜବତ ଟଙ୍କାକୁ ଅଦାଲତରେ ନିଜର ଦର୍ଶାଇ ପାରୁନାହାନ୍ତି ବାବୁ

ଭୁବନେଶ୍ୱର,୨୭।୭(ସମିସ): ଲୋକଙ୍କ ସେବା ପାଇଁ ସରକାରୀ ବାବୁଙ୍କୁ ନିଯୁକ୍ତି ଦିଆଯାଇଛି। ଲୋକ ସେବା ଅଧିକାରୀ ଭାବେ ପରିଚିତ ଏହି ବାବୁମାନେ ଜନତାଙ୍କ ଟଙ୍କାରେ ଦରମା ମଧ ପାଉଛନ୍ତି। କିନ୍ତୁ ବାବୁମାନେ ଚାକିରି ପାଇବା ପରେ ଲୋକଙ୍କୁ ସେବା ବଦଳରେ ଦୁର୍ନୀତି କରି କୋଟିପତି ହେବା ନିଶାରେ ଲାଗି ପଡ଼ୁଛନ୍ତି। ଚାକିରି ସମୟରେ ଦୁର୍ନୀତି ଏବଂ ଲାଞ୍ଚ ନେଇ ଘରେ ଟଙ୍କାର ପାହାଡ଼ କରୁଛନ୍ତି। କେବଳ ଟଙ୍କା ନୁହେଁ; ମହଣ ମହଣ ସୁନା ମଧ ଘରେ ଗୁପ୍ତ ଟ୍ରେଜେରୀ କରି ରଖୁଛନ୍ତି। ଆହୁରି ମଧ ଅନେକ ସରକାରୀ ବାବୁ ଏହି କଳାଧନରେ ନିଜର ଓ ସଂପର୍କୀୟଙ୍କ ନାମରେ ଏକାଧିକ ପ୍ଲଟ୍ କିଣି ପକାଉଛନ୍ତି।

ଏହିଭଳି ୧୩ ଜଣ ସରକାରୀ ବାବୁଙ୍କ ଘରୁ କୋଟି କୋଟି ଟଙ୍କା ଜବତ କଲାଣି ଭିଜିଲାନ୍ସ ବିଭାଗ। ଭିଜିଲାନ୍ସ ଇତିହାସରେ ସର୍ବାଧିକ ଟଙ୍କା କଟକ ସେତୁ ଏବଂ ନିର୍ମାଣ ନିଗମର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କ ଘରୁ ଜବତ କରାଯାଇଥିଲା। ତାଙ୍କ ଘରୁ ୧୦କୋଟି ୩୭ଲକ୍ଷ ୯ହଜାର ୩୭୦ ଟଙ୍କା ଜବତ କରାଯାଇଥିଲା। ସେହିପରି ବୌଦ୍ଧ ଆରଟିଓ ବସନ୍ତ କୁମାର ମହାପାତ୍ରାଙ୍କ ଘରୁ ୯କୋଟି ୬୧ଲକ୍ଷ ୭୭ହଜାର ୪୮୯ଟଙ୍କା, ଗଞ୍ଜାମ, ଭଞ୍ଜନଗର ଜଳସେଚନ(ସିଭିଲ)ର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କଠାରୁ ୮କୋଟି ୧୧ଲକ୍ଷ ୩୮ହଜାର ୬୧୪ ଟଙ୍କା, ଭୁବନେଶ୍ୱର ରାସ୍ତା ଏବଂ କୋଠା(ସିଭିଲ)ର ପୂର୍ବତନ ମୁଖ୍ୟଯନ୍ତ୍ରୀ ତାରାପ୍ରସାଦ ମିଶ୍ରଙ୍କଠାରୁ ୭କୋଟି ୨୭ଲକ୍ଷ ୪୯ ହଜାର ଟଙ୍କା ଜବତ କରାଯାଇଥିଲା। ସେହିପରି ବାଲେଶ୍ୱର ଜଳସେଚନ ବିଭାଗ, ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନଙ୍କ ଘରୁ ୬କୋଟି ୩୦ଲକ୍ଷ ୧୪ ହଜାର ୯୩୯ ଟଙ୍କା, ବଲାଙ୍ଗିର, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କଠାରୁ ୫କୋଟି ୭୯ଲକ୍ଷ ୬୫ ହଜାର ୮୪୭ ଟଙ୍କା, ଭୁବନେଶ୍ୱର ଇଡ୍‌କୋ ଜୁନିୟର ମ୍ୟାନେଜର ବିଜୟ କୁମାର ଉଦୟସିଂଙ୍କ ଘରୁ ୫କୋଟି ୩୦ଲକ୍ଷ ୭୨ ହଜାର ୭୧୮ ଟଙ୍କା, ବ୍ରହ୍ମପୁର ଡିଭିଜନର ଓଡ଼ିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନ ଡେପୁଟି ଜେନେରାଲ ମ୍ୟାନେଜର ସୁବାସ ଚନ୍ଦ୍ର ପଣ୍ଡାଙ୍କଠାରୁ ୫କୋଟି ୨୫ଲକ୍ଷ ୭୨ ହଜାର ୭୬୬ ଟଙ୍କା ଜବତ କରାଯାଇଥିଲା। ସେହିପରି ଅନୁଗୁଳ, ତାଳଚେର ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକଙ୍କଠାରୁ ୪କୋଟି ୭୮ଲକ୍ଷ ୮୩ ହଜାର ୯୭୧ ଟଙ୍କା, ବାଲେଶ୍ୱର ଗ୍ରାମ୍ୟ ଉନ୍ନୟନ ମୁଖ୍ୟଯନ୍ତ୍ରୀ ଏନ.ଭି ହରିହର ରାଓଙ୍କ ଘରୁ ୪କୋଟି ୭ଲକ୍ଷ ୨୦ ହଜାର ୭୮୨ ଟଙ୍କା ଜବତ କରାଯାଇଥିବା ବେଳେ ମାଲକାନଗିରି ଜଳଛାୟା ଶାଖା ଉପନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କଠାରୁ ୧.୫କୋଟି ଟଙ୍କା, ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରୁ ୨.୧କୋଟି ଟଙ୍କା ଏବଂ ଧର୍ମଗଡ଼ର ଉପଜିଲ୍ଲାପାଳ ଯୁବ ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କ ଘରୁ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହିଭଳି ସରକାରୀ ବାବୁମାନେ କୋଟି କୋଟି ଟଙ୍କା ରୋଜଗାର କରିବା ନିଶାରେ ମନୋନିବେଶ କରୁଥିବାରୁ ଲୋକଙ୍କ ସ୍ୱାର୍ଥ ସାଧନ ହୋଇପାରୁ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ଖାଉଟି କଲ୍ୟାଣ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ରାଇଘର ଗସ୍ତ



ରାଇଘର,୨୭।୭(ସମିସ): ଖାଉଟି କଲ୍ୟାଣ ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗ୍ରସ୍ତ କରିଛନ୍ତି। ଗ୍ରସ୍ତ ଅବସରରେ ରାଇଘର ଠାରେ ଚାଷୀଙ୍କୁ ଇନ୍‌ପୁଟ ସହାୟକ ପ୍ରଦାନ ଏବଂ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଓ ବିଜେପିର ବରିଷ୍ଠ ଓ କନିଷ୍ଠ ନେତା, ନେତ୍ରୀ ଓ କର୍ମୀ ଓ ସମର୍ଥକ ମାନେ ଉପସ୍ଥିତ ରହି ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭାର ମଧ୍ୟ ଆୟୋଜନ ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଞ୍ଚ ପରିଚାଳନା କରି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ଖାଦ୍ୟ ଯୋଗାଣ କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିବା ବେଳେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂ ଭତ୍ରା, ଉପ ଜିଲ୍ଲାପାଳ, ସାଂସଦ ପ୍ରତିନିଧି ଓ ବରିଷ୍ଠ ବିଜେପି କାର୍ଯ୍ୟକର୍ତାମାନେ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ କିଛି ଚାଷୀଙ୍କୁ ବୋନସ ଟଙ୍କା ଓ କିଛି ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା।

### ମେଲେରିଆରେ ପୀଡ଼ିତ ଛାତ୍ରୀଙ୍କ ମୃତ୍ୟୁ

# କ୍ଷତିପୂରଣ ପାଇଁ ଶବ ରଖି ଧାରଣା

ରାୟଗଡ଼ା,୨୭।୭(ସମିସ)

ମେଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ୪ର୍ଥ ଶ୍ରେଣୀର ଛାତ୍ରୀ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ ଛାତ୍ରୀ ଜଣକ ହେଲେ ଦିବ୍ୟା ମାଣ୍ଡାଙ୍ଗି। ଛାତ୍ରୀ ଜଣଙ୍କ ଘର କୋଲନରା ବ୍ଲକର ଆଲୁବାଡିରେ ବୋଲି ସୂଚନା ମିଳିଛି। ଛାତ୍ରୀଜଣଙ୍କ ଅନୁସୂଚିତ ଜନଜାତି ଓ ଅନସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରେ ରହି କୁଲୀ ସ୍ଥିତ ଶିକ୍ଷା ବିଭାଗର ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସପ୍ତାହ ତଳେ ତାଙ୍କୁ ଜ୍ୱର ହେବାରୁ ଛାତ୍ରୀ ଦିବ୍ୟାକୁ ହଷ୍ଟେଲରେ ୩ଦିନ ଧରି ଏଏନଏମ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଯାଇଥିଲା। ରକ୍ତ ପରୀକ୍ଷାରେ



ମେଲେରିଆ ପଜିଟିଭ ବାହାରିଥିଲା । ସେହି ବିଦ୍ୟାଳୟରେ ଅନ୍ୟ ୫ ଜଣ ମଧ୍ୟ ମେଲେରିଆରେ ପୀଡ଼ିତ ଥିଲେ। କିନ୍ତୁ ଅନ୍ୟମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ହେବାରୁ ଗତ ୨୪ ତାରିଖ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡିଏଚଏଚରେ ଚିକିତ୍ସା ପରେ ସ୍ୱାସ୍ଥ୍ୟ ସଂକଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ଚିକିତ୍ସାଧିନ ଅବସ୍ଥାରେ ଦିବ୍ୟା ମୃତ୍ୟୁବରଣ କରିଥିବା ଜଣାପଡିଛି। ତାଙ୍କ ମୃତଦେହ ଆଜି କୁଲି ପହଞ୍ଚିବା ପରେ ଶବକୁ ବିଦ୍ୟାଳୟ ଆଗରେ ରଖି ପରିବାର ଓ ଗ୍ରାମବାସୀ କ୍ଷତିପୁରଣ ଦାବି କରିବା ସହ ବିଦ୍ୟାଳୟର ପରିଚାଳନାକୁ ପ୍ରଶ୍ନ କରି ଧାରଣାରେ ବସଥିଲେ। ଏନେଇ ଜିଲ୍ଲା ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଅସୀମା ରାଓଙ୍କ ପ୍ରତିକ୍ରିୟା ନେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବଶକୀୟ ସମସ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା କହିଛନ୍ତି। ମେଲେରିଆ ନିରାକରଣ ପାଇଁ ଏଲଏଲଆଇଏନ ମଶାରୀ ବ୍ୟବହାର ସହ ଦେହରେ ନିମ ତେଲ ପ୍ରୟୋଗ ବ୍ୟବସ୍ଥା ସମସ୍ତ ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଆଦେଶ ଦିଆଯାଇଛି ବୋଲି କହିଛନ୍ତି। ଏହି ଘଟଣାର ତଦନ୍ତ କରି ପ୍ରଶାସନକୁ ଖୁବ ଶୀଘ୍ର ରିପୋର୍ଟ ପ୍ରଦାନ କରାଯିବ ବୋଲି ଶ୍ରୀମତୀ ରାଓ କହିଛନ୍ତି।

### କାମରେ ଆସୁନି ମଶାରୀ ଓ ନିମତେଲ!

## ଫେରାର ଗଞ୍ଜେଇ ମାଫିଆ ଗିରଫ



ଜୟପୁର,୨୭।୭(ସମିସ): ଗଞ୍ଜେଇ ଚୋରାଚାଲାଣ ମାମଲାରେ ଫେରାର ଥିବା ଅଭିଯୁକ୍ତକୁ ଆଜି ସଦର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗତ ୨୦୨୦ ମସିହାରେ ବାୟାଗୁଡା ଗ୍ରାମର ସୁରେନ୍ଦ୍ର ନାଗ ଗଞ୍ଜେଇ ଚୋରା ମାମଲାରେ ଜଡିତ ଥିବା ବେଳେ ସେହି ଦିନଠାରୁ ଫେରାର ଥିଲେ। ଆଜି ସଦରପୁଲିସ ବାୟାଗୁଡା ଗ୍ରାମରୁ ଅଭିଯୁକ୍ତ ସୁରେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ■ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ଘଟଣା

## ରାତି ଅଧରେ ଅଭିଯୁକ୍ତକୁ ଉଠାଇଲା ପୁଲିସ

କୋରାପୁଟ/ପୋଡ଼ାଗଡ,୨୭।୭(ସମିସ):

କୋରାପୁଟ ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତର ଖଡାମାଳିଗୁଡା ଗ୍ରାମରେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ଘଟଣା ନେଇ ଆକ୍ସନମୁଡ୍‌ରେ ପୁଲିସ। ଅଭିଯୁକ୍ତକୁ ରାତି ଅଧରେ ଘରୁ ଉଠାଇ ଆଣି ତଦନ୍ତ କରୁଛି ସଦର ଥାନା ପୁଲିସ। ଗତ ଶନିବାର ରାତିରେ ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ନୂଆଗୁଡା ଗ୍ରାମର ମନୋଜ ବେନ୍ୟାଙ୍କୁ ପୁଲିସର ଏକ ଟିମ ଉଠାଇ ଆଣି ତଦନ୍ତ ଜାରୀ ରହିଥିବା ସଦର ଥାନା ଆଇଆଇସି ରୁନୁ ମାଝୀ କହିଛନ୍ତି। ଡାକ୍ତରୀ ମାଇନା ପରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ ପୀଡ଼ିତା ଜଣକ ନାବାଳିକା ନୁହନ୍ତ, ୨୧ ବର୍ଷୀୟ ସାବାଳିକା ବୋଲି ଆଇଆଇସି ଶ୍ରୀମତୀ ମାଝୀ କହିଛନ୍ତି। ପୀଡ଼ିତାଙ୍କ ଗ୍ରାମକୁ ଯାଇ ବିଭିନ୍ନ ଦିଗରୁ ତଦନ୍ତ କରି ଏବେ ବି ଡାକ୍ତରୀ ମାଇନାକୁ ଅପେକ୍ଷା କରିଛି ପୁଲିସ। ଘଟଣାକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ବିଚାର କରି ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ କରିଛି ସଦର ଥାନା ପୁଲିସ। ଅପରପକ୍ଷେ ଜିଲ୍ଲା ମାଳି ସମାଜ ତରଫରୁ ସ୍ଥାନୀୟ ନିଶାନିମୁଣ୍ଡା ଠାରେ ଏକ ଆଲୋଚନା କରି ପରେ ସମାଜର ଶତାଧିକ ଲୋକ ସଦର ଥାନା ଯାଇ ଘଟଣା ସମ୍ପର୍କରେ ଆଲୋଚନା କରି ତୁରନ୍ତ ଅଭିଯୁକ୍ତକୁ କଠୋରରୁ କଠୋର ଦଣ୍ଡ ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବି କରିଛନ୍ତି ବୋଲି ମାଳି ସମାଜର ଯୁବ ସଭାପତି ଦୁର୍ଯ୍ୟ ମାଳି କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ଶୌଚ ହେବାକୁ ଯାଉଥିବା ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରତିଦିନ ପରି ନାବାଳିକା ଜଣକ ଶୌଚ ହେବା ପାଇଁ ଘର ନିକଟସ୍ଥ ନଦୀକୁ ଯାଉଥିବା ସେହି ସମୟରେ ନୂଆଗୁଡା ଗ୍ରାମର ମନୋଜ ବେନ୍ୟା ନାମକ ଜଣେ ବିବାହିତ ପୁରୁଷ ଜୋର ଜବରଦସ୍ତ ତାଙ୍କୁ ଟେକି ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ କରିଥିଲେ ପୀଡ଼ିତାଙ୍କ ବାପା। ସଦର ଥାନା ପୁଲିସ କେସ ନମ୍ବର୧୨୫, ୬୪(୧),୩୫୧(୩) ବିଏନଏସରେ ମାମଲା ରୁଜୁ କରିଛି।

## ବିଜେଡି କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ପୂର୍ବତନ ସାଂସଦ



ଝରିଗାଁ,୨୭।୭ (ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଧୋଡ୍ରା ଗ୍ରାମରେ ବିଜେଡି କର୍ମୀ ଜୟମଙ୍ଗଳି (୨୪)ଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ଧୋଡ୍ରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଖବର ପାଇ ନବରଙ୍ଗପୁର ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଜୟଙ୍କ ବାସଭବନରେ ପହଞ୍ଚି ଜୟଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଜୟଙ୍କ ଶେଷକୃତ୍ୟ ଧୋଡ୍ରା ସ୍ଥିତ ମଶାଣି ପଦା ଠାରେ ସମ୍ପନ୍ନ ହୋଇଥିଲା। ଝରିଗାଁ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝି, ବରିଷ୍ଠ ବିଜେଡି ନେତା ପ୍ରିୟରଂଜନ ଦାସ, ଟିକଚାନ୍ଦ ମାଝି,ବଂଶୀ ପନକା, ରାମଧର ଭତ୍ରା, ସନ୍ତୋଷ ବିଷୋୟୀ, ମାଧବ ପୂଜାରୀ, ଅରୁଣ ପନକା,ମହେଶ୍ୱର ହରିଜନ, ଯୁବରାଜ ସିଂ, ବାବୁଲି ସୁନାନୀ, ଧୋଡ୍ରା ସରପଞ୍ଚ ମହେନ୍ଦ୍ର ଭତ୍ରା ପ୍ରମୁଖ ଜୟଙ୍କ ଶେଷ ଯାତ୍ରାରେ ସାମିଲ ହୋଇଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଅଲ୍ ଓଡିଶା ଅଙ୍ଗନବାଡି ଲେଡିଜ୍ ୱାର୍କର୍ସ ଆସୋସିଏସନର ବାର୍ଷିକ ସମ୍ମିଳନୀ




ନବରଙ୍ଗପୁର:୨୭।୭(ସମିସ):

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନବାଡି ଲେଡିଜ ୱାର୍କରସ ଆସୋସିଏସନ, ନବରଙ୍ଗପୁର ଜିଲ୍ଲା ତରଫରୁ ୨୭ତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ବୈଭବ କଲ୍ୟାଣ ମଣ୍ଡପ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାନେତ୍ରୀ ଭାଗ୍ୟବତୀ ଷଡଙ୍ଗୀ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅଙ୍ଗନବାଡି ସଂଘ ରାଜ୍ୟ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ବାଙ୍କ ବିହାରୀ ବିଷୋୟୀ ଯୋଗ ଦେଇଥିଲେ । ଆଜିର ଏହି ଅବସରରେ ସଂଘର ଉପଦେଷ୍ଟା ପରମେଶ୍ୱର ବିଷୋୟୀ, ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ବିଷ୍ଣୁପ୍ରସାଦ ବିଷୋୟୀ, ଅଙ୍ଗନବାଡି ସଂଘ ରାଜ୍ୟ ଉପଦେଷ୍ଟା ସବିତା ନାୟକ, ଜିଲ୍ଲା ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ, ଜିଲ୍ଲା କୋଷାଧକ୍ଷା ମମତା ବ୍ରହ୍ମା, କୋଠାବାଡି ସଂଘ ଜିଲା ସମ୍ପାଦକ ରାମ ବିଷୋୟୀ ବିଶ୍ୱକର୍ମା ମଜଦୁର ସଂଘ ଜିଲା ସମ୍ପାଦକ ଖଗେଶ୍ୱର ବିଷୋୟୀ ଯୋଗ ଦେଇଥିଲେ। ଏହି ଅବସରରେ ଭାରତୀୟ ମଜଦୁର ସଂଘ ଭାରତ ବର୍ଷର ସର୍ବ ବୃହତ ଶ୍ରମିକ ସଂଗଠନ, ଭାରତ ସରକାରଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ, ଭାରତୀୟ ସଂସ୍କୃତି ଓ ବିଚାରଧାରାକୁ ଆଧାର କରି ଅଙ୍ଗନବାଡି ସଂଘ କାମ କରି ଆସୁଛି। ନବରଙ୍ଗପୁର ଜିଲ୍ଲା ଅଙ୍ଗନବାଡି ସଂଘ ନିଷ୍ଠାପର ଭାବେ କାମ କରି ଆସୁଛି। ନବରଙ୍ଗପୁର ଜିଲ୍ଲାକୁ ପ୍ରଗତି ପଥରେ ଅଗ୍ରସର କରି, ସବୁରି ମୁହଁରେ ହସ ଫୁଟାଇବାର ପ୍ରଚେଷ୍ଟା କରାଯାଉଛି। ନବରଙ୍ଗପୁର ଜିଲ୍ଲାରେ ଅଙ୍ଗନବାଡି ସଂଘ, ସଂଗଠନର ସଭ୍ୟ ମାନଙ୍କୁ ଦେ।ମ୍‌ବୋଧକ ଚିନ୍ତାଧାରାରେ ଅନୁପ୍ରାଣିତ କରି ଶିଶୁ, ମହିଳା ଓ କିଶୋରୀ ମାନଙ୍କର ସର୍ବାଙ୍ଗୀନ ବିକାଶ କରିବା ପାଇଁ ପ୍ରଚେଷ୍ଟା କରାଯାଉଛି ବୋଲି ନିଜ ବକ୍ତବ୍ୟରେ ମୁଖ୍ୟ ବକ୍ତା ବାଙ୍କ ବିହାରୀ ବିଷୋୟୀ କହିଥିଲେ। ଏହି ଅବସରରେ ଅଙ୍ଗନବାଡି କର୍ମୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ବ୍ଲକ ଓ ଜିଲ୍ଲା ତଥା ରାଜ୍ୟ ପ୍ରଶାସନ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଅଙ୍ଗନବାଡି କର୍ମୀମାନଙ୍କ ଦାବି ପୁରଣ ପାଇଁ ବ୍ଲକ ଓ ଜିଲ୍ଲା ତଥା ରାଜ୍ୟ ଓ କେନ୍ଦ୍ର ସ୍ତରରେ ଧାରଣା ରାଲି କରି ଦାବିପତ୍ର ଦିଆଯାଉଛି ବୋଲି ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ ବିବରଣୀ ପଠନ କରିଥିବା ବେଳେ କୋଷାଧ୍ୟକ୍ଷା ମମତା ବ୍ରହ୍ମା ବାର୍ଷିକ ଖର୍ଚ୍ଚ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରବର୍ତ୍ତୀ ସମୟରେ ସର୍ବସମ୍ମତି କ୍ରମେ ନୂତନ ଭାବେ ନବରଙ୍ଗପୁର ଜିଲ୍ଲା କମିଟି ଗଠନ କରାଯାଇଥିଲା। ଉପଦେଷ୍ଟା ଭାବେ ସବିତା ନାୟକ, ସନ୍ଧ୍ୟାରାଣୀ ବିଶ୍ୱାଳ ଓ ମମତା ବ୍ରହ୍ମା, ସଭାନେତ୍ରୀ ଛବିଳ କୁମାରୀ ମାଝୀ, ଉପ ସଭାନେତ୍ରୀ ପୁନେଇ ନାୟକ ଓ ହେମଲତା ନାୟକ, ସମ୍ପାଦିକା ଉମା ନାୟକ, ସଂଗଠନ ସମ୍ପାଦିକା ଭାଗ୍ୟବତୀ ଷଡଙ୍ଗୀ, ସହ ସମ୍ପାଦିକା ଶୁଭାସିତା ପାତ୍ର ଓ ଗୌରିମଣି ହରିଜନ, କୋଷାଧକ୍ଷା ଯମୁନା ଭତରାଙ୍କ ସମେତ ବ୍ଲକର ସଭାନେତ୍ରୀ ଓ ସମ୍ପାଦିକାଙ୍କର ନାମ ଘୋଷଣା କରିଥିଲେ ମୁଖ୍ୟ ଅତିଥି କୁଞ୍ଜଲତା ଦାସ। ନୂତନ ଭାବେ ଦାୟୀତ୍ୱ ନେଇ ଥିବା ସଦସ୍ୟ ମାନଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ନବରଙ୍ଗପୁର ଜିଲାର ୧୦ ବ୍ଲକରୁ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ଟିକିରି/ରାୟଗଡ଼ା,୨୭।୭(ସମିସ): ରାୟଗଡ଼ା ଜିଲ୍ଲା ଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଚଳିତ ବର୍ଷର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ, ବାଲ ଏବଂ କିଶୋର ବର୍ଗରୁ ୫୫ ଜଣ ବିଦ୍ୟାର୍ଥୀ ଭାଗ ନେଇଥିଲେ। ବିଜ୍ଞାନ ପ୍ରକଳ୍ପ, ପ୍ରୟୋଗ, ପ୍ରଶ୍ନମଞ୍ଚ, ପତ୍ରବାଚନ, ମୂର୍ତ୍ତିକଳା, ନିବନ୍ଧ, କଥପୋକଥନରୁ ୪୧ ଜଣ ବିଦ୍ୟାର୍ଥୀ ମନୋନୀତ ହୋଇଛନ୍ତି। ସେମାନେ ଅଗଷ୍ଟ ମାସ ୧୧ ଓ ୧୨ ତାରିଖରେ ରାୟଗଡ଼ ଜିଲ୍ଲା ଠାରେ ଅନୁଷ୍ଠିତ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଭାଗନେବେ। ଜ୍ଞାନ ବିଜ୍ଞାନ ମେଳାକୁ ଉତ୍କଳ ଆଲୁମିନା ପ୍ରକଳ୍ପ ମୁଖ୍ୟ ରବି ମିଶ୍ର ଏବଂ ମାନବ ସମ୍ବଳ ଅଧିକାରୀ ପୀତାମ୍ବର ବେହେରା ଓ ପତଞ୍ଜଳୀ ଯୋଗ ପ୍ରଶିକ୍ଷକ ଜୟନ୍ତ ଗୁରୁ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ†ାଟନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଗୁରୁଜୀ ପୁଷ୍ପକେତୁ ସାହୁଙ୍କ ଦ୍ୱାରା ଅନୁଷ୍ଠିତ ଜ୍ଞାନ ବିଜ୍ଞାନ ମେଳାରେ ଅଥିତି ରୂପେ ଯଦୁମଣି ସାହୁ ପରିଚାଳନା କମିଟି ସଭାପତି ସରୋଜିନୀ ନନ୍ଦ, ଉପସଭାପତି ନିରଞ୍ଜନ ନାୟକ, ସହ ସମ୍ପାଦକ ସୁଜିତ କୁମାର ନାୟକ, ସଦସ୍ୟ ମହେନ୍ଦ୍ର ସ୍ୱାଇଁ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ୮ ଜଣ ବିଚାରକ ଯୋଗ ଦେଇ ପ୍ରକଳ୍ପ ଗୁଡ଼ିକୁ ମନୋନୀତ କରିଥିଲେ। ଜ୍ଞାନ ବିଜ୍ଞାନ ମେଳାରେ ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

## ବିଧାୟକଙ୍କ ମୋଟୁ ଓ ଏମ୍. ଭି-୭୯ ଅଞ୍ଚଳ ପରିଦର୍ଶନ



ଏମିଭି ୭୯,(ସମିସ) ୨୭।୭ : ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଜିଲ୍ଲାର ମୋଟୁ ଓ ଏମ୍‌ଭି-୭୯ ଅଞ୍ଚଳ ଗ୍ରସ୍ତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଏହାର ସମାଧାନ ପାଇଁ ସମୀକ୍ଷା କରିଛନ୍ତି। ସୂଚନା ଅନୁଯାୟୀ, ବିଧାୟକ ଶ୍ରୀ ମାଡକାମୀଙ୍କ ମୋଟୁ ଓ ଏମ୍‌ଭି-୭୯ ଗ୍ରସ୍ତ ବେଳେ ସେହି ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆଲୋଚନା କରିଥିଲେ । ଲଗାଣ ବର୍ଷା ପାଇଁ ବନ୍ୟା ପରିସ୍ଥିତି, ବିଦ୍ୟୁତ, ନେଟୱର୍କ, ରାସ୍ତା ଏବଂ ଚାଷୀମାନଙ୍କ ମଣ୍ଡି କାର୍ଡ ବିଷୟରେ ଆଲୋଚନା ହୋଇଥିଲା। ସେଭଳି ପ୍ରତ୍ୟେକ ଗ୍ରାମ ଗୁଡିକରେ ଥିବା ଚାଷୀମାନେ କିଭଳି ମଣ୍ଡି କାର୍ଡର ସୁବିଧା ପାଇବେ ଏବଂ ଯେମିତି କିଛି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ସେହି ବିଷୟରେ ଆଲୋଚନା କରିବା ସହ ଅସୁବିଧା ହେଲେ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହା ସହ ଏମ୍. ଭି-୭୯ ଠାରେ ପହଞ୍ଚି ଅଞ୍ଚଳରେ ରହିଥିବା ସମସ୍ତ ବିଜେପି କର୍ମୀଙ୍କୁ ଡାକି ଏକ ବୈଠକ କରିବା ସହ ଅଞ୍ଚଳରେ ଥିବା ସମସ୍ୟା ଗୁଡିକ ଉପରେ ପଚାରି ବୁଝିଥିଲେ। ସାମ୍ବାଦିକ ସଂଘ ଭବନ ନିର୍ମାଣ ସହ ଏମ୍. ଭି-୭୯ ଠାରୁ ମେଡିକାଲ ଦେଇ ଯାଇଥିବା ରାସ୍ତାର ଅବସ୍ଥା ବହୁତ ଶୋଚନୀୟ ହୋଇଥିବାରୁ ଏହାର ମରାମତି ଉପରେ ଗୁରୁତ୍ୱାରୋପ କରିଥିଲେ। ଇଲେକ୍ଟ୍ରି ଚାଲିଗଲେ ନେଟୱର୍କ ଚାଲିଯିବା, ଇଣ୍ଟରନେଟର ଅସୁବିଧା ହେବା, ଗୋଷ୍ଠୀ ଶୌଚାଳୟ ତିଆରି ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏହି ବୈଠକରେ ଉପସ୍ଥିତ ମାଲକାନଗିରି ବିଧାୟକ ଶ୍ରୀ ମାଡକାମି ଏବଂ ଜିଲ୍ଲା ସମ୍ପାଦକ ଭବାନୀ ଶଙ୍କର ମୂଖାର୍ଜୀ ଏବଂ ଜିଲ୍ଲା ଉପ ସଭାପତି ସପନ ରାୟ ଏବଂ ପୂର୍ବତନ ମାଲକାନଗିରି ଜିଲ୍ଲା ପ୍ରେସିଡେଣ୍ଟ ନିମାଇ ପାଲ, ପ୍ରତାପ ମଣ୍ଡଳ, ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଏବଂ କାଳିମେଳା ବିଧାୟକ ପ୍ରତିନିଧି ହରବିଲାଶ ମଣ୍ଡଳ ଜିଲ୍ଲା କାର୍ଯ୍ୟକର୍ତ୍ତା ଏବଂ ବିଧାୟକ ସହଯୋଗୀ ସୋମନାଥ ମାଢ଼ି ଏବଂ ମୋଟୁ ରମେଶ ସୋଡି ଓ ଅନ୍ୟାନ୍ୟ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଶାନ୍ତି କୁମାରୀଙ୍କ ପରଲୋକ


ମାଲକାନଗିରି,୨୭।୭(ସମିସ): ମାଲକାନଗିରି ଜିଲ୍ଲାରେ ସଦର ବ୍ଲକ ଅନ୍ତର୍ଗତ କତାମେଟାରେ ରହୁଥିବା ଶାନ୍ତି କୁମାରୀଙ୍କ ୫୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ୨୦୧୭ ମସିହାରୁ



ପକ୍ଷାଘାତ ଏବଂ ମସ୍ତିଷ୍କାଘାତ ରୋଗରେ ପୀଡିତ ଥିଲେ। ସେ ସାମ୍ବାଦିକ ଦିଲୀପ ପଟ୍ଟନାୟକଙ୍କ ମାଆ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ସଙ୍କୁଳସ୍ତରୀୟ ଗଣିତ, ବିଜ୍ଞାନ କାର୍ଯ୍ୟଶାଳା

ବୋରିଗୁମ୍ମା,୨୭।୭(ସମିସ): ସରସ୍ୱତୀ ଶିଶୁ ମନ୍ଦିର ବୋରିଗୁମ୍ମା ଠାରେ ସଙ୍କୁଳ ସ୍ତରୀୟ ଗଣିତ, ବିଜ୍ଞାନ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ମନ୍ଦିର ସଭାପତି ପ୍ରଫୁଲ୍ଲ କୁମାର ଦଣ୍ଡସେନା ଏହାକୁ ଉଦ୍‌ଘାଟନ କରିଥିଲେ। ସଙ୍କୁଳ ସଂଯୋଜକ ସତ୍ୟ ନାରାୟଣ ସେଠୀ ଏହି କାର୍ଯ୍ୟଶାଳାକୁ ସୁପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଙ୍କୁଳ ପ୍ରମୁଖ ହେମନ୍ତ କୁମାର ଚାନ୍ଦ ଗୁରୁଜୀ ଗୁରୁମାଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସଙ୍କୁଳର ୯ଟି ବିଦ୍ୟାଳୟରୁ ଗଣିତ, ଇଂରାଜୀ ଓ ବିଜ୍ଞାନ ବିଷୟର ମୋଟ ୫୫ ଜଣ ଗୁରୁଜୀ ଗୁରୁମା ପ୍ରଶିକ୍ଷାର୍ଥୀ ଭାବରେ




ଓ ୬ ଜଣ ଗୁରୁଜୀ ଗୁରୁମା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟା ମମତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପୂର୍ଣ୍ଣ ସହଯୋଗ ଓ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଂପୂର୍ଣ୍ଣ ହୋଇଥିଲା ହୋଇଥିଲା।

### ଏମ୍‌ସିଏଲ୍ ସହ ଜିଲ୍ଲା ପ୍ରଶାସନର ୩ ବୁଝାମଣା ପତ୍ର ସ୍ୱାକ୍ଷର

# ମିଳିଲା ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୩ ପ୍ରକଳ୍ପ

ରାୟଗଡ଼ା,୨୭।୭(ସମିସ): ସମ୍ବଲପୁର ସ୍ଥିତ ମହାନଦୀ କୋଲ ଫିଲଡ ସହିତ ତିନୋଟି ବୁଝାମଣା ପତ୍ର ସ୍ୱାକ୍ଷର କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳ ରାୟଗଡ଼ ପାରୁଲ ପାଟାୱରୀ ଓ ମହାନଦୀ କୋଲ ଫିଲଡ'ର ପ୍ରବନ୍ଧକ ଶୁଭ୍ରଜ୍ୟୋତି ସାହୁଙ୍କ ମଧ୍ୟରେ ଏହା ସ୍ୱାକ୍ଷରିତ ହୋଇଛି । କମ୍ପାନୀ ସିଏସଆର ପାଣ୍ଠିରେ ବିଦ୍ୟାଞ୍ଜଳି ଯୋଜନାରେ ଜିଲ୍ଲାର ଏସଏସଡି ଜନଜାତି ବିଦ୍ୟାଳୟ ମାନଙ୍କରେ ଅନ୍ତେବାସୀ ମାନଙ୍କ ବିଭିନ୍ନ ସୁବିଧା ଯଥା ଖଟ, ଗଦି ଓ ବିଶୁଦ୍ଧ ପାନୀୟ ଜଳ ଆରଓ ଯୋଗାଇ ଦେବା ନିମନ୍ତେ ୪କୋଟି ୫୦ଲକ୍ଷ ଟଙ୍କାର ଗୋଟିଏ ବୁଝାମଣା




ପତ୍ର ସ୍ୱାକ୍ଷର କରିଛି। ଏହି ଅର୍ଥ ଜିଲ୍ଲା ପ୍ରଶାସନ ଜରିଆରେ ଖର୍ଚ୍ଚ କରାଯିବ। ସେହିପରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ଟି ଡାଏଲିସିସ ୟୁନିଟ୍ କରିବା ନିମନ୍ତେ ୫୮ ଲକ୍ଷ ଟଙ୍କା କମ୍ପାନୀରେ ସିଏସଆର ପାଣ୍ଠିରୁ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯିବା ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଫଳରେ ବିଷମକଟକ, ମୁନିଗୁଡା ଓ ଚନ୍ଦ୍ରପୁର ବ୍ଲକର ରୋଗୀମାନେ ଚିକିତ୍ସା ସୁବିଧା ନିକଟରେ ପାଇପାରିବେ। ସେହିପରି ଅନ୍ୟଟି ଜିଲ୍ଲାର ଗର୍ଭବତୀ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଅବନତି ଏବଂ ଅପବ୍ୟୟକୁ ସମାଧାନ କରିବା ପାଇଁ ଏକ ବହୁମୁଖୀ ପଦ୍ଧତି ଆବଶ୍ୟକ। ଜିଲ୍ଲାର କାଶୀପୁର, ପଦ୍ମପୁର ଓ ମୁନିଗୁଡା ବ୍ଲକରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ଅପପୁଷ୍ଟିରେ ଉନ୍ନତି ଆଣିବା ନିମନ୍ତେ କାର୍ଯ୍ୟ କରିବା ନିମନ୍ତେ ୩ କୋଟି ୯୬ ଲକ୍ଷ ୨୧ହଜାର ୨୪୫ଟଙ୍କାର କମ୍ପାନୀ ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ମୋଟ ଉପରେ ୯କୋଟିରୁ ଅଧିକ ଟଙ୍କାର ତିନୋଟି ପ୍ରୋଜେକ୍ଟକୁ ନେଇ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛ। ଏହି ଚୁକ୍ତି ସ୍ୱାକ୍ଷର ବେଳେ ଜିଲ୍ଲାପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ଓ ଏମସିଏଲ ତରଫରୁ ରହିତ ସିଂହ ଉପସ୍ଥିତ ଥିଲେ।

## ଲୁକ୍କାୟିତ ପ୍ରତିଭା କାର୍ଯ୍ୟକ୍ରମ

ଗୁଡାରୀ,୨୭।୭(ସମିସ): ପିଲାଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ପାଇଁ ଗୁଡାରୀ ଶିଶୁ ମନ୍ଦିର ଠାରେ ବଂଶଧାରା ଚିତ୍ର କଳା ବିଦ୍ୟାଳୟ ତରଫରୁ ଏକ କାର୍ଯ୍ୟକ୍ରମ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ୨୦୧୮ ମସିହା ଅଗଷ୍ଟ ୧୫ ଠାରୁ ନିୟତୀ ଜେନା ଆରମ୍ଭ କରିଥିଲେ। ପ୍ରାୟ ୩ ବର୍ଷ ହେଲାଣି ଏହି



ବିଦ୍ୟାଳୟରେ ଅନେକ ଛାତ୍ରଛାତ୍ରୀ ଚିତ୍ରକଳା ଶିକ୍ଷା ଗ୍ରହଣ କରୁଛନ୍ତି। ଏଥିରେ ବିଭିନ୍ନ ପ୍ରକାରର ମାଧ୍ୟମ, ପ୍ରକ୍ରିୟା, ହସ୍ତଶିଳ୍ପ ଶିକ୍ଷା ମଧ୍ୟ ଦିଆଯାଇଥାଏ। ଆଜିର ଏହି କାର୍ଯ୍ୟକ୍ରମରେ ଡିପ୍ଲମା ଏବଂ ଯୁକ୍ତ ତିନି ଶ୍ରେଣୀର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରେ ମୋଟ ୩୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶ୍ରୀମତି ନୀୟତି ଜେନା ପରିଚାଳନା କରିଥିବାବେଳେ ଅଭିଭାବକ ମାନେ ସହଯୋଗ କରିଥିଲେ।

# କାଠଫାଳିଆରେ ଆକ୍ରମଣ, ଜଣେ ମୃତ




ରାୟଗଡ଼ା,୨୭।୭(ସମିସ): ରାୟଗଡ଼ା ଥାନା ଅନ୍ତର୍ଗତ କୁମ୍ଭିକୋଟା ଫାଣ୍ଡି ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ଜଣକ ହେଲେ ପୋଡ଼ମରା ଗ୍ରାମର ସଞ୍ଜୟ କନ୍ଧପାଣି(୩୫)। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ମୃତକଙ୍କ ପରିବାରବର୍ଗ ଓ ପୋଲିସ କହୁଥିବା ବେଳେ ପରକୀୟା ପ୍ରୀତି ପାଇଁ ଏହି ଘଟଣା ଘଟିଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଏହି ମାମଲାରେ ରାୟଗଡ଼ା ପୁଲିସ ସୀମା ଜାଲମୁରି ଓ ଅନ୍ୟ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଘଟଣାରୁ ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ମୃତକ ସଞ୍ଜୟ ଓ ସୀମା ଏକାଠି ହୋଇ ମଦ୍ୟପାନ କରିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ବଚସା ହୋଇ ଝଗଡ଼ା ହୋଇଥିଲା। ସୀମା ଏକ କାଠ ଫାଳିଆରେ ସଞ୍ଜୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସଞ୍ଜୟ ଗୁରୁତର ହେବା ପରେ ତାଙ୍କୁ ରାତିରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସଞ୍ଜୟଙ୍କ ଅବସ୍ଥା ଶୋଚନୀୟ ରହିଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁରକୁ ରେଫର କରିଥିଲେ। ରବିବାର ସଞ୍ଜୟଙ୍କୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ନେବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏନେଇ ରାୟଗଡ଼ା ଏସଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ଦୁଇଜଣଙ୍କୁ ଅଟକ ରଖାଯାଇଛି ଏବଂ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

# ରାସ୍ତା କାମ ଅଧାକରି ଠିକାଦାର ଛୁ!



ଖଇରପୁଟ,୨୭।୭(ସମିସ): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍ ଅଧୀନ ଗୋବିନ୍ଦପାଲି ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣାଧୀନ ହାଇସ୍କୁଲ ରାସ୍ତା କାମକୁ ଦୀର୍ଘ ୪ ମାସ ହେଲେ ସୁଦ୍ଧା ଶେଷ ହୋଇପାରିନାହିଁ। ୪୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣାଧୀନ ଏହି ରାସ୍ତା ଉନ୍ନତିକରଣ କାମରେ ଠିକାଦାର ପକ୍ଷର ଅବହେଳା ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପ୍ରଥମେ କିଛି ଦିନ କାମ ତ୍ୱରାନ୍ୱିତ ହେଲେ ମଧ୍ୟ ମାତ୍ର ଅଧା ରାସ୍ତା ନିର୍ମାଣ କରିବା ପରେ ଠିକାଦାର କାମ ସମ୍ପୂର୍ଣ୍ଣ କରୁନାହିଁ। ଫଳରେ ଗ୍ରାମବାସୀମାନେ ବର୍ଷା ଋତୁରେ ବହୁ ଅସୁବିଧା ଭୋଗୁଛନ୍ତି। କିଛି ମିଟର ଚିପ୍ସ କଙ୍କ୍ରିଟ୍ କାମ ସାରି ବଳକା ପେଭର ବ୍ଲକ୍ କାମ ରହିଥିବା ବେଳେ ଅଳ୍ପ କିଛି କାମ କରି ବାଲକା ବାଲି ପକାଇ କାମଟିକୁ ଅଧୁରା କରି ଛାଡ଼ିଯାଇଛି ଠିକାଦାର। ଏହି ରାସ୍ତାରୁ ପ୍ରତିଦିନ ଶିକ୍ଷାର୍ଥୀ ଓ ସାଧାରଣ ଲୋକଙ୍କ ଯାତାୟାତରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାସନ ପକ୍ଷରୁ କାମ ତ୍ୱରାନ୍ୱିତ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପର୍ଯ୍ୟନ୍ତ କୌଣସି ସରକାରୀ ପ୍ରତିକ୍ରିୟା ମଧ୍ୟ ମିଳିନଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। କାମ ତୁରନ୍ତ ଶେଷ ନ କଲେ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି।

# ନକ୍ସଲଙ୍କ ସହିଦସ୍ତମ୍ଭକୁ ଧ୍ୱଂସ କଲେ ସୁରକ୍ଷା ବାହିନୀ



ମାଲକାନଗିରି, ୨୭।୭(ସମିସ): ମାଓବାଦୀଙ୍କ ସହିଦ ସପ୍ତାହ ପୂର୍ବରୁ ନକ୍ସଲ ସହିଦ ସ୍ତମ୍ଭକୁ ଧ୍ୱଂସ କଲେ ସୁରକ୍ଷା ବାହିନୀ। ମାଲକାନଗିରି ଜିଲ୍ଲା ସୀମାନ୍ତ ଦନ୍ତେୱାଡା ଜିଲ୍ଲାରେ ସିଆରପିଏଫର ୧୯୫ ବାଟାଲିୟନର ଯବାନ ଓ ଡିଆରଜି ବାହିନୀ ପକ୍ଷରୁ ମିଳିତ ଭାବେ ମାଲେଭାହିର ଥାନା ଅନ୍ତର୍ଗତ କହଚେନାର ଅଞ୍ଚଳରେ ଅପରେସନ ପାଇଁ ବାହାରି ଥିଲେ। ମାଲେଭାହି, ପୁଷ୍ପାଳ ଓ କାହେନାର ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ଜୋରଦାର ଅପରେସନ ଚାଲିଥିବା ବେଳେ। କାହେନାର ଗ୍ରାମ ନିକଟରେ ନକ୍ସଲ ମାନଙ୍କ ଦ୍ୱାରା ନିର୍ମିତ ମୋଟ ତିନୋଟି ସହିଦ ସ୍ତମ୍ଭ ଚିହ୍ନଟ କରାଯାଇଥିଲା। ଯାହା ମଧ୍ୟରୁ ଦୁଇଟି କାଠରେ ତିଆରି ହୋଇଥିବା ବେଳେ ଗୋଟିଏ ସିମେଣ୍ଟ କଂକ୍ରିଟ୍‌ରେ ତିଆରି ହୋଇଥିଲା। ସୁରକ୍ଷା ବାହିନୀ ତିନୋଟି ସହିଦ ସ୍ତମ୍ଭକୁ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ମାଓବାଦୀଙ୍କ ଏହି ସ୍ତମ୍ଭ ନିହତ ମାଓନେତା ଆନନ୍ଦ ଓରଫ ସୁଦର୍ଶନ କର୍ତ୍ତାମ୍, ପିଏଲଜିଏ ଡେପୁଟି କମାଣ୍ଡର ରାମସୁ କୋରମ୍ ଓରଫ ଜୟମାନ ଏବଂ ମହିଳା ମାଓବାଦୀ ସନିତାଙ୍କ ନାମରେ ନିର୍ମିତ ହୋଇଥିଲା। ମାଓ ସଂଗଠନ ପ୍ରତିବର୍ଷ ଜୁଲାଇ ୨୮ ତାରିଖ ଠାରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସହିଦ ସପ୍ତାହ ପାଳନ କରନ୍ତି। ଯେଉଁଥିରେ ସେମାନେ ନିହତ ନକ୍ସଲଙ୍କ ସ୍ମୃତିରେ ସ୍ମାରକୀ ନିର୍ମାଣ କରି ବ୍ୟାନର ପୋଷ୍ଟର ଲଗାନ୍ତି। ସହିଦ ସପ୍ତାହ ସମୟରେ ଲାଲ୍ ବାହିନୀ ପ୍ରଚାର ମାଧ୍ୟମରେ ଗ୍ରାମବାସୀଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି। ଯେଉଁଥି ପାଇଁ ସୁରକ୍ଷା ବାହିନୀ ତତ୍ପର ହୋଇ ସତର୍କତାର ସହ ନକ୍ସଲଙ୍କ ସହିଦ ସ୍ତମ୍ଭକୁ ଭାଙ୍ଗି ଦେଇଛନ୍ତି।

## ଅଧିକାରୀଙ୍କ କଥାରେ ରହୁନି ତାଳମେଳ

# ସରୁନି ମନରେଗା ଦୁର୍ନୀତିର ତଦନ୍ତ

କୋରୁକୋଣ୍ଡା,୨୭।୭(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ତୁମୁଷାପଲ୍ଲି ଗ୍ରାମପଞ୍ଚାୟତ ଅଧୀନରେ ଥିବା ଏମଭି-୪୭ଗ୍ରାମ ଖେଳ ପଡିଆ ନିମନ୍ତେ ସରକାରଙ୍କ ତରଫରୁ ୨୦୨୩-୨୪ ଆର୍ଥିକ ବର୍ଷରେ "ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୩ ଲକ୍ଷ ୭୫ହଜାର ଟଙ୍କା ଆସିଥିଲା। ସମାନ ଭାବରେ ଉକ୍ତ ପଞ୍ଚାୟତ ସଦର ଖେଳ ପଡିଆ ନିମନ୍ତେ ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଉକ୍ତ ଖେଳ ପଡିଆ ଉନ୍ନତକରଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷରେ ୫ଲକ୍ଷ ୪୪ ହଜାର ଟଙ୍କା ଆସିଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏମଭି-୪୭ ଗ୍ରାମ ଖେଳ ପଡିଆରେ ଗତ ମେ'ମାସରେ କୌଣସି ଗୋଟିଏ ମଧ୍ୟ ଶ୍ରମିକ ଉକ୍ତ ଖେଳ ପଡିଆରେ କାମ କରି ନାହାନ୍ତି। ସେହି ମାସରେ ୪୪୨ ଶ୍ରମିକ କାମକରି ଥିବା ଏବଂ ସେମାନଙ୍କୁ ଜୁନ ମାସ ୧୩ ତାରିଖରେ ୧୨୦୬୬୬ ଟଙ୍କା ପଇଠ କରାଯାଇଥିବା ନେଇ ସରକାରୀ ତଥ୍ୟରେ ଦର୍ଶାଯାଇଛି। ଏହାକୁ ନେଇ 'ସକାଳ'ରେ ଜୁନ ମାସ ୧୭ ତାରିଖରେ ଉକ୍ତ କାର୍ଯ୍ୟ ସ୍ଥଳୀର ଫୋଟ ସହିତ ଖବର ପ୍ରକାଶ ପାଇଥିଲା। ସେହିପରି ସମାନ ଭାବରେ ପଞ୍ଚାୟତ ସଦର ଖେଳ ପଡିଆରେ ଗତ ମେ ଏବଂ ଜୁନ ମାସରେ ମୋଟ ୪୯୬ ଶ୍ରମିକ କାମ କରିଥିବା ନେଇ ଜୁନ ମାସ ୧୬ ତାରିଖରେ ଶ୍ରମିକଙ୍କୁ ମୋଟ ୧୩୫୪୦୮ ଟଙ୍କା ପଇଠ କରାଯାଇଥିଲା। ସେହି ମାସରେ କାମ କରିଥିବା ଅବଶିଷ୍ଟ ୮୨୪ ଶ୍ରମିକଙ୍କୁ ଶ୍ରମ ବାବଦକୁ ୨୨,୪୯୫,୨ ଟଙ୍କା ଆଗାମୀ ଦିନରେ ପାରିତ କରିବା ପାଇଁ ସରକାରୀ ତଥ୍ୟରେ ଦର୍ଶାଯାଇଛି। ଉକ୍ତ କାମକୁ ନେଇ ଅଭିଯୋଗ ହୋଇଥିବା ବେଳେ ଏହାକୁ ନେଇ 'ସକାଳ'ରେ ଜୁଲାଇ ମାସ ୭ ତାରିଖରେ ଖବର ପ୍ରକାଶନ ପରେ ବ୍ଲକ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ ଜୁଲାଇ ୭ ତାରିଖ ଦିନ ଉକ୍ତ ଦୁଇ ଗୋଟି ଖେଳ ପଡିଆ କାମକୁ ନେଇ ତଦନ୍ତ କରିବାକୁ ପତ୍ର ସଂଖ୍ୟା-୨୮୮୧/ ମନରେଗାରେ ପଞ୍ଚାୟତ ସମିତି ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁ ଏବଂ କନିଷ୍ଠ ଯନ୍ତ୍ରୀ ବାପୁଜୀ ନାୟକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବର୍ତ୍ତମାନ ୨୦ଦିନ ହୋଇଯାଇଥିଲେ ମଧ୍ୟ ତଦନ୍ତ ସରିନଥିବା ସହିତ ତଦନ୍ତ ଅଧିକାରୀଙ୍କ ତଥ୍ୟରେ ତାଳମେଳ ରହୁନି। ଏହାକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି କ'ଣ ହୋଇଛି ପଚାରିକି ଜଣାଇବେ। ତଦନ୍ତ ଦାୟୀତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଉକ୍ତ କାମ ଗୁଡିକର ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ମିଳିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେହି କାମ ଗୁଡିକର କେସ୍ ରେକର୍ଡ଼ ମିଳିନାହିଁ। ଏଣୁ ତଦନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେହିପରି ତଦନ୍ତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବାପୁଜୀ ନାୟକଙ୍କୁ ତଦନ୍ତକୁ ନେଇ ପଚାରିବାରୁ ସେ କହିଥିଲେ କି ତଦନ୍ତ ସରିଛି ନିର୍ବାହୀ ଯନ୍ତ୍ରୀ, ଉପରସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିବେ। ହେଲେ ଅଧିକାରୀଙ୍କ କଥାରେ ତାଳମେଳ ରହୁନଥିବା ଦେଖିବାକୁ ମିଳୁଛି। ଯାହାକି ୩ ଦିନରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ ରହିଥିବା ବେଳେ ବର୍ତ୍ତମାନ ୨୦ଦିନ ବିତିଯାଇଥିଲେ ମଧ୍ୟ ତଦନ୍ତ ସରିବାର ନା ନେଉନି। ଆଗାମୀ ଦିନରେ ଦେଖିବାର ବାକି ରହିଲା ତଦନ୍ତ ସରୁଛି କେବେ ଓ ଆଉ କିପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବ୍ଲକ ପ୍ରଶାସନ।

## ନନ୍ଦପୁର ପ୍ରେସ କ୍ଲବ୍‌ର ପ୍ରଥମ ପ୍ରତିଷ୍ଠା ଉତ୍ସବ

# 'ନିର୍ଭିକ, ନିର୍ଭୁଲ ସମ୍ବାଦ ପରିବେଷଣ ସମାଜକୁ ସୁସ୍ଥ କରିଥାଏ'



ନନ୍ଦପୁର,୨୭।୭(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ପ୍ରେସ କ୍ଲବ୍ ଗଠନ ସହ ପ୍ରଥମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ମୁଖ୍ୟ ବକ୍ତା ଭାବେ ସୁନାମଧନ୍ୟ କବି ବିଚିତ୍ରା ନନ୍ଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ଉତ୍କଳ ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ଚୈତନ୍ୟ ହନ୍ତାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଭୋଇ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି ଯୋଗ ଦେଇଥିଲେ। ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନନ୍ଦପୁର ପ୍ରେସ କ୍ଲବ୍‌ର ସାମ୍ବାଦିକ ମାନେ ଯେପରି ସତ୍ୟ, ତଥ୍ୟ ଆଧାରରେ ଖବର ପରିବେଷଣ କରି ସମାଜକୁ ସୁସ୍ଥ ରଖିବେ ସେ ସମ୍ପର୍କରେ ବକ୍ତାମାନେ କହିଥିଲେ। ଦେଶ ଗଠନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅନେକ ଅତିଥି କହିଥିଲେ। ଶେଷ ରେ ନନ୍ଦପୁର ପ୍ରେସ କ୍ଲବ୍ ଗଠନ ସହ ମନୋନୀତ କର୍ମକର୍ତ୍ତା ଯଥା ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା, ସମ୍ପାଦକ ରମେଶ ଅଧିକାରୀ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢ଼ି, ସହ ସମ୍ପାଦକ ହରେସ ଖିଲ, ଉପ ସଭାପତି ବିମଳ ରାଓ ସ୍ମିଥ, କୋଷାଧ୍ୟକ୍ଷ ଶଙ୍କର ପାଙ୍ଗି, ସଂସ୍କୃତି , ହିରନ୍ୟ ବିଶୋଇ, ମନୋଜ ମୁଦୁଲି, ସାମୁଏଲ ଖେମୁଣ୍ଡୁ ପ୍ରମୁଖଙ୍କୁ ଶୁଭେଚ୍ଛା ସହ ଶୁଭ କାମନା ଜଣାଇ ସ୍ୱାଗତ କରିଥିଲେ। ଏହି ଅବସରରେ ପାଡୁଆ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ନନ୍ଦପୁର ବ୍ଲକ୍ ବରିଷ୍ଠ ନାଗରିକ ଗୋପାଳ କୃଷ୍ଣ ବେବର୍ତ୍ତାଙ୍କୁ ଉତ୍କଳ ସାମ୍ବାଦିକ ସଂଘର ପୁରୁଣା ସଦସ୍ୟ ଭାବେ ସମ୍ମାନିତ କରାଯାଇଥିଲା। ସାମ୍ବାଦିକ ପ୍ରଭାକର ମହାରଣା, ଶିବ ପ୍ରସାଦ ବେବର୍ତ୍ତା ଓ କୋରାପୁଟ ଜିଲ୍ଲାର ଜଣେ ମହିଳା ସାମ୍ବାଦିକ ଭାରତୀ ମିଶ୍ର ଓ ଶ୍ରେଷ୍ଠ ପାଠକ ଭାବେ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ଓ ହଜି ଯାଇଥିବା କୌଳିକ ବୃତ୍ତିକୁ ପୁଣି ଆପଣାଇ ପୁଣି ତାଲିମ ନେଇଥିବା ୧୪ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସେକ ଗଫୁର, ସାମାଜିକ କର୍ମୀ ଆକାଶ ଖିଲ, କାର୍ତ୍ତିକ ଖେମୁଣ୍ଡୁ, ଭଗବାନ ମୁଦୁଲି, କୁନା ଚାଲାଣଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଦାମନଯୋଡ଼ି ପ୍ରେସ କ୍ଲବ୍‌ର ସମସ୍ତ ସାମ୍ବାଦିକ ଯୋଗଦେଇ ସମସ୍ତ ପ୍ରକାର ସହଯୋଗ କରିଥିଲେ। ଶେଷରେ ବିପିନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ପରଲୋକ



କୋରାପୁଟ,୨୭।୭(ସମିସ): କୋରାପୁଟ ଜିଲ୍ଲାରେ ଦୀର୍ଘ ବର୍ଷ ଚାକିରି ଜୀବନ ବିତାଇ ଥିବା ମୃତ୍ତିକା ସଂରକ୍ଷଣ ବିଭାଗର ଅବସରପ୍ରାପ୍ତ ଅଧିକାରୀ ବ୍ରହ୍ମାନନ୍ଦ ପଟ୍ଟନାୟକ ରବିବାର ସକାଳେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ୭୪ ବର୍ଷ ବୟସରେ ପରଲୋକ ଘଟିଛି। ସେ କୋରାପୁଟ ବ୍ଲକ ଅନ୍ତର୍ଗତ ଡୁମୁରିପୁଟରେ କାର୍ଯ୍ୟରତ ଥିବାବେଳେ ସେ ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ହୋଇ ସ୍ଥାନୀୟ ଲୋକଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ପ୍ରୀୟାଞ୍ଜଳି ପଟ୍ଟନାୟକ, ଝିଅ ସିପ୍ରା ପଟ୍ଟନାୟକ, ଜ୍ୱାଇଁ କଂଗ୍ରେସ ନେତା ସୁକାନ୍ତ ନାୟକ, ପୁଅ ଶୁଭେନ୍ଦୁ ପଟ୍ଟନାୟକ, ସୁଜିତ ପଟ୍ଟନାୟକ, ବୋହୂ ମିନୁଶ୍ରୀ, ତନୁଶ୍ରୀ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁ ଖବର ଶୁଣିବା ପରେ ଡୁମୁରିପୁଟ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ବାରିକ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗୋପୀନାଥ ପାଣିଗ୍ରାହୀ, ଅବକାଶ ମହାନ୍ତି, ଅରୁଣ କୁମାର ଜେନା, ତିରୁମଲେଶ୍ୱର୍ ଚୌଧୁରୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜଗଦୀଶ ଖୋସଲା, ଯୁବ ସମାଜସେବୀ ତ୍ରିପତି ପାଣିଗ୍ରାହୀ, ମଧୁସୂଦନ ଖେମୁଣ୍ଡୁ, ଏମ ସୁରେଶ କୁମାର, ଜିତେନ୍ଦ୍ର ସାହୁ, ସନ୍ତୋଷ ଶତପଥୀ, ସୂର୍ଯ୍ୟ ନାରାୟଣ ସାହୁ, ଅକ୍ଷୟ ମହାନ୍ତି ଓ ସାମ୍ବାଦିକ ସୁବୋଧ କୁମାର ଚେଟ୍ଟି ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ନିର୍ବାଚନ

# ଦୁଷ୍ମନ୍ତ ଜେନା ସଭାପତି, ଅଶୋକ ମିଶ୍ର ସମ୍ପାଦକ



ମାଲକାନଗିରି, ୨୭।୭(ସମିସ): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଶାଖା ସଭାପତି ମଦନ ମୋହନ ନାୟକ ଏବଂ ସମ୍ପାଦକ ନବିନ ମାଦଳା ଯୋଗ ଦେଇ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ମାନେ ନିର୍ବାଚନ ପ୍ରକ୍ରିୟା କରି ସର୍ବ ସମ୍ମତି କ୍ରମେ ମନୋନୀତ ପ୍ରକ୍ରିୟା କରିବାକୁ ନିର୍ବାଚନ ଅଧିକାରୀ ଦ୍ୱୟଙ୍କୁ ଜଣାଇଥିଲେ। ଏହି ପ୍ରସ୍ତାବକୁ ନିର୍ବାଚନ ଅଧିକାରୀ ମାନେ ଗ୍ରହଣ କରି ମାଲକାନଗିରି ଜିଲ୍ଲା ଶାଖା ସଭାପତି ଭାବେ ଦୁଷ୍ମନ୍ତ କୁମାର ଜେନା, ଉପ ସଭାପତି ଭାବେ ଲମ୍ବୋଦର ଡୁରୁକ, ସମ୍ପାଦକ ରୂପେ ସାମ୍ବାଦିକ ଅଶୋକ ମିଶ୍ର, ଯୁଗ୍ମ ସମ୍ପାଦକ ରୂପେ ପ୍ରମୋଦ କୁମାର ସେନାପତି, ସଂଗଠନ ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସରକାର ମନୋନୀତ ହୋଇଥିଲେ। ମନୋନୀତ କାର୍ଯ୍ୟକର୍ତ୍ତା ମାନେ ରାଜ୍ୟ ପରିଷଦ, ଜିଲ୍ଲା ପରିଷଦର ସଦସ୍ୟ ମାନଙ୍କୁ ମନୋନୀତ କରିଥିଲେ। ସେହିପରି ଉପଦେଷ୍ଟା ରୂପେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ରବିନ୍ଦ୍ର କୁମାର ମହାରଣା, ରଞ୍ଜନ କୁମାର ସ୍ୱାଇଁଙ୍କୁ ମନୋନୀତ କରଯାଇଥିଲା। ଏହାପରେ ଉତ୍କଳ ସମ୍ମିଳନୀର ଗଠନ କାର୍ଯ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରଯାଇଥିଲେ। ନବ ନିର୍ବାଚିତ ପ୍ରତିନିଧି ମାନେ ଜିଲ୍ଲା ଶାଖାକୁ ସୁଦୃଢ଼କରିବା ପାଇଁ ବିଭିନ୍ନ ବିଷୟରେ ଉପରେଆଲୋକପାତ କରିଥିଲେ। ଶେଷରେ ନୂତନ ସଭପତି ଶ୍ରୀ ଜେନା ଉପସ୍ଥିତ ଅତିଥି ଓ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ଏହି ଅବସରରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ୭୦ରୁ ଅଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୁଖ୍ୟ ରାସ୍ତା ଉପରେ ଗାଈ ପଲ

# କ୍ଷୀର ସଂଗ୍ରହ ପରେ ଛାଡ଼ି ଦେଉଛନ୍ତି ମାଲିକ



ବିଷମ କଟକ,୨୭।୭(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ମୁଖ୍ୟ ରାସ୍ତାରେ ପଲ ପଲ ଗାଈ। ପ୍ରତ୍ୟେକ ଦିନ ରାସ୍ତାରେ ଦେଖା ଦେଉଛି ଟ୍ରାଫିକ ସମସ୍ୟା। ଏହି ସବୁ କାହାର ଗାଈ ତାହାର ଜଣା ପଡୁନାହିଁ। ସହରର ଗାଈ ମାଲିକ ସେମାନଙ୍କ ପାଇଁ ନା କରିଛି ଗାଈ ଗୁହାଳ ନା କରୁଛି ସେମାନଙ୍କ ସେବା। କେବଳ କ୍ଷୀର ସଂଗ୍ରହ ଆଶାରେ ସେମାନଙ୍କୁ ପାଳୁଥିବା ଜଣାପଡୁଛି। ଭୋର ସକାଳୁ ଗାଈ ସବୁ ମାଲିକ ମାନେ ଘରକୁ ନେଇ କ୍ଷୀର ବାହାର କରି ପୁଣି ରାଜ ରାସ୍ତା ଉପରେ ଛାଡି ଦେଉଛନ୍ତି। ରାସ୍ତା ଘାଟରେ ପଡୁଥିବା ବର୍ଯ୍ୟବସ୍ତୁ ସବୁକୁ ଆହାର ରୂପେ ଗ୍ରହଣ କରୁଛନ୍ତି ଏହି ଗାଈ ମାନେ। ଦିନ ତମାମ ରାସ୍ତାଘାଟ ଓ ବଜାରରେ ଘୁରି ବୁଲୁଛନ୍ତି ଶତାଧିକ ଗାଈ। ଏଭଳି ସ୍ୱାର୍ଥପର ମଣିଷ କେବଳ ସକାଳ ଓ ସନ୍ଧ୍ୟାରେ କ୍ଷୀର ଦୁହିଁନେବା ପରେ ଆଉ ସେମାନଙ୍କ ପାଖରେ କୌଣସି କାମ ନ ଥାଏ। ଗୋମାତାଙ୍କ ପ୍ରତି ଏଭଳି ଆଭିମୁଖ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ବିଷମ କଟକ ସହରରେ ଶତାଧିକ ଲୋକ ଗାଈ ପୋଷୁଥିବା ବେଳେ ଏକ ପ୍ରତିଶତ ଲୋକଙ୍କ ଗୁହାଳ ରହିଛି। ବାକି ଲୋକଙ୍କ ଗାଈ ଖରା ବର୍ଷା ଶୀତକାକରରେ ରାଜା ରାସ୍ତାରେ ରହୁଛନ୍ତି। କିନ୍ତୁ ଏହି ମାଲିକଙ୍କୁ କ୍ଷୀରର ଅଭାବ ନାହିଁ। ସକାଳ ହେଲେ ମାଲିକ ମାନେ ଗାଈର କ୍ଷୀର ସଂଗ୍ରହ କରିବା ପରେ ଚା ଦୋକାନରେ ବିକ୍ରି କରିବାକୁ ହାଜର ହୋଇ ଯାଉଛନ୍ତି। ହେଲେ ଯେଉଁ ଗାଈ ପାଇଁ ଅର୍ଥ ଉପାର୍ଜନ ହେଉଛି ସେହି ଗାଈର ସେବା କରିବାକୁ ଭୁଲି ଯାଉଛନ୍ତି। ବିଷମ କଟକ ସହରର ବସଷ୍ଟାଣ୍ଡ ଛକଠାରୁ ମାର୍କମା ସାହି ଛକ ଓ ମୁଖ୍ୟ ବଜାରରେ ସନ୍ଧ୍ୟା ହୋଲେ ଗାଈ ଗୁହାଳ ପାଲଟିଯାଉଛି। ରାସ୍ତା ଉପରେ ପଲ ପଲ ଗାଈଗୋରୁ ଶୋଇ ରହୁଛନ୍ତି। ଏହା ରାସ୍ତା ଦେଇ ଯାନ ବାହନ ଯିବା ଆସିବାରେ ବହୁ ସମସ୍ୟାଉପୁଜୁଛି। ସମୟ ସମୟରେ ତ ଗାଡି ଗୁଡିକ ଗାଈର ଗୋଡକୁ ମଡାଇ ଚାଲିଯାଉଛନ୍ତି। ଗାଈ ଗୁଡିକ ଆହତ ହୋଇ ରାସ୍ତା ପଡି ରହୁଛନ୍ତି। ତାର ଚିକିତ୍ସା କରିବାକୁ ମଧ୍ୟ ମାଲିକ ମାନେ ଆଗ୍ରହ ଦେଖାଉନାହାନ୍ତି। ହର୍ଣ୍ଣ ମାରିଲେ କିମ୍ବା ପାଟିକଲେ ବି ଗାଈ ଗୁଡିକ ଉଠୁନାହାନ୍ତି। ଡ୍ରାଇଭର ଗାଡ଼ିରୁ ଓହ୍ଲାଇ ବାଡ଼େଇ ବାଡ଼େଇ ଉଠେଇଲେ ହିଁ ଉଠୁଛନ୍ତି। ଏଥିଯୋଗୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାଜରାସ୍ତାର ଗାଈ ବର୍ତ୍ତମାନ ବିଷମ କଟକ ସହର ପାଇଁ ଏକ ମୁଖ୍ୟ ସମସ୍ୟା ପାଲଟିଛି। ଏଠି କାଞ୍ଜିଆହୁଦାର ବ୍ୟବସ୍ଥା ମଧ୍ୟ ନାହିଁ। ଗାଈ ସମସ୍ୟା ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଲୋକ ମାନେ ପ୍ରଶାସନିକ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମଳିପାରୁନାହିଁ। ରାସ୍ତାରେ ଗାଈ ନ ଛାଡି ଗାଈ ନିଜ ଗୁହାଳରେ ରଖିବା ଏବଂ ଗାଈ ମାଲିକମାନଙ୍କୁ ବିଭିନ୍ନ ଯୋଜନାରେ ଗୁହାଳ ଯୋଗାଇବା ନିମନ୍ତେ ପଞ୍ଚାୟତ ତରଫରୁ ବିଭିନ୍ନ ସମୟରେ ଅନୁରୋଧ କରାଯାଉଥିଲେ ମଧ୍ୟ ଗାଈ ମାଲିକ ମାନେ କର୍ଣ୍ଣପାତ କରୁନଥିବା ବିଷମ କଟକ ସରପଞ୍ଚ ନମିତା କୁଲସିକା ପ୍ରକାଶ କରିଛନ୍ତି। ରାସ୍ତାରେ ଗାଈ ଛାଡୁଥିବା ମାଲିକ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଷମ କଟକ ପୁଲିସ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ବିଦ୍ୟୁତ ସଂସ୍ପର୍ଶରେ ଆସି ବୃଦ୍ଧା ମୃତ


ରାୟଗଡ଼ା,୨୭।୭(ସମିସ): ଜିଙ୍କ ତାରରେ ଲୁଗା ଶୁଖାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାୟଗଡା ଗାନ୍ଧିନଗର ଦ୍ୱିତୀୟ ଲେନ୍‌ର କେ.ଭାରତୀ(୬୨)। ଆଜି ସକାଳୁ କେ.ଭାରତୀ ନିତ୍ୟକର୍ମ ସାରି ଘର ଛାତ ଉପରେ ଥିବା ଜିଙ୍କ ତାରରେ ଲୁଗା ଶୁଖାଉଥିଲେ। ଏହି ତାର ଉପରେ ପୂର୍ବରୁ ଏକ ବିଦ୍ୟୁତ ତାର ଲାଗି ଥିବା ବେଳେ ଉକ୍ତ ସ୍ଥାନରେ ବିଦ୍ୟୁତ ତାର କଟି ଜିଙ୍କ ତାର ସହ ଲାଗି ଯାଇଥିଲା। ଫଳରେ ଜିଙ୍କ ତାରରେ ବିଦ୍ୟୁତ ସରବରାହ ହେଉଥିବା ବେଳେ ବୃଦ୍ଧା ଭାରତୀ ଅଜାଣତରେ ତାରରେ ଓଦା ଲୁଗା ପକାଇବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ସେ ତଳେ ପଡିଯାଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଅଘଟଣ ପରେ ଗାନ୍ଧୀ ନଗର ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇ ରାୟଗଡ଼ା ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ, ୩ ଗାଡ଼ି ଜଳିଗଲା

ରାୟଗଡ଼ା,୨୭।୭(ସମିସ): ଗତକାଲି ବିଳମ୍ବିତ ରାତିରେ ଚାନ୍ଦିଲି ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ର କଳିଙ୍ଗ ଅଟୋ ସିଣ୍ଡିକେଟ୍ ଗ୍ୟାରେଜରେ ଅଗ୍ନିକାଣ୍ଡ ଘଟି ୩ଟି ଗାଡି ଭସ୍ମିଭୂତ ହୋଇଛି। ରାତ୍ର ପ୍ରାୟ ୧୨ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା ବୋଲି ସୂଚନା ମିଳିଛି। ଗ୍ୟାରେଜ ଭିତରେ ଥିବା ପାଞ୍ଚଟି ଗାଡ଼ି ମଧ୍ୟରୁ ତିନି ଗୋଟି ଗାଡି ସଂପୂର୍ଣ୍ଣ ଭାବେ ଭସ୍ମିଭୂତ ହୋଇଛି। ଭସ୍ମିଭୂତ ହୋଇଥିବା ଗାଡି ଗୁଡିକ ମଧ୍ୟରେ ଗୋଟିଏ ଟାଟା ମେଜିକ, ଗୋଟିଏ ଟାଟା ଇଂଟ୍ରାଭି ୫୦, ଗୋଟିଏ ପୁରୁଣା ଟାଟା ମ୍ୟାଜିକ ଯାହା ୨ ଦିନ ପୂର୍ବେ ମରାମତି ପାଇଁ ଗ୍ୟାରେଜ ଆସିଥିଲା। ସେହିପରି ଗୋଟିଏ ଟାଟା ମାରକୋପୋଲୋ ଷ୍ଟାର ବସ୍ ଓ ଗୋଟିଏ ଟାଟା ବିଙ୍ଗର ଗାଡି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡରେ ପ୍ରାୟ ୨୦ ଲକ୍ଷ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ପ୍ରାରମ୍ଭିକ ସୂଚନାରୁ ଆକଳନ କରାଯାଇଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଘଟଣା ସ୍ଥଳରେ ଚାନ୍ଦିଲି ପୁଲିସ ପହଞ୍ଚି ଅଧିକ ଅନୁସନ୍ଧାନ ଜାରି ରଖିଛି।

ସକାଳ
THE SAKALA

# ସମ୍ପାଦକୀୟ



ଅଜ୍ଞାନତାର ଆଧିପତ୍ୟରୁ ଆମେ ମୁକ୍ତ ନ ହେବା ପର୍ଯ୍ୟନ୍ତ ବାସ୍ତବ ଶାନ୍ତି ଉଦ୍ୟମ ସଫଳ ହୋଇପାରିବ ନାହିଁ।
-ଦଲାଇ ଲାମା

## ଅଦୃଶ୍ୟ ଆତଙ୍କ

ପରିବର୍ତ୍ତିତ ପରିସ୍ଥିତିରେ ଆତଙ୍କବାଦର କୌଶଳ ଓ ଲକ୍ଷ୍ୟ ବଦଳି ଯାଇଛି। ଆତଙ୍କବାଦୀମାନେ ଆଉ ଜିହାଦୀ ବା ଜୀବନ ବଳିଦାନ ଦେଇ ଜୀବନ ହାନି ଭଳି ପନ୍ଥା ବଦଳରେ କେବଳ ଧନ ବା ଅର୍ଥନୀତିକୁ ନିଶାଣ କରୁଛନ୍ତି। ସେହି ଅନୁଯାୟୀ ସେମାନଙ୍କର ଅସ୍ତ୍ର ମଧ୍ୟ ବନ୍ଧୁକ ଓ ଗୁଳିରୁ କମ୍ପ୍ୟୁଟର, ମାଉସ୍, କିବୋର୍ଡ ଆଦିକୁ ରୂପାନ୍ତରିତ ହୋଇଛି। ଆଜିର ଡିଜିଟାଲ୍ ବା ଇଣ୍ଟରନେଟ୍ ଜ୍ଞାନକୌଶଳ ସେମାନଙ୍କ ପାଇଁ ଆଣିଦେଇଛି ଆତଙ୍କର ଅପାର ସୁଯୋଗ। ବିଶ୍ୱର କାହିଁ କେଉଁ ନିଭୃତ କୋଣରେ ଘରର ଚାରିକାନ୍ଥ ଭିତରେ ବସି ସେମାନେ ଆତଙ୍କ ରଚିପାରୁଛନ୍ତି ଏବଂ ନିମିଷକେ କୋଟିକୋଟି ଟଙ୍କା ହଡ଼ପ କରୁଛନ୍ତି କିମ୍ବା ତା'ଠାରୁ ଆହୁରି ମୂଲ୍ୟବାନ ତଥ୍ୟ-ସମ୍ପଦର କ୍ଷତି କରିପାରୁଛନ୍ତି। ଦିନକୁ ଦିନ ସାଇବର ଆତଙ୍କ ବା ଡିଜିଟାଲ୍ ଆତଙ୍କର ସାମ୍ରାଜ୍ୟ ପୃଥିବୀରୁ ବାହାରି ଉପଗ୍ରହ ପର୍ଯ୍ୟନ୍ତ ବ୍ୟାପିଚାଲିଛି।

ଭାରତର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜାନୁଆରୀରୁ ମେ' ମାସ ମଧ୍ୟରେ ଭାରତୀୟମାନେ ପ୍ରାୟ ୭ ହଜାର କୋଟି ଟଙ୍କା ହରାଇଛନ୍ତି। ଏହି ଅଦୃଶ୍ୟ ଆତଙ୍କର ପେଣ୍ଠସ୍ଥଳୀ ମୁଖ୍ୟତଃ ମ୍ୟାଁମାର, କାମ୍ବୋଡ଼ିଆ, ଭିଏତ୍‌ନାମ୍, ଲାଓସ୍ ଓ ଥାଇଲାଣ୍ଡରେ ରହିଥିବା ଜଣାପଡ଼ିଛି। ବିଶେଷକରି ଚୀନ୍‌ର ଶକ୍ତିଶାଳୀ ଛତ୍ରଛାୟା ତଳେ ସାଇବର ଅପରାଧୀ ବା ଅଦୃଶ୍ୟ ଆତଙ୍କବାଦୀମାନେ ଦକ୍ଷିଣ-ପୂର୍ବ ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର କେତେକ ଅଞ୍ଚଳରେ ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିଛନ୍ତି ଏବଂ ମୁଖ୍ୟତଃ ଭାରତ ହିଁ ସେମାନଙ୍କ ନିଶାଣରେ ରହିଛି। ଆହୁରି ଉଦ୍‌ବେଗଜନକ ହେଲା ଭାରତୀୟ ଆଇଟି ମେଧାବୀମାନଙ୍କୁ ଚାଲାଣ କରି ସେଠାରେ ସାଇବର ଆତଙ୍କବାଦ କାର୍ଯ୍ୟରେ ନିୟୋଜିତ କରାଯାଉଛି।

ନିକଟରେ ଦେଶର ସର୍ବବୃହତ୍ ତଥା ସ୍ୱନାମଧନ୍ୟ ଗବେଷଣା ଅନୁଷ୍ଠାନ ଭାରତୀୟ କୃଷି ଗବେଷଣା ପରିଷଦ(ଆଇସିଏଆର) ଗୁରୁତର ସାଇବର ଆକ୍ରମଣର ଶିକାର ହୋଇଛି ଏବଂ ଅନେକ ମୂଲ୍ୟବାନ ଗବେଷଣାଲବ୍ଧ ତଥ୍ୟ ଚୋରି ହୋଇଯାଇଥିବାର ଅଭିଯୋଗ ହୋଇଛି। ଗତ ଏପ୍ରିଲ୍ ମାସରେ ଦିଲ୍ଲୀସ୍ଥିତ ଆଇସିଏଆର ମୁଖ୍ୟ ସର୍ଭର ସମେତ ହାଇଦ୍ରାବାଦ ସର୍ଭର ଉପରେ ଏହି ଆକ୍ରମଣ ହୋଇଛି। ଏହାଛଡ଼ା ପ୍ରତିରକ୍ଷା ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରୁ ତଥ୍ୟ ଚୋରି ହେବାର ଅନେକ ଥର ଅଭିଯୋଗ ଆସିଛି। ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାର ତଥ୍ୟ ଚୋରି ପ୍ରାୟ ଏକ ସାଧାରଣ ଘଟଣା ହୋଇଯାଇଛି। ତଥ୍ୟ ଚୋରି ବା ସାଇବର ଆତଙ୍କବାଦ କାର୍ଯ୍ୟକଳାପ କେବଳ ଭାରତ ଭିତରେ ସୀମିତ ନାହିଁ। ଅଷ୍ଟ୍ରେଲିଆ, ଜର୍ମାନୀ, ଜାପାନ୍ ଏପରିକି ଆମେରିକା ପରି ଉନ୍ନତ ଜ୍ଞାନକୌଶଳ ଓ ବିକଶିତ ଦେଶମାନେ ମଧ୍ୟ ଏଭଳି ଅଦୃଶ୍ୟ ଆତଙ୍କବାଦର ଶିକାର ହୋଇଚାଲିଛନ୍ତି। ଅଦୃଶ୍ୟ ଆତଙ୍କବାଦ ଯୋଗୁଁ କିଭଳି ଦେଶ-ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ପ୍ରଭାବିତ ହୋଇ ବିଶ୍ୱାସଘାତକତା ସ୍ଥିତି ସୃଷ୍ଟି ହୁଏ ତାହା ମଧ୍ୟ ସାମ୍ନାକୁ ଆସିଛି। ଦୁଇ ସପ୍ତାହ ତଳେ ବ୍ରିଟେନ୍ ସ୍ୱୀକାର କରିଛି ଯେ ୨୦୨୦ରେ ତଥ୍ୟ ଚୋରି ଯୋଗୁଁ ଇଂଲଣ୍ଡରେ ରାଜନୈତିକ ଆଶ୍ରୟ ନେଇଥିବା ପ୍ରାୟ ୧ ଲକ୍ଷ ଆଫ୍‌ଗାନ୍‌ମାନଙ୍କର ବ୍ୟକ୍ତିଗତ ପରିଚୟ ପ୍ରଘଟ ହୋଇଥିଲା ଏବଂ ତାଲିବାନ୍‌ମାନଙ୍କ ରୋଷର ଶିକାର ହେବାକୁ ପଡ଼ିଥିଲା। ଏହାପରେ ବ୍ରିଟିଶ୍ ସରକାର ବାଧ୍ୟ ହୋଇ 'ଆଫ୍‌ଗାନିସ୍ତାନ ରେସ୍‌ପନ୍ସ ରୁଟ୍' ଭଳି ଯୋଜନାକୁ ବନ୍ଦ କରିଥିଲେ। ଏହାଦ୍ୱାରା ଇଂଲଣ୍ଡକୁ ମଧ୍ୟ ପ୍ରଭୂତ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା।

ସାଇବର ଆତଙ୍କବାଦୀମାନେ ଆଉ ଦୁଇପାଦ ଆଗକୁ ଯାଇ ଏବେ ଉପଗ୍ରହ ନିୟନ୍ତ୍ରଣ କକ୍ଷର ନେଭିଗେସନ୍ ସିଷ୍ଟମ୍ ବା ଦିଗବାରେଣୀ ସୂଚନା ବ୍ୟବସ୍ଥା ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି। ଏହାଫଳରେ ପଣ୍ୟବାହୀ ଜାହାଜ ଓ ବ୍ୟୋମଯାନଗୁଡ଼ିକ ସେମାନଙ୍କ ଗତିପଥ ନିର୍ଣ୍ଣୟ କରିବାରେ ବିଭ୍ରାନ୍ତିର ସମ୍ମୁଖୀନ ହେଉଛନ୍ତି। କେବଳ ଚଳିତ ମାସରେ ହିଁ ଏଭଳି ତିନିଟି ଘଟଣା ଘଟିଛି, ଯାହା ସାଇବର ସୁରକ୍ଷା ବିଶେଷଜ୍ଞଙ୍କୁ ଚିନ୍ତିତ କରିଛି। ଦୁଇସପ୍ତାହ ତଳେ ଜିପିଏସ୍ ଇଣ୍ଟରଫେସ୍‌ରେ ତ୍ରୁଟି ଯୋଗୁଁ ଦିଲ୍ଲୀ-ଜାମ୍ମୁ ବିମାନ ଅଧାବାଟରୁ ଫେରି ଆସିବାକୁ ବାଧ୍ୟ ହୋଇଥିଲା। ତୈଳ ବୋଝେଇ ଏକ ଜାହାଜ ଇରାନ୍‌ର ହର୍ମୁଜ୍ ପ୍ରଣାଳୀର ପ୍ରବେଶ ପଥରୁ କ୍ରମଶଃ ଦୂରେଇ ଚାଲିଥିଲା ଏବଂ ଗତ ମେ' ମାସରେ ଜେଦାହ୍‌ରେ ଏକ ପଣ୍ୟବାହୀ ଜାହାଜ ବନ୍ଦରରେ ପ୍ରବେଶ କରି ନ ପାରି ଚକ୍କର କାଟିଥିଲା। ରୁଷିଆ, ୟୁକ୍ରେନ୍ ଓ ୟୁରୋପ୍‌ରେ ମଧ୍ୟ ଏଭଳି ଘଟଣାମାନ ଦେଖାଯାଇଛି। ୨୦୧୭ରେ ରୁଷିଆର ପ୍ରାୟ ୨୦ଟି ଜାହାଜ ବନ୍ଦରମୁଖୀ ହେବା ପରିବର୍ତ୍ତେ ଦୂରରୁ ଦୂରକୁ ଚାଲିଯାଇଥିଲେ।

ଜିପିଏସ୍ ଇଣ୍ଟରଫେସ୍‌ରେ ଏଭଳି ସାଇବର ଆକ୍ରମଣ ଦ୍ୱାରା ଠିକ୍ ସମୟରେ ଜରୁରିକାଳୀନ ସାମଗ୍ରୀ ପହଞ୍ଚିପାରିବ ନାହିଁ ଏବଂ ପରିବହନ ଖର୍ଚ୍ଚ ବଢ଼ିଚାଲିବ। ବିଶେଷକରି ଯୁଦ୍ଧ ସମୟରେ ଗୋଳବାରୁଦ୍ ଓ ଖାଦ୍ୟସାମଗ୍ରୀ ନେଇ ଯାଉଥିବା ଯୁଦ୍ଧ ପଣ୍ୟଜାହାଜ କିମ୍ବା ଯୁଦ୍ଧବିମାନକୁ ପଥଭ୍ରଷ୍ଟ କରିବାରେ ଏହା ସହାୟକ ହେବ। ଏହାକୁ ସୂକ୍ଷ୍ମ ଭାବେ ଯୋଜନା କରିଛନ୍ତି ଅଦୃଶ୍ୟ ଆତଙ୍କବାଦୀମାନେ। କେବଳ ୨୦୨୪ରେ ଭାରତରେ ଏଭଳି ୭୦୦ ଜିପିଏସ୍ ଇଣ୍ଟରଫେସ୍ ଆକ୍ରମଣ ଠାବ କରାଯାଇଥିଲା। ଜିପିଏସ୍ ଇଣ୍ଟରଫେସ୍ ସିଗ୍‌ନାଲ୍ ଅପହରଣ ଦ୍ୱାରା କେବଳ ଉଡ଼ାଜାହାଜ କିମ୍ବା ଜଳଜାହାଜ ପ୍ରଭାବିତ ହେବେ ନାହିଁ, ବରଂ ଆମ ଦୈନନ୍ଦିନ ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ଗୁରୁତର ବ୍ରିଭାଟର ସମ୍ମୁଖୀନ ହେବ। ଲୋକେସନ୍ ଡିଟେକ୍ଟ ବା ଗନ୍ତବ୍ୟ ସ୍ଥାନ ନିରୂପଣ ସଠିକ୍ ନ ହେଲେ ଗୋଟିଏ ଅଞ୍ଚଳ ପରିବର୍ତ୍ତେ ଯାତ୍ରୀ ଅନ୍ୟ ଅଞ୍ଚଳରେ ପହଞ୍ଚିଯିବ। ରାଡାର, ଟେଲିଫୋନ୍ ନେଟ୍‌ୱର୍କ, ରେଡିଓ ୱେଭ୍ ଆଦି ବ୍ୟବସ୍ଥାରେ ମଧ୍ୟ ଗୁରୁତର ବିଭ୍ରାଟ ସୃଷ୍ଟି ହୋଇ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ।


ଏଥିରୁ ଅଦୃଶ୍ୟ ଆତଙ୍କବାଦର ସ୍ୱରୂପ ଓ କାୟା କେତେ ବିଶାଳ ଏବଂ ଆଗକୁ କି ରୂପ ନେବାକୁ ଯାଉଛି ତାହା ଅନୁମାନ କରାଯାଇପାରେ। କେତେକ ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଆଜିର ଯୁଦ୍ଧ ଅଧିକରୁ ଅଧିକ ଉପଗ୍ରହ ସୂଚନା ଆଧାରିତ କମ୍ପ୍ୟୁଟର ଜ୍ଞାନକୌଶଳ ଉପରେ ନିର୍ଭରଶୀଳ। ଯଦି ଶତ୍ରୁପକ୍ଷ ଜିପିଏସ୍ ଇଣ୍ଟରଫେସ୍ ଉପରେ ଆକ୍ରମଣ କରେ ତେବେ କ୍ଷେପଣାସ୍ତ୍ରମାନ ଲକ୍ଷ୍ୟଭ୍ରଷ୍ଟ ହେବ। ଏପରିକି ଶତ୍ରୁ ଦେଶ ବଦଳରେ ନିଜ ଦେଶରେ ହିଁ ବିପ୍ଳବ ସୃଷ୍ଟି କରିବ। ଅଦୃଶ୍ୟ ଆତଙ୍କବାଦୀମାନେ ଯେତେବେଳେ ଉପଗ୍ରହ ପର୍ଯ୍ୟନ୍ତ ପହଞ୍ଚିସାରିଲେଣି ଜନସାଧାରଣଙ୍କ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥା କେତେ ସୁରକ୍ଷିତ ତାହା ବିଚାରଯୋଗ୍ୟ। କେବଳ ଗୋଟିଏ ଦୁଇଟି ରାଷ୍ଟ୍ର ଏଭଳି ଅଦୃଶ୍ୟ ଆତଙ୍କବାଦକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବେ ନାହିଁ। ଏଥିପାଇଁ ବିଶ୍ୱର ସବୁରାଷ୍ଟ୍ର ଗୋଟିଏ ମଞ୍ଚରେ ଏକତ୍ର ହୋଇ ମିଳିତ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଏଥିପାଇଁ ପ୍ରଥମେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିଶ୍ୱାସର ଭାବନା ସ୍ଥାପନା ହେବା ସର୍ବାଦୌ ଜରୁରୀ।

# ଭାବଗତ ଐକ୍ୟ ଓ ଓଡ଼ିଶା

ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ନଅ ଦଶନ୍ଧି ପରେ ଓଡ଼ିଶା ବାହାରେ ରହି ଯାଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ତ ଆଉ ଓଡ଼ିଶାରେ ମିଶିବାର ସମ୍ଭାବନା ନାହିଁ, ବରଂ ବଢ଼ି ବଢ଼ି ଯାଉଛି ଓଡ଼ିଶାରୁ ଆଉ କିଛି ଅଞ୍ଚଳ ହାତଛଡ଼ା ହେବାର ଆଶଙ୍କା। ଗୋଟେ ପାଖରେ କୋଟିଆ ଆନ୍ଧ୍ରର ଆଁ ଭିତରକୁ ଟାଣି ହୋଇ ଯାଉଛି ତ ଆରପଟେ ବାଲିଦ୍ୱୀପକୁ ଅଧିକାର କରିବା ପାଇଁ ଦୀର୍ଘଦିନ ଧରି ପ୍ରୟାସ ଜାରି ରଖିଛି ପଶ୍ଚିମବଙ୍ଗ ସରକାର। ନବରଙ୍ଗପୁର ଜିଲ୍ଲାର ଡାଙ୍ଗିରପଦା, ମୋହୁଣ୍ଡା ଓ ଉଦୟପୁର ଅଞ୍ଚଳରେ ଛତିଶଗଡ଼ ସରକାରଙ୍କ ସହିତ ଲାଗିରହିଛି ସୀମା ବିବାଦ। ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଚଉଦଟି ଗ୍ରାମକୁ ନେଇ ଝାଡ଼ଖଣ୍ଡ ସହିତ ତୁଟୁନି ବିବାଦ। ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ଜଳେଶ୍ୱର ବ୍ଲକର ୮୧ ଟି ସୀମାନ୍ତ ଗ୍ରାମକୁ ଅକ୍ତିଆର କରିବା ପାଇଁ ପଶ୍ଚିମବଙ୍ଗ ସରକାର ପକ୍ଷରୁ ଜାରି ରହିଛି ପ୍ରୟାସ। କେନ୍ଦୁଝର ଜିଲ୍ଲାର ଲିମିଟୁର, ପୁରୁଷୋତ୍ତମପୁର, କଙ୍କଡ଼ାପଟ, ଜଗନ୍ନାଥପୁର ଓ ଝାମ୍ପୁର ଗ୍ରାମକୁ ସୀମାଭୁକ୍ତ କରିବା ପାଇଁ ଉପାୟ ପାଞ୍ଚୁଛି ଝାଡ଼ଖଣ୍ଡ। ମାଲକାନଗିରି ଜିଲ୍ଲାର ମାଟାପାକା ପଞ୍ଚାୟତରେ ପକ୍କା ସଡ଼କ ନିର୍ମାଣ କରିବା ପଛରେ ଛତିଶଗଡ଼ର ଉଦ୍ଦେଶ୍ୟ ସ୍ପଷ୍ଟ। ଓଡ଼ିଶାର ଏମିତି ଦଶଟି ଜିଲ୍ଲା ଅନ୍ତର୍ଗତ ଶତାଧିକ ଗାଁ, ନଦୀ ନାଳ ଓ ଜଙ୍ଗଲ ଉପରେ ପଡ଼ୋଶୀଙ୍କ ଆଖି। ସେମାନଙ୍କ ବିସ୍ତାରବାଦୀ ମନୋଭାବ କାରଣରୁ ସମାଧାନ ହୋଇ ପାରୁନି ଆନ୍ତରାଜ୍ୟ ସୀମା ବିବାଦ।

ରାଜନୈତିକ-ପ୍ରଶାସନିକ ଉଦାସୀନତା ପାଇଁ ଦିନକୁ ଦିନ ଜଟିଳ ହେବାରେ ଲାଗିଛି ଆନ୍ଧ୍ର-ଓଡ଼ିଶା ଆନ୍ତରାଜ୍ୟ ସୀମା ସମସ୍ୟା। ଓଡ଼ିଶାର ପ୍ରଶାସନିକ ମାନଚିତ୍ର ଅନୁସାରେ କୋଟିଆ ପଞ୍ଚାୟତ ରହିଛି କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ ଅଧୀନରେ। ୨୮ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ଏହି ପଞ୍ଚାୟତର ଲୋକସଂଖ୍ୟା ଆଠ ହଜାରରୁ ଅଧିକ। ଆନ୍ଧ୍ରର ଦାବି ଅନୁସାରେ ଏହି ୨୮ ରାଜସ୍ୱ ଗ୍ରାମ ମଧ୍ୟରୁ ୨୧ଟି ରହିଛି ବିଜୟନଗରମ୍ ଜିଲ୍ଲା ସାଲୁର ମଣ୍ଡଳ ଅନ୍ତର୍ଗତ ଫଗୁଣ ସିନେରି, ଫାଟୁ ସିନେରି ଓ ଗଞ୍ଜେଇ ପଦର ପଞ୍ଚାୟତ ଅଧୀନରେ। ବିବାଦୀୟ ୨୧ ଟି ଗାଁକୁ ନେଇ ଉଭୟ ରାଜ୍ୟ ଏବେ ମୁହାମୁହିଁ। ପୂର୍ବରୁ ଏ ନେଇ ପରସ୍ପର ଭିତରେ ବାରମ୍ବାର ଆଲୋଚନା ସତ୍ତ୍ୱେ ସମାଧାନର ବାଟ ନଫିଟିବାରୁ ମାମଲା ପହଞ୍ଚିଥିଲା ସର୍ବୋଚ୍ଚ ନ୍ୟାୟାଳୟରେ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ବିଚାରାଧୀନ ଥିବା ଏହି ମାମଲାର ଚୁଡାନ୍ତ ରାୟ ପ୍ରକାଶ ପାଇନି ସତ, ହେଲେ ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ରହିଛି (୧୯୬୮) ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ। ମାତ୍ର ବିଡ଼ମ୍ବନାର ବିଷୟ କୋଟିଆ ଉପରେ ନିଜର ଦଖଲ ସାବ୍ୟସ୍ତ କରିବା ପାଇଁ ନ୍ୟାୟାଳୟର ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରୁଛି ଆନ୍ଧ୍ର।




ପୂର୍ବତଟ ପର୍ବତମାଳାର ପାଦଦେଶରେ ଅବସ୍ଥିତ କୋଟିଆ ଗ୍ରାମପୁଞ୍ଜ। ଭାରି ମନୋରମ ତାର ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ। ସତୁରି ଦଶକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଥିବା ସର୍ବେକ୍ଷଣରୁ ଜଣାଯାଏ ଏଠାରେ ଅବସ୍ଥିତ ଦେଓମାଳି ଓ ଅନ୍ୟାନ୍ୟ ପାହାଡ଼ ତଳେ ରହିଛି ସୀସା, ଲୁହାପଥର, ବକ୍ସାଇଟ ଓ ଅଭ୍ର ଆଦି ବହୁ ମୂଲ୍ୟବାନ ଖଣିଜ ସଂପଦ। ସ୍ଥାନୀୟ ଲୋକଙ୍କ ମତରେ କୋଟିଆଠାରୁ ଗଞ୍ଜେଇପଦର ପର୍ଯ୍ୟନ୍ତ ଲମ୍ବିଥିବା ପାହାଡ଼ ତଳେ ରହିଛି ସୁନାଖଣି। ବୋଧହୁଏ ଏହି ମୂଲ୍ୟବାନ ଖଣିଜ ପଦାର୍ଥ ଉପରେ ରହିଛି ଆନ୍ଧ୍ରର ଲୋଲୁପ ଦୃଷ୍ଟି। ସେଥିପାଇଁ କୋଟିଆ ଗ୍ରାମପୁଞ୍ଜକୁ ଅକ୍ତିଆର କରିବା ପାଇଁ ଦୀର୍ଘଦିନରୁ ଜାରି ରଖିଛି ପ୍ରୟାସ। ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରି ଛିଡ଼ା କରୁଛି ବିବାଦ। ମାତ୍ର କୋଟିଆର ଇତିହାସ, ଭୂଗୋଳ ତଥା ଦସ୍ତାବିଜ କହୁଛି କୋଟିଆ ହେଉଛି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ତା'ର ସବୁଠୁ ପ୍ରମାଣ ହେଉଛି ୧୯୩୬ ମସିହାରେ ପ୍ରକାଶ ପାଇଥିବା ନକ୍ସା। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୨୦ ବର୍ଷ ପରେ ଆନ୍ଧ୍ରର ଜନ୍ମ। ଅଥଚ ଓଡ଼ିଶା ପାଖରୁ କୋଟିଆକୁ ଛଡ଼େଇ ନେବା ପାଇଁ କେତେବେଳେ ପୁଲିସ ଲଗାଇ ସେଠାରେ ପଞ୍ଚାୟତ ନିର୍ବାଚନ କରାଉଛି ତ କେତେବେଳ ଗାଁ ମୁଣ୍ଡରେ ଲଗାଉଛି ତେଲଗୁ ଭାଷାରେ ଲିଖିତ ନାମ ଫଳକ। କେବଳ ଫଳକ ଲଗାଉ ନାହିଁ, ଗାଁର ନାଁ ବଦଳାଇ ନୂଆ ନାଁ ଦେଉଛି ତେଲଗୁ ଢଙ୍ଗରେ।

୨୦୧୧ ଜନଗଣନା ତଥ୍ୟ କହୁଛି ସେଠାକାର ଲୋକମାନେ ଓଡ଼ିଶାର ଅଧିବାସୀ। ତେଣୁ ଖାଦ୍ୟ ସୁରକ୍ଷା ଆଇନ ବଳରେ ଓଡ଼ିଶା ସରକାର ସେମାନଙ୍କୁ ଯୋଗାଇ ଦେଉଛନ୍ତି ଚାଉଳ ଓ ଗହମ ଇତ୍ୟାଦି ରେସନ ସାମଗ୍ରୀ। ସେପଟେ କୋଟିଆବାସୀଙ୍କୁ ନିଜ ରାଜ୍ୟର ବୋଲି ପ୍ରମାଣ କରିବା ପାଇଁ ଆନ୍ଧ୍ର ସରକାର ବି ସେମାନଙ୍କୁ ଚାଉଳ ସହିତ ଦେଉଛି ଡାଲି, ଖାଇବାତେଲ, କିରାସିନି, ସୋଲାର ଲାଇଟ ଓ କମ୍ବଳ ଆଦି ଅନେକ ଜିନିଷ। ସେଠାରେ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ବି ଆନ୍ଧ୍ର ଖର୍ଚ୍ଚ କରୁଛି କୋଟିକୋଟି ଟଙ୍କା। ଆନ୍ଧ୍ରର ଏଭଳି ଉଦ୍ଦେଶ୍ୟମୂଳକ ବଦାନ୍ୟତା କାରଣରୁ ଉଭୟ ରାଜ୍ୟରୁ ରାସନ ସାମଗ୍ରୀ ଓ ଅନ୍ୟାନ୍ୟ ସୁବିଧା ପାଇବାକୁ ଚାହୁଁଛନ୍ତି ସେଠାକାର ଅଧିବାସୀ। ଏହାଦ୍ୱାରା କେବଳ ଓଡ଼ିଶା ନୁହେଁ, ଆନ୍ଧ୍ର ପ୍ରତି ମଧ୍ୟ ରହୁଛି ଲୋକଙ୍କ ଆନୁଗତ୍ୟ। ଏହାକୁ କେହି ହୁଏତ କୋଟିଆବାସୀଙ୍କ ସୁବିଧାବାଦୀ ମାନସିକତା କହିପାରେ, ମାତ୍ର ବାସ୍ତବ ସ୍ଥିତି କହୁଛି ସୀମା ବିବାଦ ପାଇଁ ସାଂଘାତିକ ଭାବରେ ଫସିଛନ୍ତି ସେଠାକାର ଜନଜାତିର ଲୋକେ। ଆନ୍ଧ୍ରପ୍ରଦେଶ ସେଠାରେ ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଜିନିଷ ମାଗଣାରେ ବାଣ୍ଟୁଛି ସତ, ହେଲେ କୋର୍ଟରୁ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ଆସି ନଥିବା କାରଣରୁ ଚିନ୍ତା କରୁନି ସେଠାକାର ଦୀର୍ଘମିଆଦୀ ବିକାଶ କଥା। ଅପରପକ୍ଷରେ କୋଟିଆ ପଞ୍ଚାୟତର ଅଧିକାଂଶ ଗାଁକୁ ସବୁଦିନିଆ ରାସ୍ତା ନାହିଁ କି ସବୁ ଗାଁକୁ ଯୋଗାଇ ଦିଆଯାଇପାରିନି ପାନୀୟ ଜଳ। ପିଇବା ପାଣି ପାଇଁ ଅଧିକାଂଶ ଲୋକ ଝରଣା ଉପରେ ନିର୍ଭର କରୁଥିବାବେଳେ ସେଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ।

କେବଳ ଓଡ଼ିଶାର ଭୌଗୋଳିକ ସୀମା ଉପରେ ଆକ୍ରମଣ ନୁହେଁ, ଓଡ଼ିଆ ଭାଷାର କଣ୍ଠରୋଧ ପାଇଁ ମଧ୍ୟ ଚାଲିଛି ଷଡ଼ଯନ୍ତ୍ର। ଆମ ସାମ୍ବିଧାନିକ ବ୍ୟବସ୍ଥା କହୁଛି ନିଜ ମାତୃଭାଷାରେ ଶିକ୍ଷା ଲାଭ କରିବା ସମସ୍ତଙ୍କର ଅଧିକାର। ତେଣୁ ରାଜ୍ୟରେ ଥିବା ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟରେ ନିଯୁକ୍ତି ପାଆନ୍ତି ସ୍ୱତନ୍ତ୍ର ଶିକ୍ଷକ। ଓଡ଼ିଶା ସରକାର ଏ ନୀତିକୁ ମାନୁଥିବା ବେଳେ ତାକୁ ଖୋଲାଖୋଲି ଉଲଘଂନ କରୁଛନ୍ତି ପଡ଼ୋଶୀ ରାଜ୍ୟମାନେ। ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ମିଳିଥିଲା ଦ୍ୱିତୀୟ ଭାଷାର ମାନ୍ୟତା। ଝାଡ଼ଖଣ୍ଡ ସରକାର ତା'କୁ ଉଚ୍ଛେଦ କରିନେବା ଫଳରେ ସେଠାରେ ଆଉ ଓଡ଼ିଆ ଭାଷାରେ ପାଠପଢ଼ା ହେବନାହିଁ କି ନିଯୁକ୍ତି ପାଇବେନି ଓଡ଼ିଆ ଶିକ୍ଷକ। ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ପଢ଼ିବାକୁ ବାଧ୍ୟ ହେବେ ଓଡ଼ିଆ ପିଲାମାନେ। ଷଢ଼େଇକଳା, ଖରସୁଆଁ, ସିଂହଭୂମି, ମେଦିନାପୁର ଅଞ୍ଚଳରେ ବି ଏଭଳି ବୈମାତୃକ ମନୋଭାବର ଶିକାର ହେଉଛି ଓଡ଼ିଆ ଭାଷା। କୋଟିଆ ଗ୍ରାମପୁଞ୍ଜରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଏବେ ଓଡ଼ିଆ ପରିବର୍ତ୍ତେ ପଢ଼ା ଯାଉଛି ତେଲଗୁ।

ମାତୃଭାଷା ପ୍ରତି ହେୟ ମନୋଭାବ କାରଣରୁ ପଡ଼ୋଶୀଙ୍କ ଅନ୍ୟାୟ ବିରୋଧରେ ତୀବ୍ର ହୋଇପାରୁନି ଓଡ଼ିଆଙ୍କ ସ୍ୱର। ଆନ୍ଧ୍ରର ଦାଦାଗିରି ବିରୋଧରେ ଓଡ଼ିଶା ରାଜନେତାଙ୍କ ଭିତରେ ପ୍ରକାଶ ପାଉନି ଜାତୀୟ ସହମତି। କାରଣ ଏକ ବିଶାଳ ଅତୀତ ଓ ପୁଷ୍କଳ ସଂସ୍କୃତି ସତ୍ତ୍ୱେ ଆମକୁ ଏବେ ଗ୍ରାସିଛି ଭାବଗତ ସଂହତିର ସଂକଟ। କେତେବେଳ ଆମେ ରାଜନୀତିକୁ କେନ୍ଦ୍ର କରି ପରସ୍ପର ଉପରକୁ କାଦୁଅ ଫିଙ୍ଗା ଫିଙ୍ଗି ହେଉଛୁ ତ ଆଞ୍ଚଳିକ ଭାବକୁ ନେଇ ଆମେ ବିଭାଜିତ। ଆମ ଭିତରୁ କ୍ରମଶଃ ଅପସରି ଯାଉଛି ମାତୃଭୂମି ଓ ମାତୃଭାଷା ପ୍ରତି ମମତ୍ୱବୋଧ। ଓଡ଼ିଆ ଆଜି ଓଡ଼ିଆତ୍ୱକୁ ନେଇ ଗର୍ବ କରୁନି, ବରଂ ଲଜ୍ଜାବୋଧ କରୁଛି ନିଜକୁ ଓଡ଼ିଆ କହିବା ପାଇଁ। ଏଭଳି ହୀନମନ୍ୟତା ଯୋଗୁଁ ଓଡ଼ିଆ ଭାଷା ଆଜି ନାନା ଭାବରେ ଅବହେଳା, ଅବଜ୍ଞା ଓ ଉଦାସୀନତାର ଶିକାର। କେବଳ ବିଚ୍ଛିନ୍ନାଞ୍ଚଳ ନୁହେଁ, ଓଡ଼ିଆ ଭାଷା ଆଜି ନିଜ ମାଟିରେ ବି କୋଣଠେସା। ସମ୍ବଲପୁର ଓ ରାଉରକେଲା ଆଦି ଅଞ୍ଚଳରେ ବହୁ ଶିକ୍ଷିତ ଲୋକଙ୍କର କଥିତ ଭାଷା ଓଡ଼ିଆ ନୁହେଁ, ହିନ୍ଦୀ। ବଲାଙ୍ଗୀର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବଢ଼ି ଚାଲିଛି ହିନ୍ଦୀ ଭାଷାର ପ୍ରଭାବ। ଗଞ୍ଜାମ, କୋରାପୁଟ ଓ ବାଲେଶ୍ୱର ଆଦି ଉପାନ୍ତ ଅଞ୍ଚଳରେ ମାତୃଭାଷାର ସ୍ଥିତି ବିପନ୍ନ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

# ସଫଳ ମଣିଷର ଷଡ୍‌ଗୁଣ

ସରୋଜ କାନ୍ତ ଚୌଧୁରୀ

ମଣିଷ ପାଇଁ ଜୀବନ ଗଢ଼ିବାର ସଫଳ ସୂତ୍ର ରହିଛି ସନାତନ ଧର୍ମଗ୍ରନ୍ଥ ଭଗବତ୍ ଗୀତାରେ ଭଗବାନଙ୍କ ମୁଖନିଃସୃତ ବାଣୀ ହିସାବରେ। ଏବେ ବି ଏହିସବୁ ଆଧାତ୍ମିକ ଉପଦେଶ ସବୁ ମାନବ ସଂସାଧନ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇପାରୁଛି। ବିଶ୍ଳେଷଣ କଲେ ଜଣାଯିବ ଯେ ପଞ୍ଚାଅଶି ଭାଗ ସଫଳତା ଆସିଥାଏ ସଂପୃକ୍ତ ବ୍ୟକ୍ତିର ମନୋଭାବରୁ ଏବଂ ଧୀଶକ୍ତିର ଉପଯୋଗରୁ। ବାସ୍ତବିକ୍ ଆମର ମୁଖ୍ୟ ସମ୍ପତ୍ତି ହେଲା ଧୀଶକ୍ତି, ଯାହାକୁ ଠିକ ଭାବରେ ବ୍ୟବହାର କରାଯିବା ଉଚିତ ଏବଂ ଅନ୍ୟପକ୍ଷରେ ତାହାକୁ ସୁରକ୍ଷିତ ମଧ୍ୟ କରାଯିବା କଥା। ଭଗବତ୍ ଗୀତା ନିର୍ଦ୍ଧାରଣ କରିଛି ଯେ ସଫଳତା ପାଇବା ପାଇଁ ନିମ୍ନଲିଖିତ ଗୁଣଗୁଡ଼ିକର ଆବଶ୍ୟକତା ରହିଛି।

ଅନ୍ତଃମାନସିକତା: ନିଜର ସ୍ୱଧର୍ମ ବା ଗୁଣ, ଯାହା ଜଣକ ପାଇଁ ଏକ ଅଦ୍ୱିତୀୟ ଈଶ୍ୱରୀୟ ଉପହାର ବୋଲି ବିଚାର କରାଯାଏ, ତାହାକୁ ଚିହ୍ନିବା ଆବଶ୍ୟକ। ବାସ୍ତବ ପକ୍ଷେ ଜଣକର ଆନ୍ତରିକ ଆଗ୍ରହ ଥିବା କାର୍ଯ୍ୟରେ ପରିଶ୍ରମ କରିବା ଉପଭୋଗ୍ୟ ହୋଇଥାଏ। କିନ୍ତୁ ନିଜ ସ୍ୱଧର୍ମ ଅନୁକୂଳ ନଥିବା କାର୍ଯ୍ୟଟି ତା'ପାଇଁ ନୈରାଶ୍ୟଜନକ ଏବଂ କ୍ଲାନ୍ତିକର ବିବେଚିତ ହୋଇଥାଏ। ସେହିଭଳି କାର୍ଯ୍ୟରେ ନିଜର ଶକ୍ତିକୁ ନିୟୋଜିତ କରାଗଲେ ସଫଳତା ଆସିବ। ଏପରିକି ତୁମେ ସମାଜରେ ପ୍ରତିଷ୍ଠିତ ହୋଇପାରିବ। ପ୍ରସିଦ୍ଧ ସିନେ ଅଭିନେତା ରଜନୀକାନ୍ତ ଜଣେ ବସ୍ କଣ୍ଡକ୍ଟର ଭାବରେ ଆରମ୍ଭ କରିଥିଲେ ଜୀବନର ଜୟଯାତ୍ରା। ବର୍ତ୍ତମାନ ସେ କେଉଁଠି? ସେମିତି କ୍ରିକେଟ କିମ୍ବଦନ୍ତୀ ଧୋନି ରେଳ ଟିକେଟ ପରୀକ୍ଷକ ଭାବରେ ଆରମ୍ଭ କରିଥିଲେ ଜୀବନ। କିନ୍ତୁ ଏବେ ସେ ବିଶ୍ୱର ଜଣେ ସଫଳ କ୍ରିକେଟର। ଅତଏବ ନିଜ ଅନ୍ତଃନିହିତ ଇଚ୍ଛାକୁ କାର୍ଯ୍ୟକାରୀ କରିବାରେ ସ୍ୱଧର୍ମ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଅଙ୍ଗୀକାରବଦ୍ଧତା: ଥରେ ନିଜର ସ୍ୱଧର୍ମ ବା ଆନ୍ତରିକ ଇଚ୍ଛାକୁ ଠିକ୍ ଭାବେ ଚିହ୍ନିପାରିଲେ ଏକ ଉଚ୍ଚ ଆଦର୍ଶ ପ୍ରତି ନିଜ ଦୃଷ୍ଟି ସ୍ଥିର କରିବା ଆବଶ୍ୟକ ଏବଂ ନିଜକୁ ନିଜେ ପ୍ରଶ୍ନ କରିବା କଥା କେଉଁଥିପାଇଁ ମୁଁ କାର୍ଯ୍ୟ କରୁଛି? ଏହା କେବଳ ଆର୍ଥିକ ସ୍ୱଚ୍ଛଳତା ପାଇଁ ନା ତା' ମଧ୍ୟରେ ଏକ ଗଭୀର ତଥା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଉଦ୍ଦେଶ୍ୟ ରହିଛି? ସ୍ୱତଃ ପ୍ରତିଜ୍ଞାବଦ୍ଧ ହୁଅ ଲକ୍ଷ୍ୟ ପ୍ରତି, ହତୋତ୍ସାହିତ କରୁଥିବା ପ୍ରତିବାଧାକୁ ଅତିକ୍ରମ କରି ଯେପରି ତୁମେ ସଫଳ ହୋଇପାରିବ। କଥା ହେଉଛି ନିଜ ଲକ୍ଷ୍ୟ ପ୍ରତି ଆନ୍ତରିକତା ଓ ନିଜକୁ ବାରମ୍ବାର ଅନୁଶୀଳନ। ଭଗବତ୍ ଗୀତାର କର୍ମଯୋଗରେ ଅନାସକ୍ତ କର୍ମ କରିବା ଛଳରେ କୁହାଯାଇଛି ଗଭୀର ପରିଶ୍ରମର କୌଣସି ବିକଳ୍ପ ନାହିଁ ଏବଂ ଏହାହିଁ ପରିଶେଷରେ ଲକ୍ଷ୍ୟ ପୂରଣ କରିବାକୁ ସମର୍ଥ ହୁଏ।

ଦକ୍ଷତା: ସଫଳ ପ୍ରୟାସ ପାଇଁ ନିଜକୁ ଦକ୍ଷ କରିବାର ଆବଶ୍ୟକତା ଅଛି। ସେଥିପାଇଁ ସଂପୃକ୍ତ ବିଷୟରେ ଯଥେଷ୍ଟ ଜ୍ଞାନ ଆହରଣ କରିବା ଉଚିତ। ପ୍ରକୃତ ପକ୍ଷେ ଦକ୍ଷତା କେବଳ ମାତ୍ର ତୀକ୍ଷ୍ଣ ବୁଦ୍ଧି ନୁହେଁ, ଏହା ଧୀଶକ୍ତି, ନିରନ୍ତର ଶିକ୍ଷା ବା ଅନୁଭବ ଏବଂ କଠିନ କାର୍ଯ୍ୟର ସମ୍ମିଶ୍ରଣ। ତୀକ୍ଷ୍ଣ କାର୍ଯ୍ୟଧାରା ଦ୍ୱାରା ନିପୁଣତା ହାସଲ କରି ନୂଆ ନୂଆ ଜ୍ଞାନ ପ୍ରତି ସଜାଗ ରହିବା ସାମର୍ଥ୍ୟ ବା ଦକ୍ଷତା ଆଣିଥାଏ। ପ୍ରକୃତପକ୍ଷେ ଦକ୍ଷତା ଆବଶ୍ୟକ କରିଥାଏ ଚାଲୁ ରହିଥିବା ସମକାଳୀନ ଜ୍ଞାନ ଏବଂ ବିକାଶକୁ ଆପେଣାଇବାର ପ୍ରତିଶ୍ରୁତି। ଅର୍ଥାତ୍ ସର୍ବାଧୁନିକ ଟ୍ରେଣ୍ଡ, ଯାନ୍ତ୍ରିକ କୌଶଳ ଏବଂ ସବୁଠୁଁ ଉତ୍ତମ ଅଭ୍ୟାସ ସହିତ ନବୀନ ତମ ଅବସ୍ଥାରେ ରହିବା ଦକ୍ଷତା ପାଇଁ ଅପରିହାର୍ଯ୍ୟ।

ସହଭାଗିତା: ତୁମେ ଯେତେ ବୁଦ୍ଧିମାନ ହୁଅନା କାହିଁକି ଆଶା କରୁଥିବା ଫଳ ହାସଲ କରିବାକୁ ହେଲେ ଦଳଗତ ମନୋଭାବର ଆବଶ୍ୟକତା ରହିଛି। ସହଭାଗିତାରେ କାର୍ଯ୍ୟ କରିବାକୁ ସୁଦୃଢ଼ ସଂଗଠନ ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା କରାଯିବା କଥା। ତାଳମେଳର ମ୍ୟାଜିକ୍ ହୃଦୟଙ୍ଗମ ସେତିକିବେଳେ କରିହେବ ଯେତେବେଳେ ତୁମେ ପରସ୍ପର ସହିତ ସହଯୋଗ କରି ଆଦାୟ କରୁଥିବା ଫଳ ବ୍ୟକ୍ତିଗତ ଭାବରେ ଆଦାୟ କରୁଥିବା ସମ୍ପୂର୍ଣ୍ଣ ଫଳଠାରୁ ଯଥେଷ୍ଟ ଅଧିକ ହୋଇଥିବାର ଦେଖିପାରିବ।

ଏକାଗ୍ରତା: ତୁମର ଧୀଶକ୍ତି ତୁମ ମନକୁ ବର୍ତ୍ତମାନର କାର୍ଯ୍ୟ ମଧ୍ୟରେ ନିବେଶ କରାଇବା ହିଁ ଏକାଗ୍ରତା। ଦୁର୍ବଳ ମାନସିକତା ମଣିଷର ମନକୁ ଅତୀତର ବ୍ୟସ୍ତତା ଏବଂ ଭବିଷ୍ୟତର ଉତ୍କଣ୍ଠା ଭଳି ଅଫଳପ୍ରଦ ବିଷୟ ମଧ୍ୟକୁ ଠେଲି ଦେଇଥାଏ, ଯାହାଫଳରେ ସକ୍ରିୟତାରେ ଅସୁବିଧା ହୋଇଥାଏ ଏବଂ ତୁମକୁ ଅସଫଳ ହେବାକୁ ପଡ଼େ। ଅପରପକ୍ଷରେ ଧୀଶକ୍ତି ସବଳ ଥିଲେ ତାହା ମନକୁ ବର୍ତ୍ତମାନର କାର୍ଯ୍ୟ କରିବା ଉପରେ ପ୍ରାଥମିକତା ଦେଇଥାଏ ଏବଂ ତା' ଦ୍ୱାରା ସଂପୃକ୍ତ କାର୍ଯ୍ୟଟି ଉତ୍ତମ ରୂପେ ସମ୍ପାଦିତ ହୋଇଥାଏ। ସୁତରାଂ ମନର ଏକାଗ୍ରତା ସର୍ବାଦୌ ଆବଶ୍ୟକ ଜଣେ ସଫଳ ଉଦ୍ୟୋଗୀ ପାଇଁ।

ଦୃଢ଼ତା: ତୁମର ଧୀଶକ୍ତିର ନିର୍ଦ୍ଦେଶନାରେ ସମସ୍ତ କାର୍ଯ୍ୟ କଳ୍ପିତ ଲକ୍ଷ୍ୟକୁ ଭେଦ କରିପାରେ। ଅପରପକ୍ଷରେ ଯଦି ଧୀଶକ୍ତି ଠିକ୍ ଭାବରେ ସତର୍କତା ଅବଲମ୍ବନ ନକରି ପାରେ ତେବେ ମନ ଠିକଣା ବାଟରୁ ବିଚ୍ୟୁତ ହୋଇଯାଏ। ଆଲୋକରଶ୍ମିକୁ ଉତ୍ତଳ ଯବକାଚ ଦ୍ୱାରା ଏକାଭିମୁଖୀ କରି କାଗଜରେ ନିଆଁ ଧରାଇଲା ଭଳି ମନ ଭିତରୁ ଉତ୍ପନ୍ନ ହେଉଥିବା ଧାରଣା ବା ବିଚାରକୁ ଏକ ଲକ୍ଷ୍ୟରେ କେନ୍ଦ୍ରୀଭୂତ କରିପାରିଲେ ତାହା ସଫଳତା ପାଇଁ ଅନମନୀୟ ଦୃଢ଼ତା ସାବ୍ୟସ୍ତ ହେବ। ମାନସିକ ଦୃଢ଼ତା ଅପରିହାର୍ଯ୍ୟ। ମାତ୍ର ଧୀରେ ଧୀରେ ହେଲେ ବି ତୁମେ ଲକ୍ଷ୍ୟଭେଦ କରିପାରିବ।

ସୁତରାଂ ମେଧାଶକ୍ତି କେବଳ ଯଥେଷ୍ଟ ନୁହେଁ ସାଫଲ୍ୟ ବିମଣ୍ଡିତ ହେବାକୁ। ତୁମ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଉନ୍ମୁକ୍ତ କରିବାକୁ ହେଲେ ଉପରୋକ୍ତ ଛଅଟି ମାନବୀୟ ଗୁଣକୁ ନିଜର କରିବା ଆବଶ୍ୟକ। ଅଧିକନ୍ତୁ ଅସାମାନ୍ୟ ସଫଳତା, ଆନନ୍ଦ ଏବଂ ବ୍ୟକ୍ତିଗତ ପ୍ରତିଷ୍ଠା ପାଇଁ ଏହିଗୁଡ଼ିକ ହିଁ ଚାବିକାଠି।

କଟକ, ମୋ: ୯୪୩୭୩୬୦୯୮୧

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ଲାଜକୁଳି ଲତା

ସୌଭାଗ୍ୟସୁନ୍ଦର

ଲାଜକୁଳି ଲତା, ଯାହାକୁ ସମ୍ବେଦନଶୀଳ ଉଦ୍ଭିଦ କିମ୍ବା 'ମୋତେ ସ୍ପର୍ଶ କର ନାହିଁ' ଉଦ୍ଭିଦ ମଧ୍ୟ କୁହାଯାଏ, ସାଧାରଣତଃ ଅନାବାଦୀ ଜମି, ଚାଷ ଜମି ଏବଂ ରାସ୍ତାକଡ଼ରେ ଦେଖାଯାଏ। ଏହା କାରିବିଆନ ଏବଂ ଦକ୍ଷିଣ ଓ ମଧ୍ୟ ଆମେରିକାର ମୂଳ ଜାତ, କିନ୍ତୁ ବର୍ତ୍ତମାନ ଦକ୍ଷିଣ ଯୁକ୍ତରାଷ୍ଟ୍ର, ଦକ୍ଷିଣ ଏସିଆ, ପୂର୍ବ ଏସିଆ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ପଶ୍ଚିମ ଆଫ୍ରିକାରେ ଦେଖିବାକୁ ମିଳେ। ଲାଜକୁଳି ଲତା ଏକ କୌତୁହଳପୂର୍ଣ୍ଣ ଆକର୍ଷଣୀୟ ତୃଣ। ସ୍ପର୍ଶ କିମ୍ବା ହଲିବା ଦ୍ୱାରା ସମ୍ବେଦନଶୀଳ ପତ୍ରଗୁଡ଼ିକ ତତ୍‌କ୍ଷଣାତ ସଙ୍କୁଚିତ ହୋଇ ମୋଡ଼ିଯାଏ ଓ ଝୁଲିଯାଏ, କିଛିମିନିଟ୍ ପରେ ପୁଣି ଖୋଲିଯାଏ। ଏହି ପ୍ରତିଫଳନ ହୁଏତ ନିଜର ପ୍ରତିରକ୍ଷା ପାଇଁ ଏକ ପ୍ରାକୃତିକ ବ୍ୟବସ୍ଥା। ସାଧାରଣ ଅବସ୍ଥାରେ ପତ୍ରଗୁଡ଼ିକ ଅନ୍ଧାର ସମୟରେ ବନ୍ଦ ହୋଇଯାଏ ଏବଂ ଆଲୋକରେ ପୁଣି ଖୋଲିଯାଏ। ଏହାକୁ ପ୍ରଥମେ ଫରାସୀ ବୈଜ୍ଞାନିକ ଜିନ୍-ଜ୍ୟାକ୍ ଡି'ଅର୍ଟୋସ୍ ଅଧ୍ୟୟନ କରିଥିଲେ। ୟୁକେରେ ଏହାକୁ ରୟାଲ୍ ହର୍ଟିକଲ୍‌ଚରାଲ୍ ସୋସାଇଟିର ଉଦ୍ୟାନ ମେରିଟ୍ ପୁରସ୍କାର ମିଳିଛି।

ଲାଜକୁଳି ଲତା ଏକ ଦୁର୍ବଳ କାଣ୍ଡ ବିଶିଷ୍ଟ ତୃଣ। ପ୍ରାଥମିକ ଅବସ୍ଥାରେ କାଣ୍ଡ ସିଧା ହୋଇଥାଏ ଏବଂ ପରେ ପରେ ଭୂମି ଉପରେ ପତିତ ହୋଇ ସମାନ୍ତରାଳ ଭାବରେ ବ୍ୟାପିଥାଏ। କାଣ୍ଡ ଘନ କଣ୍ଟାଯୁକ୍ତ। ପତ୍ରର ଡେମ୍ଫ ମଧ୍ୟ କଣ୍ଟାଯୁକ୍ତ। ପୁଷ୍ପଗୁଚ୍ଛ ଏକ ଗୋଲାକାର ବା ଅଣ୍ଡାକାର ୮-୧୦ ମିମି ବ୍ୟାସରେ ଅନେକ ଫିକା ଗୋଲାପୀ କିମ୍ବା ବାଇଗଣୀ ଫୁଲ ଧାରଣ କରିଥାଏ। ଫୁଲଗୁଡ଼ିକ ବହୁତ ଭଙ୍ଗୁର ଓ ନରମ। ଗୋଟିଏ ଦିନରୁ କମ୍ ସମୟ ପାଇଁ ତିଷ୍ଠି ରହନ୍ତି। ପ୍ରତି ଫଳ ଦୁଇରୁ ପାଞ୍ଚ ଖଣ୍ଡରେ ଭାଙ୍ଗିଯାଏ ଏବଂ ପ୍ରାୟ ୨.୫ ମିମି ଲମ୍ବା ଫିକା ବାଦାମୀ ବିହନ ବହନ କରିଥାଏ।

ଭାରତରେ ଏହି ଉଦ୍ଭିଦର ପ୍ରତ୍ୟେକ ଅଂଶ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆୟୁର୍ବେଦ, ସିଦ୍ଧ ଏବଂ ୟୁନାନି ଔଷଧରେ ବ୍ୟବହାର କରାଯାଏ। ସମ୍ପୂର୍ଣ୍ଣ ଉଦ୍ଭିଦଟି ବାତ, ଗୋଡ଼ ଯନ୍ତ୍ରଣା, କର୍କଟ, ଏକ୍‌ଜିମା, ମଳକଣ୍ଟକ, ପତଳା ଝାଡ଼ା, ଅନ୍ତନଳୀ କୃମି, ଅବସାଦ, ମାଂସପେଶୀ ଯନ୍ତ୍ରଣା ଏବଂ ଏଲିଫାଣ୍ଟିଆସିସ ବା ହାତୀଆ ରୋଗ, ଅନିଦ୍ରା, ଅଣ୍ଡକୋଷର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଋତୁସ୍ରାବ ସମସ୍ୟା, ସଂକ୍ରମଣ, ଦାନ୍ତବିନ୍ଧା, ଡାଇରିଆ, ବସନ୍ତ, ଜ୍ୱର, ଅଲସର, କାମଳ, ରକ୍ତସ୍ରାବ, ଶ୍ୱାସ, ଯକୃତ, ଫିଷ୍ଟୁଲା ଏବଂ ଲ୍ୟୁକୋଡର୍ମା ଚିକିତ୍ସା, ଗର୍ଭାଶୟ ପ୍ରବାହର ଚିକିତ୍ସା, ସାପ ଓ ବିଛା କାମୁଡ଼ା ପାଇଁ ପ୍ରତିଷେଧକ ଭାବେଁ ଏହି ତୃଣ ବ୍ୟବହାର କରାଯାଏ। ପତ୍ରଗୁଡ଼ିକ କାଢ଼ା ଭାବରେ କିମ୍ବା ପେଷ୍ଟ ଭାବରେ ବ୍ୟବହୃତ ହୁଏ। ଏହା ଏହାର ଆଣ୍ଟି-ମାଇକ୍ରୋବାଏଲ୍, ଆଣ୍ଟି-ଫଙ୍ଗାଲ୍, ଆଣ୍ଟି-ଭାଇରାଲ୍ ଗୁଣ ଏବଂ ଆଣ୍ଟି-ମମ୍ପ (ଗାଲ ମୁହଁ ଫୁଲା) କାର୍ଯ୍ୟକଳାପ, ଆଣ୍ଟି-କନଭାଲ୍ସାଣ୍ଟ (ମାଂସ ପେଶୀ ସ୍ୱତଃ ସଙ୍କୋଚନ) ଗୁଣ ପାଇଁ ପ୍ରମାଣିତ ହୋଇଛି। ଏହା ଲିପିଡ୍ ସ୍ତରକୁ ହ୍ରାସ କରେ। ମୂଳକୁ ପାରମ୍ପରିକ ଭାବରେ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ଏହାର ପ୍ରଜନନ-ବିରୋଧୀ ଗୁଣ ଥିବାରୁ ଗର୍ଭାବସ୍ଥାରେ ଏହାର ସେବନ ନିଷେଧ। ଉଦ୍ଭିଦର ମୂଳର ରସ ନାଗ ସାପର ବିଷର ମାରାତ୍ମକ ତାକୁ ଲାଘବ କରେ। ଏହି ତୃଣରେ ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍ସ, ଟେର୍ପେନୋଏଡ୍ସ, ଆଲକାଲଏଡ୍ସ, କୁମାରିନ୍ସ, ସାପୋନିନ୍ସ, ଟାନିନ୍ସ, ଫେନୋଲ୍ସ, କୁଇନାଇନ୍ସ, ଫ୍ୟାଟି ଏସିଡ୍ସ, ଗ୍ଲାଇକୋସାଇଡ୍ସ, ଅତ୍ୟାବଶ୍ୟକ ତେଲ, ଟାନିନ୍ସ, ଆମିନୋ ଏସିଡ୍ସ, ଆଲକାଲଏଡ୍ସ, ଫାଇଟୋଷ୍ଟେରୋଲ୍, ମିମୋସିନ୍, ଜାସମୋନିକ୍ ଏସିଡ୍, ବେଟୁଲିନିକ୍ ଏସିଡ୍, ଷ୍ଟିଗମାଷ୍ଟେରୋଲ୍, ବିଟା-ସିଟୋଷ୍ଟେରୋଲ୍, ୨-ହାଇଡ୍ରକ୍ସିମିଥାଇଲ୍-କ୍ରୋମାନ୍-୪-ୱାନ୍, ଡାଇମିଥାଇଲ୍ ଆମୋନିୟମ୍ ଲବଣ ଏବଂ ମିମୋପୁଡିନ୍ ରହିଛି।

ଏହାକୁ ଅଷ୍ଟ୍ରେଲିଆର କିଛି ଅଂଶରେ ଆକ୍ରମଣାତ୍ମକ ତୃଣ ଭାବରେ ବିବେଚନା କରାଯାଏ। ମକା, ନଡ଼ିଆ, ଟମାଟୋ, କପା, କଫି, କଦଳୀ, ସୋୟାବିନ୍, ପପେଇ ଏବଂ ଆଖୁ ଆଦି ଫସଲ ଲାଜକୁଳି ତୃଣ ଦ୍ୱାରା ପ୍ରଭାବିତ ହୋଇଥାଏ। ଲାଜକୁଳି ପ୍ରଦୂଷିତ ମାଟିରୁ ତମ୍ବା, ସୀସା, ଟିନ୍ ଏବଂ ଜିଙ୍କ ଭଳି ଭାରୀ ଧାତୁ ଶୋଷଣ କରେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ଯୋଗାଯୋଗ ଠିକଣା
ସକାଳ THE SAKALA
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫସଲ ବୀମା ଯୋଜନାରେ ବ୍ୟାପକ ବାଟମାରଣା

ଭୁବନେଶ୍ୱର,୨୭।୭(ସମିସ): ପୂର୍ବ ପ୍ରଚଳିତ ରାଷ୍ଟ୍ରୀୟ କୃଷି ବୀମା ଯୋଜନାକୁ ପରିବର୍ତ୍ତନ କରି ୨୦୧୬ରୁ ବିଜେପି ଦଳ ଓ ଘରୋଇ ବୀମା କମ୍ପାନୀଙ୍କ ଫାଇଦା ପାଇଁ 'ପ୍ରଧାନମନ୍ତ୍ରୀ ଫସଲ ବୀମା' ଯୋଜନା କାର୍ଯ୍ୟକାରି ହୋଇ ଆସୁଛି। ଦେଶର ପ୍ରାୟ ୧୪କୋଟି ଚାଷୀଙ୍କ ମଧ୍ୟରୁ ୫ କୋଟି ଚାଷୀ

■ ତଦନ୍ତ ପାଇଁ ଦାବି କଲା କିଷାନ କଂଗ୍ରେସ
■ ପଞ୍ଜୀକରଣ ଅବଧି ୧୫ ପର୍ଯ୍ୟନ୍ତ ବୃଦ୍ଧି

ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଗତ ୯ ବର୍ଷ ମଧ୍ୟରେ ଫସଲ କ୍ଷତିରେ ଚାଷୀ ବୀମା ସହାୟତା ରାଶି ପାଇବା ତ ଦୂରର କଥା, ସେମାନଙ୍କ ସଂଗୃହୀତ ମୋଟ ପ୍ରିମିୟମ ରାଶି ୨ଲକ୍ଷ ୩ ହଜାର ୬ଶହ କୋଟି ଟଙ୍କାରୁ ଘରୋଇ କମ୍ପାନୀମାନେ ୧ଲକ୍ଷ ୧୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଫାଇଦା ଉଠାଇଛନ୍ତି ବୋଲି କିଷାନ କଂଗ୍ରେସ କହିଛି।

ସେହିପରି ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣି ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମର ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କର୍ତ୍ତୃତ୍ୱାଧୀନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି ଏବଂ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଦାବି କରିଛନ୍ତି।

ଚଳିତବର୍ଷ ବୀମା ପଞ୍ଜୀକରଣ ପାଇଁ ଜୁଲାଇ ୩୧ ତାରିଖ ଯେଉଁ ସମୟସୀମା ରଖାଯାଇଛି, ତୁରନ୍ତ ଏହାର ପରିବର୍ତ୍ତନ କରି ବୀମା ପଞ୍ଜିକରଣ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। ଗ୍ରାମ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱଗ୍ରାମକୁ ଏକକ ଫସଲବୀମା ୟୁନିଟ ଭାବେ ଘୋଷଣା ଓ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ସର୍ତ୍ତାବଳୀରେ ସ୍ୱତନ୍ତ୍ର ନିୟମ ଉଲ୍ଲେଖ କରିବାକୁ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି। ପ୍ରକାଶଥାଉକି ଚଳିତମାସ ୧୧ ତାରିଖ ଦିନ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ସମ୍ବିଧାନ ବଞ୍ଚାଓ ସମାବେଶରେ ଯୋଗଦେବା ଅବସରରେ ଗଞ୍ଜାମ ଜିଲ୍ଲାର ଚାଷୀଙ୍କଠାରୁ ବୀମା ସମ୍ବନ୍ଧୀୟ ତଥ୍ୟ ଜାଣିବାପରେ ସରକାର ଓ ବୀମା କମ୍ପାନୀମାନେ ଯେପରି ଚାଷୀଙ୍କୁ ଲୁଟିଛନ୍ତି ଏହା ଏକ ଜ୍ୱଳନ୍ତ ଉଦାହରଣ ବୋଲି ଅନୁଭବ କରିଥିଲେ। ତେଣୁ ଏହି ସମ୍ବନ୍ଧୀୟ ତଥ୍ୟାବଳୀକୁ ସଂଗ୍ରହ କରାଯାଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କୁ ପୁନଶ୍ଚ ଅବଗତ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ୨୮ ରେ ନୂଆଖାଇ ଲଗ୍ନ

ବଲାଙ୍ଗିର,୨୭।୭(ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ବଲାଙ୍ଗିରରେ ରବିବାର ଲଗ୍ନ ଧାର୍ଯ୍ୟ କରାଯାଇଛି। ଆସନ୍ତା ଅଗଷ୍ଟ ୨୮ ତାରିଖ ଦିନ ନୂଆଖାଇ ପର୍ବ ପାଳନ କରାଯିବ ବୋଲି ସୂଚନା ମିଳିଛି। ବଲାଙ୍ଗିର ଜିଲ୍ଲାର ଜ୍ୟୋତିଷ ପଣ୍ଡିତ ମହାସଭା ନବାନ୍ନ ଲଗ୍ନ ନିର୍ଣ୍ଣାୟକ କମିଟି ଦ୍ୱାରା ପୂର୍ବତନ ପାଟଣା ରାଜ୍ୟ ତଥା ମହାରାଜାଙ୍କ ଇଷ୍ଟଦେବୀ ପାଟେଶ୍ୱରୀ ଓ ଦେବୀ ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଓ ପରମ୍ପରା ଅନୁଯାୟୀ ଏହି ଲଗ୍ନ ସ୍ଥିର ହୋଇଥାଏ। ତେବେ ଚଳିତବର୍ଷ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ତୁଳା ଲଗ୍ନରେ ମାହେନ୍ଦ୍ର ବେଳା ସକାଳ ୯ ଘଣ୍ଟା ୪୭ ମିନିଟ୍‌ରୁ ୧୧ ଘଣ୍ଟା ୧୧ ମିନିଟ ମଧ୍ୟରେ ବଲାଙ୍ଗିର ଜିଲ୍ଲାରେ ନବାନ୍ନ ଭକ୍ଷଣ କରାଯିବ ବୋଲି ଉକ୍ତ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲଗ୍ନ ଅନୁସାରେ ଜିଲ୍ଲାବାସୀ ନିଜନିଜ ଇଷ୍ଟଦେବୀଙ୍କୁ ନବାନ୍ନ ଲାଗି କରିବାପରେ ସପରିବାର ମିଶି ନୂଆ ଖାଇବେ। ରବିବାର ବଲାଙ୍ଗିର ଶୈଳଶ୍ରୀ ପ୍ୟାଲେସ୍‌ଠାରେ ରାଜପୁରୋହିତ ସନ୍ତୋଷ ଦାଶ ରବିବାର ନୂଆଖାଇ ଲଗ୍ନ ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୨୭।୭(ସମିସ): କୃଷି ବିଭାଗ ସହଭାଗିତାରେ 'ସୋସିଆଲ ଆଲ୍‌ଫା' ପକ୍ଷରୁ "ଓଡ଼ିଶାରେ କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବା' ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ପ୍ରଦର୍ଶିତ ପ୍ରଯୁକ୍ତିବିଦ୍ୟା ସହିତ ଚାଷୀମାନେ ଉଦ୍ଭାବନକୁ ବ୍ୟବହାର କରାଯାଇଥିଲା। ଏହି ଅବସରରେ ସୋସିଆଲ ଆଲଫା ପୂର୍ବ ଜୋନ୍‌ର ନିର୍ଦ୍ଦେଶକ ଅୟାନ୍ ଦେବ କହିଲେ, ଗତ ଚାରି ବର୍ଷ ମଧ୍ୟରେ, ସୋସିଆଲ ଆଲଫା ଏବଂ ଏହାର ଅଂଶୀଦାରମାନେ ସମଗ୍ର ଓଡ଼ିଶାରେ ୧୭ଟି କୃଷି-ପ୍ରଯୁକ୍ତିବିଦ୍ୟା ସମାଧାନ ପାଇଲଟ୍ ପ୍ରକଳ୍ପ କରିଛନ୍ତି। ଏହା ୭ହଜାରରୁ ଊର୍ଦ୍ଧ୍ୱ ଗ୍ରାମୀଣ ପରିବାର ପାଖରେ ପହଞ୍ଚିପାରିଛି। ବିଭାଗୀୟ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର, ପ୍ରଯୁକ୍ତିବିଦ୍ୟା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଉମାଶଙ୍କର ପାଲ ନବସୃଜନ ପାଇଁ ଆବଶ୍ୟକ ମୌଳିକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଉପନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ, ରାଜ୍ୟସ୍ତରୀୟ ଫାର୍ମ ମେସିନାରୀ ତାଲିମ ଏବଂ ପରୀକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଦେବବ୍ରତ ଶତପଥୀ କୃଷି ମୂଲ୍ୟ ଶୃଙ୍ଖଳରେ ଇଞ୍ଜିନିୟରିଂ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ପାଞ୍ଚଟି କୃଷି-ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ପ୍ରଦର୍ଶିତ ହୋଇଥିଲା।

## ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା ନିର୍ମାଣ ହେବ

ଭୁବନେଶ୍ୱର,୨୭।୭(ସମିସ):'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଫଳତା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା ନିର୍ମାଣର ଯୋଜନା ହୋଇଛି। ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଲୋକକଥାକୁ ନେଇ ନିର୍ମିତ ହେବାକୁ ଥିବା ଏହି ଚଳଚ୍ଚିତ୍ରର ନାମ 'ମାଳତୀ' ରଖାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।

ଏହି ଫିଲ୍ମର ପ୍ରଯୋଜକ ପୁରୀର। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସିନେମା ପାଇଁ ପ୍ରେରଣା ଦେଇଥିବା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କର ଆଶୀର୍ବାଦ ଭିକ୍ଷା କରିବା ସହିତ ତାଙ୍କର ଆଗାମୀ ଫିଲ୍ମ ପାଇଁ ଗୁରୁଜୀ ଗୋଟିଏ ଗୀତ ଲେଖିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ବିପୁଳ ସଫଳତା ଲାଭ କରିବା ପଛରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦ ରହିଥିବା ଏହାର ନିର୍ଦ୍ଦେଶକ ତଥା ପ୍ରଯୋଜକ ବିନି ସାମଲ ଗଣମାଧ୍ୟମକୁ କହିଥିଲେ।

ଏ ସମ୍ପର୍କରେ ଗୁରୁଜୀଙ୍କ ପ୍ରତିକ୍ରିୟା ଲୋଡ଼ାଯିବାରେ ସେ କହିଛନ୍ତି ଯେ ଜଗନ୍ନାଥ ତତ୍ତ୍ୱ, ସଂସ୍କୃତି, ଓଡ଼ିଶାର ଇତିହାସ ଏବଂ ଅସ୍ମିତା ଉପରେ କୌଣସି ବି କାର୍ଯ୍ୟ ତାଙ୍କୁ ଭଲ ଲାଗେ। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସିନେମାଟି ଏହା ଉପରେ ଆଧାରିତ ହୋଇଥିବାରୁ ସେ ଏଥିରେ ସଂଶ୍ଳିଷ୍ଟ ହେଲେ। ଏଭଳି ମୁଭି ତାଙ୍କର ପସନ୍ଦ ବୋଲି ଗୁରୁଜୀ କହିଛନ୍ତି।

### ହନୁମାନ ପଇସା ନାମରେ ଠକେଇ

## ୧୫ ଲକ୍ଷ ଠକେଇ ଅଭିଯୋଗରେ ୪ ଗିରଫ



ବଲାଙ୍ଗିର/ଟିଟିଲାଗଡ଼,୨୭।୭(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅଞ୍ଚଳରେ ହନୁମାନ ପଇସା ନାମରେ ଠକେଇ ଘଟଣାର ପର୍ଦ୍ଦାଫାଶ କରିଛି ଟିଟିଲାଗଡ଼ ପୁଲିସ। ହନୁମାନ ପଇସା ବାବଦକୁ ପ୍ରାୟ ୧୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଥିବାବେଳେ ଏହି ମାମଲାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି। କମ୍ ପରିଶ୍ରମ ଓ ଶୀଘ୍ର ଧନୀ ହେବା ନିଶା ବଲାଙ୍ଗିର ଜିଲ୍ଲାରେ ଅନେକଙ୍କୁ ଘାରିଛି। କିଏ ଜୁଆ, କିଏ ସଟ୍ଟା ତ କିଏ ବେଆଇନ କାରବାର କରି ଟଙ୍କା ଆୟ କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଜିଲ୍ଲାରେ ଏବେ ଗୁପ୍ତଧନ ଓ ହନୁମାନ ପଇସା କାରବାର ଜୋର୍‌ସୋର୍‌ରେ ଚାଲିଥିବା ଅଭିଯୋଗ ହୋଇଛି।

**ନଗଦ ଟଙ୍କା ଓ ଦୁଇ ଚାରିଚକିଆ ଗାଡ଼ି ଜବତ**

ସୂଚନା ଅନୁସାରେ ରବିବାର କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଅଧୀନ ଖଜୁରୀଗୁଡ଼ା ଗାଁର ଦୀନବନ୍ଧୁ ଗର୍ଡିଆଙ୍କୁ ଟିଟିଲାଗଡ଼ର ଟଙ୍କଧର ପଟେଲ ହନୁମାନ ପଇସା କାରବାର ବିଷୟରେ କହି ତାଙ୍କୁ ଅଧିକ ଟଙ୍କା ଦେବା ପାଇଁ ଲୋଭ ଦେଖାଇଥିଲେ। ଫଳରେ ଦୀନବନ୍ଧୁ ପର୍ଯ୍ୟାୟକ୍ରମେ ୧୫ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଦୀର୍ଘ ୮ ମାସ ଧରି ଉକ୍ତ ଟଙ୍କା କିମ୍ବା ସେ କହିଥିବା ଟଙ୍କାକୁ ନଦେବାରୁ ବାରମ୍ବାର ପଇସା ପାଇଁ କହିଥିଲେ। କିନ୍ତୁ ଦୀନବନ୍ଧୁ ଟଙ୍କା ଦେଇନଥିଲେ। ଶେଷରେ ୨୫ ତାରିଖରେ ଟଙ୍କା ଦେବାକୁ କହି ଦୀନବନ୍ଧୁଙ୍କୁ ଡ଼ାକାଇଥିଲେ। କିନ୍ତୁ ସେ ଟଙ୍କା ଦେବା ବଦଳରେ ଟଙ୍କଧର ନିଜ ସମ୍ପର୍କୀୟ ହରିଶ ପଟେଲ, ସତ୍ୟ ନାରାୟଣ କୁମ୍ଭାରଙ୍କ ସହ ମିଶି ଗାଳିଗୁଲଜ କରିଥିଲେ। ସେଠାରୁ ସେ ଖସି ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିବା ବେଳେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ମାନେ ହେଲେ ଟିଟଲାଗଡ଼ର ଟଙ୍କଧର ପଟେଲ, ସୋନପୁର ଥନାପତିପଡ଼ାର ଗିରି ଗୋବର୍ଦ୍ଧନ ଥନାପତି, ମୁରିବାହଲ ଥାନା ଲଖନା ଗାଁର ହରିଶ ପଟେଲ ଓ ସିକପତ୍ରାପାଲି ଗାଁର ସତ୍ୟନାରାୟଣ କୁମ୍ଭାର। ଅଭିଯୁକ୍ତଙ୍କ ପକ୍ଷରୁ ୧୪ ଲକ୍ଷ ୪୬ ହଜାର ଟଙ୍କା, ଏକ ସ୍କର୍ପିଓ ଗାଡ଼ି, ଏକ ବୋଲେରୋ ପ୍ଲସ୍ ଗାଡ଼ି ସହ ମୋବାଇଲ ଜବତ କରିଥିବା ପୁଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ଏସ ଯଶୋବନ୍ତ ପ୍ରଧାନି ଉପସ୍ଥିତ ଥିଲେ।

### ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର

## ବନ୍ୟା ସ୍ଥିତି ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

ସମ୍ବଲପୁର, ୨୭।୭ (ସମିସ): ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ସ୍ଥିତି ଚିନ୍ତାଜନକ ରହିଛି। ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର ରହିଛି। ବାଲେଶ୍ୱର ଜିଲ୍ଲାରେ ବିପଦ ସଂକେତ ୧ ମିଟର ଉପରେ ପାଣି ପ୍ରବାହିତ ହେବା ଆଶଙ୍କା ରହିଛି। ବାଲେଶ୍ୱର ଜିଲ୍ଲାପାଳଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ବନ୍ୟା ପ୍ରଭାବିତ ଆଶଙ୍କା ଥିବା ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ରାଜ୍ୟରେ ବାଲେଶ୍ୱର ବ୍ୟତୀତ ଅନ୍ୟ ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବାବେଳେ ବନ୍ୟା ପ୍ରଭାବିତ ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ରାଜ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ବୋଲି ସେ ସୂଚନା ଦେଇଛନ୍ତି। ରବିବାର ମଧ୍ୟାହ୍ନରେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଓସ୍ୱାନ୍ ହଲ୍‌ରେ ମନ୍ତ୍ରୀ ଶ୍ରୀ ପୂଜାରୀ ଭିଡିଓ କନଫରେନ୍ସିଂ ଜରିଆରେ ସାରା ରାଜ୍ୟର ବନ୍ୟା ସ୍ଥିତି ସମୀକ୍ଷା କରିଥିଲେ। ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ (ଏସ୍‌ଆରସି) ଓ ବନ୍ୟା ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନେ ସ୍ଥିତି ସମ୍ପର୍କରେ ଅବଗତ କରିଥିଲେ।

ସମୀକ୍ଷା ପରେ ଶ୍ରୀ ପୂଜାରୀ କହିଛନ୍ତି, ପାଣିପାଗ ବିଭାଗର ଆକଳନ ଅନୁସାରେ ମୟୂରଭଞ୍ଜ ଓ କେନ୍ଦୁଝର ଦୁଇଟି ଜିଲ୍ଲା ରେଡ୍ ଆଲର୍ଟରେ ଥିଲା ହେଲେ ତାହା ବର୍ତ୍ତମାନ ବିପଦମୁକ୍ତ ରହିଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଜଳ ପତ୍ତନ କମିବା ଆରମ୍ଭ ହେଲାଣି। ରିଲିଫ୍ କେନ୍ଦ୍ରରୁ ଲୋକେ ଫେରିବା ଆରମ୍ଭ କଲେଣି। ଏହି ଜିଲ୍ଲା ଗୁଡ଼ିକର କ୍ଷୟକ୍ଷତି ଆକଳନ କରାଯିବ ଏବଂ ତୁରନ୍ତ ପ୍ରଦାନ ବ୍ୟବସ୍ଥା କରାଯିବ। ବୈତରଣୀ ନଦୀର ଜଳ ପତ୍ତନ ମଧ୍ୟ କମିବାରେ ଲାଗିଛି। ସେହିପରି ଭଦ୍ରକ ଓ ଯାଜପୁର ଜିଲ୍ଲାରେ ମଧ୍ୟ ଲୋକେ ରିଲିଫ୍ କେନ୍ଦ୍ରରୁ ଘରକୁ ଫେରିଲେଣି ବୋଲି ସେ କହିଛନ୍ତି। ସମସ୍ତ ପ୍ରଭାବିତ ଜିଲ୍ଲାର ରିଲିଫ୍ କେନ୍ଦ୍ର ଗୁଡ଼ିକରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯିବା ଜାରି ରହିବ।




ବାଲେଶ୍ୱର ଜିଲ୍ଲାର ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର ରହିଛି। ଏଠାକାର ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ଓଡିଆର୍‌ଏଫ୍ ବାହିନୀଙ୍କୁ ସଜାଗ ରଖାଯାଇଚି। ସମ୍ଭାବ୍ୟ ବନ୍ୟା ଦୃଷ୍ଟିରୁ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ପୃଥକ୍ ଭାବେ ମହିଳା ଓ ପୁରୁଷଙ୍କ ରହିବା ସୁବିଧା ସହ ଅନ୍ୟ ବ୍ୟବସ୍ଥା କରାଯାଇଛି। ବନ୍ୟା ପାଣି କମିଯିବା ପରେ ଉପୁଜୁଥିବା ସାପ ଭୟକୁ ଦୂର କରିବା ପାଇଁ ଡାକ୍ତରଖାନାରେ ଯଥେଷ୍ଟ ପରିମାଣର ଔଷଧ ମହଜୁଦ ରଖିବା, ଏକ ଘଣ୍ଟା ମଧ୍ୟରେ ସାପ କାମୁଡ଼ା ପୀଡ଼ିତଙ୍କ ନିକଟରେ ଔଷଧ ପହଞ୍ଚାଇବା, ସ୍ୱାସ୍ଥ୍ୟସେବୀଙ୍କ ସଂଖ୍ୟା ବୃଦ୍ଧି, ପାନୀୟ ଜଳକୁ ବ୍ୟବହାର ଉପଯୋଗୀ କରିବା ଏବଂ ବନ୍ୟାଞ୍ଚଳର ସମସ୍ତ ଜଳ ଉତ୍ସଗୁଡ଼ିକୁ ବିଶୋଧନ କରିବା ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି। ଆସନ୍ତାକାଲି ଶ୍ରାବଣ ସୋମବାର ଥିବାରୁ ପ୍ରଭାବିତ ଅଞ୍ଚଳରେ ପରିଦର୍ଶନ କରୁଥିବା କାଉଡ଼ିଆମାନେ ଯାଡୁସ୍ୟାଡୁ ପାଣି ନ ପିଇବାକୁ ସେ ପରାମର୍ଶ ଦେଇଛନ୍ତି। ଆଭାସୀ ସମୀକ୍ଷା ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଜରୁରୀକାଳୀନ ଅଧିକାରୀ ନୂତନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ୟା ଭୟରେ...

ବନ୍ୟା ପରିସ୍ଥିତି ଯୋଗୁଁ ଅତିରିକ୍ତ ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କାର୍ଯ୍ୟ ପାଇଁ ପଠାଯାଇଛି।

ରବିବାର ସନ୍ଧ୍ୟା ୬ ଟା ବେଳେ ବୈତରଣୀ ନଦୀର ଆନନ୍ଦପୁରଠାରେ ଜଳସ୍ତର ୩୬.୨୪ ମିଟର ରହିଛି। ଏଠାରେ ବିପଦ ସଂକେତ ସ୍ତର ୩୮.୩୬ ମିଟର ରହିଛି। ଆଖୁଆପଦାଠାରେ ବିପଦ ସଂକେତସ୍ତର ୧୮. ୩୩ ମିଟର ରହିଥିବା ବେଳେ ଜଳସ୍ତର ୧୭.୬୬ ମିଟର ରହିଛି। ଜଳକା ନଦୀରେ ମଥାନୀଠାରେ ବିପଦ ସଙ୍କେତ ୬.୫୦ ମିଟର ରହିଥିବା ବେଳେ ଏଠାରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ଅର୍ଥାତ ଜଳସ୍ତର ୬.୫୨ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀର ଜାମଶୋଳାଘାଟଠାରେ ବିପଦ ସଙ୍କେତ ସ୍ତର ୪୯.୧୬ ମିଟର ଥିବାବେଳେ ଜଳସ୍ତର ୪୮.୮୬ ମିଟର ରହିଛି। ମାତ୍ର ରାଜଘାଟଠାରେ ନଦୀ ଜଳ ବିପଦ ସଂକେତ ସ୍ତର ୧୦.୩୬ ମିଟର ଠାରୁ ଊର୍ଦ୍ଧ୍ୱରେ ଅର୍ଥାତ୍ ୧୧.୧୭ ମିଟର ଉପରେ ପ୍ରବାହିତ ହେଉଛି।

ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ରାଜୀବ ଭବନଠାରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଡ଼ି.କେ.ସିଂହ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ୍ ଟିମ୍ ସହ ଗୋଟିଏ ଏନ୍‌ଡିଆର୍‌ଏଫ୍, ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀ ନିୟୋଜିତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଦଳ, ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍, ଗୋଟିଏ ଏନ୍‌ଡିଆର୍‌ଏଫ୍ ଓ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍ ସହ ୧୪ଟି ଅଗ୍ନିଶମ ବାହିନୀ ସମେତ ଏହି ସବୁ ଜିଲ୍ଲାରେ ୧୦୬ଟି ବୋଟ୍ ମଧ୍ୟ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏବେ ସୁଦ୍ଧା ଏକ ହଜାରରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୯ଟି ଆଶ୍ରୟସ୍ଥଳରେ ରଖାଯାଇଛି। ଅନ୍ୟପଟେ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ବାଲେଶ୍ୱରରେ ଏକ ଶିବିର(କ୍ୟାମ୍ପ)ରେ ଉପସ୍ଥିତ ରହି ବନ୍ୟା ପରିଚାଳନାକୁ ତଦାରଖ କରୁଛନ୍ତି। ସେହିପରି ଜଳ ସମ୍ପଦ ବିଭାଗର ତଦାରଖ (ମନିଟରିଂ) ସର୍ବୋଚ୍ଚ ଯନ୍ତ୍ରୀ ସୁବର୍ଣ୍ଣରେଖା ନଦୀରେ ବନ୍ୟାସ୍ଥିତି ନିରୀକ୍ଷଣ କରିଛନ୍ତି। ବିଭାଗର ଅନ୍ୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରଖି ବନ୍ୟା ପରିଚାଳନା କାର୍ଯ୍ୟ ପାଇଁ କ୍ଷେତ୍ରସ୍ତରରେ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ବୈତରଣୀରେ ଭାସିଯାଇ...

ସମେତ ୨ଟି ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୨ ଘଣ୍ଟା ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ମୃତଦେହ ଠାବ ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ ଶରୀରକୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା, ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯାଜପୁର ବିଧାୟିକା ସୁଜାତା ସାହୁ, ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ପୂର୍ବତନ ସରପଞ୍ଚ କନକପ୍ରଭା ଦାସ, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଓଡ଼ିଶାର ମହିଳାଙ୍କୁ...

ପ୍ରଧାନ ଏହି ପ୍ରୟାସ ଲାଗି ପ୍ରେରଣା ସାଜିଛନ୍ତି। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସେ ପାରମ୍ପରିକ ଗୀତରେ ନୂଆ ଶବ୍ଦ, ନୂଆ ବାର୍ତ୍ତା ଯୋଡ଼ିଛନ୍ତି। ତାଙ୍କ ଦଳ ଗାଁ ଗାଁ ବୁଲି ଜଙ୍ଗଲରେ ଲାଗୁଥିବା ନିଆଁରୁ କେତେ କ୍ଷତି ହୁଏ, ତାହା ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଉଛନ୍ତି। ଦେଶର ଲୋକ ପରମ୍ପରାଗୁଡ଼ିକ ଆଦୌ ପୁରୁଣାକାଳିଆ ନୁହେଁ; ଏଥିରେ ଆଜି ବି ସମାଜକୁ ଦିଗଦର୍ଶନ ଦେବାର ଶକ୍ତି ରହିଛି ବୋଲି ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ୨୦ ହଜାର ଟଙ୍କାରେ...

ହୋଇଛି। ଗତ ୧ ତାରିଖରେ ନୀଳ ରଣାଙ୍କ ସ୍ତ୍ରୀ କନକରଣା ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ହେଲେ ଆର୍ଥିକ ଅନାଟନ ଯୋଗୁଁ ଶିଶୁ କନ୍ୟାକୁ ମାତ୍ର ୨୦ ହଜାର ଟଙ୍କାରେ ପର ହାତକୁ ଟେକି ଦେଇଥିଲେ। ବରଗଡ଼ ଜିଲ୍ଲା ପାଇକମାଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିବା ଜଣାପଡିଛି । ନୀଳ ଜଣେ ଦିନ ମଜୁରିଆ ହୋଇଥିବାରୁ ଘର ଠାରୁ ଆରମ୍ଭ କରି ବହୁ ସମସ୍ୟା ତାଙ୍କ ରହିଛି ଯାହାକୁ ନେଇ ସେ ଜନ୍ମ କଲା ଶିଶୁ କନ୍ୟା କୁ ପାଳନ ପୋଷଣ କରିବା ପାଇଁ ନିଜକୁ ଅକ୍ଷମ ଭାବି ଶେଷରେ ବିକ୍ରି କରିଦେଇଥିବା କହିଛନ୍ତି। ଏନେଇ ଟିଟିଲାଗଡ଼ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପରିବାର ଅନ୍ୟ ଜଣେ ସଦସ୍ୟ ଭିନ୍ନମତ ଦେଇଥିବା ଜଣାପଡ଼ିଛି। ବିକ୍ରି ନୁହଁ ବ୍ୟକ୍ତିଗତ ଭାବେ ପାଳନ କରିବା ପାଇଁ ଅକ୍ଷମ ଥିବାରୁ ତାଙ୍କୁ ଦେଇ ଦେଇଥିବା କହିଛନ୍ତି।

### ଲିଫ୍ଟ ଦେବା ବାହାନାରେ...

ସମ୍ପର୍କରେ କହିବା ପରେ ମାମୁଁ ଘର ଗାଁ ଲୋକ ଏକ ବୈଠକ ଡାକିଥିଲେ। ଉକ୍ତ ବୈଠକକୁ ବାଇକ୍‌ଚାଳକ ଜଣଙ୍କ ନ ଆସି ଫେରାର୍ ହୋଇ ଯାଇଥଲା। ପୀଡ଼ିତାର ମାମୁଁ ବାଧହୋଇ ଶନିବାର ଓରକେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା କ୍ରମେ ପୁଲିସ ଅଭିଯୁକ୍ତ ଦୟା ମାଡ଼ି(୪୫)କୁ ଗିରଫ କରିଥିବା ଅତିରିକ୍ତ ଏସ୍‌ପି ରଶ୍ମିରଞ୍ଜନ ସେନାପତି କହିଛନ୍ତି। ପୁଲିସ ପୀଡିତାକୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଇଛି।

### ଦୁଷ୍କର୍ମ ପୀଡ଼ିତା...

ଅଭିଯୁକ୍ତଙ୍କ ଉପସ୍ଥିତିରେ ଏକ ବୈଠକ ମଧ୍ୟ ହୋଇଥିଲା। ଉଭୟ ପକ୍ଷର ପରିବାର ଲୋକେ ଉପସ୍ଥିତ ରହି ବୈଠକରେ ଆଲୋଚନା କରୁଥିବା ବେଳେ ହଠାତ୍ ପୀଡ଼ିତା ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ସେଠାରୁ ଉଭୟ ନବଜାତକ ଓ ପୀଡ଼ତାଙ୍କୁ ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ଡାକ୍ତର ନବଜାତ ଶିଶୁଟିକୁ ମୃତ ଘୋଷଣା କରିଥିଲେ ଓ ନାବାଳିକାର ଚିକିତ୍ସା ଆରମ୍ଭ କରିଥିଲେ। ଏ ନେଇ ମୁଦୁଲିପଡା ଥାନାରେ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି।

### ମାଟି ତଳୁ ୩୫ ଲକ୍ଷ...

ପୁଳାପୁଳା ଟଙ୍କା ଗଚ୍ଛିତ ରଖିଥିବା ନେଇ ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହି କ୍ରମରେ ସିଆର୍‌ପିଏଫ, କୋବ୍ରା ବାହିନୀ ଓ ଜାଗୁଆର ଫୋର୍ସ ସହାୟତାରେ ଝାଡଖଣ୍ଡ ପୁଲିସ ପକ୍ଷରୁ ଓଡିଶା-ଝାଡଖଣ୍ଡର ସୀମାନ୍ତ ଇଲାକା ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଏହି ସମୟରେ ସରଣ୍ଡା ଜଙ୍ଗଲର ଚାଇବାସା ନିକଟରେ ସୁରକ୍ଷାବାହିନୀ ମାଟି ତଳେ ପଲିଥିନ ଦ୍ୱାରା ଗୁଡା ହୋଇ ପୁଳା ପୁଳା ଟଙ୍କା ପୋତା ଯାଇଥିବା ଦେଖିବାକୁ ପାଇଥିଲେ। ଜବତ ଟଙ୍କାର ପରିମାଣ ୩୫ ଲକ୍ଷରୁ ଉକ୍ଷରୁ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏହାସହ ମାଓବାଦୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ମଧ୍ୟ ଯବାନମାନେ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ମାଓବାଦୀମାନେ ୫ ଟନ ବିସ୍ଫୋରକ ସାମଗ୍ରୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ପଥର ଖଣି ନିକଟରୁ ଲୁଟି ନେଇଥିଲେ। ଯେଉଁଥିରୁ ୩ ଟନ୍ ୮୦୦ କେଜି ବିସ୍ଫୋରକକୁ ରାଉରକେଲା ଓ ଝାଡଖଣ୍ଡ ପୁଲିସ ସରଣ୍ଡା ଜଙ୍ଗଲ ଭିତରୁ ସର୍ଚ୍ଚ ଅପରେଶନ କରି ଉଦ୍ଧାର କରିଛନ୍ତି। ଜବତ ବିସ୍ଫୋରକ ମଧ୍ୟରୁ କିଛି ବିସ୍ଫୋରକକୁ ମାଟି ତଳେ ପୋତି ଲୁଚାଇଥିଲେ।

### ମେଟ୍ରୋ: ଆନ୍ଧ୍ରକୁ ସୁଗନ୍ଧ...

ଯିବ ବୋଲି କହିଲେ ଓ ଅନ୍ୟ ଜଣେ ମନ୍ତ୍ରୀ ଏହାକୁ ମାଟିତଳେ ନିଆଯିବ ବୋଲି ମତ ଦେଲେ। ତେବେ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ବ୍ୟୟବରାଦକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ସାଧାରଣରେ ଆଶଙ୍କା ପ୍ରକାଶ ପାଇଥିଲା। ୨୦୨୪-୨୫ରେ ରାଜ୍ୟ ସରକାର ମେଟ୍ରୋ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ୨୦୨୫-୨୬ରେ ଏହାକୁ ୩୦୦ କୋଟି ଟଙ୍କାକୁ ହ୍ରାସ କରିଥିଲେ। ବ୍ୟୟବରାଦ ହ୍ରାସ କରି ସରକାର ମେଟ୍ରୋ ପ୍ରକଳ୍ପର ତଣ୍ଟି ଚିପିଦେଲେ ବୋଲି ସେତେବେଳେ ବିରୋଧୀ ସମାଲୋଚନା କରିଥିଲେ। ଯାହା ଏବେ ସତ ପ୍ରମାଣିତ ହୋଇଛି।

ଅପରପକ୍ଷେ ଟେଣ୍ଡର ବାତିଲ ହେବା ପରେ ଗୃହ ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରଖିଥିବା ମନ୍ତବ୍ୟ ପ୍ରକଳ୍ପର ଭବିଷ୍ୟତକୁ ଅନ୍ଧାର କରି ଦେଇଛି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଗଠନ କରିଥିଲା ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବିଭିନ୍ନ ସହରକୁ ଯାଇ ସେଠାରେ ଚାଲୁଥିବା ମେଟ୍ରୋର ସମୀକ୍ଷା କରିବ। ବିଶେଷକରି ଭୁବନେଶ୍ୱର ମେଟ୍ରୋ ମାଟି ତଳେ ଗଡ଼ିବ ନା ଉପରେ ଯିବ, ତାହା କମିଟି ତର୍ଜମା କରିବ। କମିଟି ମୁଖ୍ୟମନ୍ତ୍ରୀଙ୍କୁ ସବିଶେଷ ରିପୋର୍ଟ ଦେବା ପରେ ମୁଖମନ୍ତ୍ରୀ ପରବର୍ତ୍ତୀ ନିଷ୍ପତ୍ତି ନେବେ। ପ୍ରଥମେ କଳ୍ପନା ପଟ୍ଟୁ ନନ୍ଦନକାନନ ଯାଏଁ ପ୍ରଥମେ ଓଭରବ୍ରିଜ ନିର୍ମାଣ ହେବ । ଏହାଦ୍ୱାରା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ମେଟ୍ରୋ ତଳେ ଯିବ ନା ଉପରେ ଯିବ, ସେନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ମନ୍ତ୍ରୀଙ୍କ ଉପରୋକ୍ତ ବୟାନକୁ ନେଇ ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ। ମନ୍ତ୍ରୀଙ୍କ ବୟାନକୁ ଯଦି ବିଚାରକୁ ନିଆଯାଏ, ତାହେଲ ମେଟ୍ରୋ ପ୍ରକଳ୍ପ ଆରମ୍ଭ ହେବାକୁ ଅତିକମରେ ୫ ବର୍ଷ ସମୟ ଲାଗିବ। କାରଣ କଳ୍ପନାରୁ ନନ୍ଦନକାନନ ଯାଏଁ ଫ୍ଲାଏ ଓଭର ନିର୍ମାଣ କରିବା ସହଜ ନୁହେଁ। ତେଣୁ ମନ୍ତ୍ରୀଙ୍କ ବୟାନ ପରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ବହୁ ବର୍ଷ ଆଗକୁ ଘୁଞ୍ଚିଗଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ କାର୍ଯ୍ୟାଦେଶ ବାତିଲ ହେବା ପରେ ଉକ୍ତ କମ୍ପାନୀଗୁଡ଼ିକ ନିଜର କ୍ଷତିପୂରଣ ପାଇଁ ଆଇନଗତ ପଦକ୍ଷେପ ନେବାକୁ ବିଚାର କରୁଥିବା ସୂଚନା ମିଳିଛି। ଯାହା ରାଜ୍ୟ ସରକାରଙ୍କ ପାଇଁ ଆଗାମୀ ଦିନରେ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ପୂର୍ବ ସରକାରଙ୍କ ଡିପିଆର ଅନୁଯାୟୀ ଭୁବନେଶ୍ୱରରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ନଥିଲା। ମାତ୍ର ସରକାର ଉକ୍ତ କାର୍ଯ୍ୟାଦେଶକୁ ବାତିଲ କରିଦେଇ ଏକ ଅଦୂରଦର୍ଶୀ ନିଷ୍ପତ୍ତି ନେଲେ ବୋଲି ସାଧାରଣରେ ଲୋକେ ମତବ୍ୟକ୍ତ କରୁଛନ୍ତି।

### ମୂଳ ଲାଗି ଫେରୁଥିଲେ...

ଜଣ ବର୍ତ୍ତି ଯାଇଥିବା ବେଳେ ପଦାସାହିରେ ଅଳ୍ପକେ ପାଞ୍ଚ ଜଣ ବର୍ତ୍ତି ଯାଇଥିଲେ। ବନ ବିଭାଗ ତରଫରୁ କେବଳ ସତର୍କ ଓ ସତର୍କ ଫଳକ ଲଗାଇ କାମ ସାରି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୁକୁଳିଙ୍ଗିଆ, ପାଜିମାହା ଓ ମାଲାନାସୁଗା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହାତୀ ସମସ୍ୟାର ସ୍ଥାୟୀ ସମାଧାନ କରାଯିବାକୁ ଦାବି ହେଉଛି।

## ଟଙ୍କା ପାଇଁ ସ୍ତ୍ରୀକୁ ହାଣିଦେଲା

ଭଦ୍ରକ/ବାସୁଦେବପୁର, ୨୭।୭(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗାଁରେ ଗୋପୀନାଥ ଜେନା ସ୍ତ୍ରୀକୁ ଟାଙ୍ଗିଆରେ ହତ୍ୟା କରି ଫେରାର୍ ହୋଇଯାଇଛି।

ସୂଚନା ଅନୁସାରେ, ୨୦ ବର୍ଷ ତଳେ ଅଡୁଆଁ ଗ୍ରାମର ଗୋପୀନାଥ ପାରାପୋଖରୀ ଗାଁର ମହେନ୍ଦ୍ର ଜେନାଙ୍କ କନ୍ୟା ଗୁରୁବାରୀଙ୍କୁ ୨ୟ ବିବାହ କରିଥିଲେ। ଘର ଜ୍ୱାଇଁ ଭାବେ ପାରାପୋଖରୀରେ ରହି ଆସୁଥିବା ଗୋପୀନାଥ ରାସ୍ତା ପାର୍ଶ୍ୱରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ପାରାପୋଖରୀ ଛକ ଆଗ ରାସ୍ତା ପାର୍ଶ୍ୱରେ ଗୁରୁବାରୀ ଜେନାଙ୍କ ପୈତୃକ ସମ୍ପତ୍ତିକୁ ପ୍ରାୟ ୨୫ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ଏହି ଟଙ୍କାକୁ ନେଇ ଗତକାଲି ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତ୍ରିରେ ଶୋଇଥିବା ଅବସ୍ଥାରେ ଗୋପୀନାଥ ଏକ ଟାଙ୍ଗିଆରେ ଗୁରୁବାରୀକୁ ହାଣି ପକାଇ ଫେରାର ହୋଇଯାଇଥିଲା।


**Notice (for Minor)**

By virtue of an affidavit sworn before N.K. Mohanty, Executive Magistrate, Khordha, dated 15.07.2025, I, Pratap Chandra Nayak, Address: At-Kendupalli, Po-Mallipadar, PS-Begunia, District -Khordha, Odisha, 752061 declare that I have changed the name of my son from Janghya Narayan Nayak to Yajna Narayan Nayak. Henceforth, he shall be known as Yajna Narayan Nayak for all purposes.

(Pratap Chandra Nayak)

**AFFIDAVIT**

I, Swagatika Barad, D/o-Rabindra Barad, aged about 29 yrs, resident of AT/PO-Kumarbasta, PS- Khordha, Dist-Khordha, PIN- 752055, Odisha vide affidavit done before the Executive Magistrate, Bhubaneswar on 06/03/2025 do hereby state that, I have changed my name to Swagat Barad and gender to Man. Henceforth I shall hereafter be known as Swagat Barad, S/o-Rabindra Barad for all purposes.

Swagat Barad

# ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ ଡାକରା



ସେମିଳିଗୁଡା, ୨୭।୭ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ କୋରାପୁଟ ଜିଲ୍ଲା ସମ୍ମିଳନୀ ସେମିଳିଗୁଡା ସ୍ଥିତ ପ୍ରେସ କ୍ଲବର ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଓ କର୍ମଚାରୀ ମାନଙ୍କ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସରକାର ଶିକ୍ଷକ ମାନଙ୍କ ସମସ୍ୟା ସମାଧାନ ଦିଗରେ ନିରବତା ଓ ଦାବିପୂରଣ ଦିଗରେ କୌଣସି ଠୋସ ପଦକ୍ଷେପ ନ ନେବା ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ଆନ୍ଦୋଳନ ମାର୍ଗକୁ ଟାଣି ନେବାକୁ ବାଧ କରୁଛି। ଆନ୍ଦୋଳନ କେବଳ ଦରମା ବଢାଇବା ପାଇଁ ନୁହେଁ, ବରଂ ଶିକ୍ଷାୟତନ ଓ ଶିକ୍ଷା ବ୍ୟବସ୍ଥାର ପରିପର୍ତ୍ତନ ତଥା ଶିକ୍ଷକ ମାନଙ୍କର ସମସ୍ୟାର ସମାଧାନ ସହିତ ଦୀର୍ଘ ଦିନ ଧରି ଅନୁଦାନରୁ ବଞ୍ଚିତ ୧୯୪ ବିଦ୍ୟାଳୟ ଗୁଡିକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀଙ୍କୁ ପେନସନ ପ୍ରଦାନ ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କ ପାଇଁ ୧୯୮୧ ପେନସନ ରୁଲ ଆଧାରରେ ୧୨/୦୧/୨୦୨୪ ରେ ପ୍ରକାଶ ପାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁଶାରେ ଅବସରକାଳୀନ ସୁବିଧା ଏବଂ ଚାକିରି ସର୍ତ୍ତାବଳି ପ୍ରଦାନ, ଖାଲି ପଡ଼ିଥିବା ପଦ ପୂରଣ, ବିଭିନ୍ନ ଗ୍ରେଡ୍‌ପେରେ ଥିବା ଅସଙ୍ଗତୀ ଦୂରୀକରଣ, ଏବଂ ସପ୍ତମ ବେତନ କମିଶନରୁ ବଞ୍ଚିତ ଶିକ୍ଷକ ମାନଙ୍କୁ ସପ୍ତମ ବେତନ ପ୍ରଦାନ, ୪୮ ବର୍ଷରେ ପଦାର୍ପଣ କରିଥିବା ହିନ୍ଦୀ, ସଂସ୍କୃତ ଶିକ୍ଷକ ମାନଙ୍କୁ ସର୍ବୋଚ୍ଚ କୋର୍ଟଙ୍କ ନିର୍ଦ୍ଦେଶନୁସାରେ ଟିଜିଟି ମାନ୍ୟତା ପ୍ରଦାନ ପ୍ରଭୃତି ଦାବି ପ୍ରଦାନ କରାଯାଇଛି। ଆଗାମୀ ଅଗଷ୍ଟ ୨ ତାରିଖ ଦିନ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା, ଜିଲ୍ଲା ଶିକ୍ଷାଧିକାରୀ, ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରାଯିବା ସହିତ ଅଗଷ୍ଟ ୮ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ପ୍ରତିବାଦ ସଭା ଓ ଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ମାସ ୧୫ ତାରିଖ ଭିତରେ ସରକାର କୌଣସି ନିଷ୍ପତ୍ତି ନ ନେଲେ ଅଗଷ୍ଟ ୧୬ ତାରିଖ ଦିନ କ୍ରାନ୍ତିକାରୀ ଦିବସରେ ବିଧାନସଭା ସମ୍ମୁଖରେ ଏକ ବିଶାଳ ରାଲି ଓ ସମାବେଶ କରାଯିବ ଏବଂ କୋରାପୁଟ ଜିଲ୍ଲା ତରଫରୁ ରାଜ୍ୟ ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ତାକୁ ଗ୍ରହଣ କରିବେ ବୋଲି ଜିଲ୍ଲା ଓଷ୍ଟା ସଂପାଦକ ତଥା ଜିଲ୍ଲା ଆବାହକ ଅଶୋକ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ସଭାରେ ସେମିଳିଗୁଡା ବ୍ଲକ ସଭାପତି ଶ୍ରୀ ଯୁକ୍ତ ଗତି କୃଷ୍ଣ ବାରିକ ସଭାପତିତ୍ୱ କରି ଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ପ୍ରସନ୍ନ କୁମାର ଦାସ, ୬୬୨କଲେଜ ସଂଘର ନେତା ଦିଲୀପ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ମଧୁସୁଦନ ଜେନା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ନାୟକ, ଜିଲ୍ଲା କାଯ୍ୟକାରିଣୀ ସଦସ୍ୟ ଭିକାରି ବିଶ୍ୱାଳ, ଉପଦେଷ୍ଟା ପ୍ରଭାକର ମଲିକ, ସେମିଳିଗୁଡା ବ୍ଲକ ସମ୍ପାଦକ ଧରଣୀଧର ବିଷୋୟୀ, ନନ୍ଦପୁର ବ୍ଲକ ସମ୍ପାଦକ ସୁଶୀଲ କୁମାର ନନ୍ଦ, ପଟାଙ୍ଗୀ ବ୍ଲକ ସଭାପତି ପୂର୍ଣଚନ୍ଦ୍ର ନାୟକ, ସମସ୍ତ ବ୍ଲକର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଜିଲ୍ଲାର ୫୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ରୋଭର୍, ରେଞ୍ଜର୍ ତାଲିମ କାର୍ଯ୍ୟକ୍ରମ




ସେମିଳିଗୁଡା,୨୭।୭(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଦୁଇଦିନିଆ ରୋଭର୍ ଏବଂ ରେଞ୍ଜର ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ଡ. ଝାନ୍ସୀ ସିଂହଙ୍କ ସ୍ୱପ୍ନ ଥିଲା କଲେଜରେ ରୋଭର ଓ ରେଞ୍ଜର ସ୍ଥାପନ କରିବା ସେ ସ୍ୱପ୍ନ ସାକାର ହୋଇଛି। ରାଜନୀତି ବିଜ୍ଞାନ ଅଧ୍ୟାପକ ନିରଞ୍ଜନ ପୋଡ଼ ରୋଭର ଦାୟିତ୍ୱରେ ଓ ଇତିହାସ ଅଧ୍ୟାପିକା ରତ୍ନମଣି କହଁର ରେଞ୍ଜର ଦାୟିତ୍ୱରେ କାର୍ଯ୍ୟନିର୍ବାହ କରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧ୍ୟାପିକା ରୋନାଲି ନାୟକ , ପ୍ରଶିକ୍ଷକ ନିରଞ୍ଜନ ପାଣିଗ୍ରାହୀ, ଡିଷ୍ଟ୍ରିକ ଅର୍ଗାନିଜିଙ୍ଗ କମିଶନର(ସ୍କାଉଟ) ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୨୫ ଜୁଲାଇରେ ଭାରପ୍ରାପ୍ତ ଅଧ୍ୟକ୍ଷ ଦେବରାଜ ନାଏକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି କହିଥିଲେ। ପ୍ରଶିକ୍ଷକ ଶ୍ରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନ ଟିମ୍ ପ୍ରାଥମିକ ଚିକିତ୍ସା ଏବଂ କ୍ୟାମ୍ପିଂ କୌଶଳ ଉପରେ ତାଲିମ ଦେଇଥିଲେ। ଦ୍ୱିତୀୟ ଦିନରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଉମାଶଙ୍କର ପ୍ରସାଦ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଶ୍ରୀ ପାଣିଗ୍ରାହୀଙ୍କ ମାର୍ଗଦର୍ଶନରେ ୨୬ ଜୁଲାଇରେ ପରିସର ପରିଷ୍କାର ଅଭିଯାନ, ଆଣ୍ଟି ରାଗିଙ୍ଗ ,ପେରେଡ କରିବାର ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହମ୍ମଦ ସରିଫ, ଡ.ଶୁଭ୍ରାଂଶୁ ସୁନ୍ଦର ଦାସ, ହରପ୍ରସାଦ ପତି, ଡ. ପ୍ରୀତିଶ ବେହେରା, ଚନ୍ଦନ ପ୍ରସାଦ, ଚିତ୍ତରଞ୍ଜନ ଦାସ ଓ ସୁକାନ୍ତ ପ୍ରଧାନ ଯୋଗ ଦେଇଥିଲେ।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ସାଧାରଣ ପରିଷଦ ବୈଠକ




ନବରଙ୍ଗପୁର,୨୭।୭ (ସମିସ) କନ୍ଧମାଳ ଜିଲ୍ଲାର ଫୁଲବାଣୀ ସଦର ମହକୁମା ସମ୍ମନିତ ଆଦିବାସୀ ଜନଜାତି ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ଓଡିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା କନ୍ଧମାଳର ଏକ ସାଧାରଣ ପରିଷଦ ବୈଠକ ଜିଲ୍ଲା ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ସୂଚନା ଦେଇଛନ୍ତି ଯେ, ଆଜି ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ସମ୍ମାନିତ ଅତିଥି ଭାବରେ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ପରିଷଦ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ, ସଂଗଠନ ସମ୍ପାଦକ ରାମାକାନ୍ତ ସାହୁ, ରାଜ୍ୟ କୋଷାଧ୍ୟକ୍ଷ କିର୍ତ୍ତୀ ରଞ୍ଜନ ପ୍ରଧାନ, ଦାକ୍ଷିଣାଞ୍ଚଳ ଖଣ୍ଡିୟ ସଭାପତି କୈଳାଶ ଚନ୍ଦ୍ର ଦାସ, କୋରାପୁଟ ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, ବୌଦ୍ଧ ଜିଲ୍ଲା ସଭାପତି ମାନସ ରଞ୍ଜନ ସେଠି, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅରୁଣ କୁମାର ମୁଦୁଲି, କଟକ ଜିଲ୍ଲାର ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସଂଘ କାର୍ଯ୍ୟକର୍ତ୍ତାଙ୍କର କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଜିଲ୍ଲା ସଭାପତି ଭାବେ ଗଣେଶ ନାୟକ ମନୋନୀତ ହୋଇଥିବା ବେଳେ ଉପସଭାପତି କେ. ଗୌତମ ରାଓ (ବାଲିଗୁଡା ଉପଖଣ୍ଡ), ରୁପମ୍ବିକା ତ୍ରିପାଠୀ (ଫୁଲବାଣୀ ଉପଖଣ୍ଡ), ସମ୍ପାଦକ ସିମାଞ୍ଚଳ ପଣ୍ଡା, କୋଷାଧକ୍ଷ ସୁନୀତ କୁମାର ଦଳବେହେରା, ଯୁଗ୍ମ ସମ୍ପାଦକ ନିଖିଲ ଚନ୍ଦ୍ର ସାହା, ସଂଗଠନ ସମ୍ପାଦକ ବିଶ୍ୱଜିତ ପଣ୍ଡା, କ୍ଷୀରାବ୍ଧିତନୟା ଦିଗାଲଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ଶେଷରେ ନୂତନ କର୍ମକର୍ତ୍ତାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ମହାପାତ୍ର ଶପଥପାଠ କରାଇଥିଲେ। ବୈଠକରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା କରଯାଇଥିଲା। ଏହି ଅବସରରେ ଜିଲ୍ଲାର ଦୁଇଟି ଉପଖଣ୍ଡ ସ୍ତରର ରାଜସ୍ୱ ଅମଲା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ହାଇୱା ଦୁର୍ଘଟଣାଗ୍ରସ୍ତ

ପୋଡ଼ାଗଡ଼,୨୭।୭(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତର ଅଡପୁର ଗ୍ରାମ ଦେଇ ଯାଇଥିବା ଭାରତ ମାଳା କ୍ୟାମ୍ପ୍ ନିକଟରେ ହାଇୱା ଦୁର୍ଘଟଣା ଗ୍ରସ୍ତ ହୋଇଛି। ଚାଳକର ଉପସ୍ଥିତ ବୁଦ୍ଧି ଯଗୁ ବଞ୍ଚି ଗଲା ବହୁମୂଲ୍ୟ ଜୀବନ। ହାଇୱାଟି କ୍ୟାମ୍ପ ନିକଟରେ ଥିବା କ୍ରସରରୁ ଡଷ୍ଟ ଲୋଡ କରି ଯାଉଥିବା ସମୟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। କିନ୍ତୁ ଗାଡ଼ି ଆଖପାଖରେ କେହି ନଥିବାରୁ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। ହାଇୱା ଡ୍ରାଇଭର ନିଜର ଉପସ୍ଥିତି ବୁଦ୍ଧି ଖଟାଇ ଗାଡ଼ିରୁ ଡେଇଁ ପଡ଼ିଥିବାରୁ ତାହାର ଜୀବନ ବଞ୍ଚି ଯାଇଥିବା ପ୍ରତ୍ୟକ୍ଷଦର୍ଶୀ ମୋହନ ଟାକ୍ରି, ଅଡପୁର ଗ୍ରାମର ବାସିନ୍ଦା କହିଛନ୍ତି।

## ମେଗା ଚାରାରୋପଣ କାର୍ଯ୍ୟକ୍ରମ



ଜୟପୁର,୨୭।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଅଗ୍ରଣୀ ସଂଗଠନ ସିୱା ସଂଗଠନ ପକ୍ଷରୁ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟ ଏବଂ ଏକମ୍ରା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ମିଳିତ ଭାବେ ଗାଗାନାପୁର ଶିବ ମନ୍ଦିର ନିକଟରେ ସରକାରୀ ଜମିରେ ଏକ ହଜାର ଚାରାରୋପଣ କରାଯାଇଥିଲା। ଏଥିରେ କୃଷ୍ଣଚୂଡ଼ା, ବିଷ୍ଣୁଚୂଡା, ରାଧାଚୂଡା, ଦେବଦାରୁ ସହ ପ୍ରଭୃତି ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଏଥିରେ ସିୱା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସଭାପତି ଜି.ଭି.ରେଡ୍ଡି, ସମ୍ପାଦକ ସୌମ୍ୟ ରଞ୍ଜନ ଦଳାଇ, ଅଜୟ ମିଶ୍ର, ରଞ୍ଜିତ ନାୟକ, ପ୍ରଦୀପ୍ତ ସାହୁ, ବିନାୟକ ମହାପାତ୍ର, ରଘୁନାଥ ପାଣିଗ୍ରାହି, ବିଶ୍ୱନାଥ ନାୟକ, ରମେଶ ପଟ୍ଟନାୟକ, ଗୋପାଳ ସାହୁ, ମୁରଲୀ ପଟ୍ଟନାୟକ, ଜି.ରମେଶ, ଦୀପକ ଷଡ଼ଙ୍ଗୀ, ନିରଞ୍ଜନ ପାଣିଗ୍ରାହୀ, କେ.ମୋହନ ରାଓ ଏବଂ ସଂଗଠନର ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଚାରାରୋପଣ କରିଥିଲେ। ସିଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ତଥା ଇକୋ କ୍ଲବ୍ ପରିଚାଳକ ପ୍ରତାପ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ସମସ୍ତ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର,୨୬ ୟୁନିଟ୍ ରକ୍ତ ସଂଗୃହୀତ




ସେମିଳିଗୁଡ଼ା,୨୭।୭ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ହାଲ୍‌ର କର୍ମଚାରୀ ଆନନ୍ଦମୌଳୀ ପଟ୍ଟନାୟକ ଓ ସ୍ନେହା ତାଙ୍କର ସୁପୁତ୍ର ଆଶିଷ ଓ ବୋହୁ ହେମାଙ୍କର ଜମଜ ପୁତ୍ର ଶ୍ରେୟାସ୍ ଓ ଅଶ୍ୱିନଙ୍କ ପ୍ରଥମ ଜନ୍ମ ଦିନ ଉପଲକ୍ଷେ ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏହି ଉପଲକ୍ଷେ ସେମିଳିଗୁଡାର କୁନ୍ଦୁଲୀ ଗୁରୁକୁଳ ଆଶ୍ରମରେ ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କୁ ନେଇ ଯଜ୍ଞ ଓ ସଂସ୍କାର କରାଯାଇଥିଲା। ଏହାପରେ ରକ୍ତଦାନ ଶିବିରର ଆୟୋଜନ କରାଯାଇ ଥିଲା। ଶିବିରରେ ପଟ୍ଟନାୟକ ଦମ୍ପତ୍ତି, ଶିଶୁମାନଙ୍କ ବାପା ଆଶିଷ ଓ ବନ୍ଧୁ ପରିଜନ, ଅତିଥିମାନେ ରକ୍ତଦାନ କରିଥିଲେ। ସମୁଦାୟ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ରକ୍ତଦାନ କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ତ୍ରିପାଠୀ, ସ୍ନିଗ୍ଧାରାଣୀମିଶ୍ର, ନରେଶ ଚନ୍ଦ୍ର ସାହୁ, ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ଯୋଗଦେଇ ସହଯୋଗ କରିଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ ସାହୁ, ଚିନ୍ତାମଣି ପୁଷ୍ଟି, ଗଣେଷ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ଡାକ୍ତର ଶୈଳଜା ଷ୍ଟେଲା ଓ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶ୍ରୀ ପଟ୍ଟନାୟକଙ୍କ ଏପରି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି।

# ଅନ୍‌ଲାଇନରେ ଉପସ୍ଥାନକୁ ଶିକ୍ଷକ ମଞ୍ଚର ବିରୋଧ



ଗୁଣପୁର,୨୭।୭(ସମିସ): ଓଡିଶା ସରକାରଙ୍କ ପକ୍ଷରୁ ଅନ୍‌ଲାଇନରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଦେବା ନିର୍ଦ୍ଦେଶକୁ ବନ୍ଦ କରିବାକୁ ରାୟଗଡ଼ା ଜିଲ୍ଲା ମିଳିତ ଶିକ୍ଷକ ମଞ୍ଚ ଆଜି ରଣହୁଙ୍କାର ଦେଇଛି। ଓଡିଶା ସରକାରଙ୍କ ପକ୍ଷରୁ ଅନ୍‌ଲାଇନରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଦେବା ନିର୍ଦ୍ଦେଶକୁ ରାୟଗଡ଼ା ଜିଲ୍ଲାର ମିଳିତ ଶିକ୍ଷକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହି ପ୍ରତିବାଦରେ ଆଜି ଗୁଣପୁର ପେଙ୍ଗୁଡା ନିକଟସ୍ଥ ଆମ୍ବତୋଟାରେ ରାୟଗଡ଼ା ମିଳିତ ଶିକ୍ଷକ ମଞ୍ଚର ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚର ଆବାହକ ଶିବ ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବର୍ଗର ଶିକ୍ଷକଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବ୍ଲକର ଶିକ୍ଷକ ନେତା ସାମିଲ ହୋଇ ଶିକ୍ଷକଙ୍କ ମୌଳିକ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଶିକ୍ଷକ ଉପରେ ଲଦି ଦିଆଯାଇଥିବା ଆପ୍‌କୁ ପ୍ରତ୍ୟାଖ୍ୟାନ କରାଯିବ ବୋଲି କୁହାଯାଇଛି। ଏହା ବିରୋଧରେ ଆସନ୍ତା ମଙ୍ଗଳବାର ଦିନ ବ୍ଲକ ସ୍ତରରେ ଓ ଗୁରୁବାର ଦିନ ଜିଲ୍ଲା ସ୍ତରରେ ଆନ୍ଦୋଳନ କରି ପ୍ରତିବାଦ କରାଯିବ ବୋଲି ବୈଠକରେ ଆଜି ନିଷ୍ପତି ନିଆଯାଇଥିବା ଜଣାପଡିଛି। ଏଥିରେ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସାମିଲ ହେବାକୁ ଅନୁରୋଧ କରାଯାଇଛି। ତେଣୁ ଗୁରୁବାର ଦିନ ଜିଲ୍ଲାର ସ୍କୁଲ୍ ଗୁଡ଼ିକ ଅଚଳ ହେବାର ସମ୍ଭାବନା ରହିଛି। ସରକାର ସମସ୍ତ ବିଦ୍ୟାଳୟଗୁଡିକରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଅନ୍‌ଲାଇନରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏବାବଦରେ ଉପଯୁକ୍ତ ଭିତ୍ତିଭୂମିର ବିକାଶ ସରକାର କରିନାହାନ୍ତି। ୬୦ ପ୍ରତିଶତ ବିଦ୍ୟାଳୟରେ ବିଦ୍ୟୁତ୍ ଲାଇନ୍ ନଥିବା, ଅନ୍‌ଲାଇନ ଉପସ୍ଥାନ ପାଇଁ ଉପକରଣ, ୱାଇଫାଇ ସେବା, ଡାଟା ଏଣ୍ଟ୍ରି ଅପରେଟର ବିଦ୍ୟାଳୟ ଗୁଡିକୁ ଯୋଗାଇ ନ ଦେଇ କେବଳ ଅନ୍‌ଲାଇନ ଉପସ୍ଥାନ ପାଇଁ ଚିଠି କରିଥିବାରୁ ଶିକ୍ଷକ ସଂଘ ଗୁଡିକ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଯେପର୍ଯ୍ୟନ୍ତ ସରକାର ସମସ୍ତ ବିଦ୍ୟାଳୟ ଗୁଡିକରେ ଭିତ୍ତିଭୂମି ପୁରଣ କରି ନାହାନ୍ତି ଓ ସଂଘର ମୌଳିକ ଦାବି ପୂରଣ କରି ନାହାନ୍ତି ସେ ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି।

## ଗଞ୍ଜେଇ ଚାଷ ନିବାରଣ ସଚେତନତା ବୈଠକ



ଚନ୍ଦ୍ରପୁର,୨୭।୭(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ବିଜାପୁର ପଞ୍ଚାୟତର ଦୁର୍ଗମ ଅଞ୍ଚଳ ସୁର୍ଲୁ ଗ୍ରାମରେ ଚନ୍ଦ୍ରପୁର ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଶାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଗଞ୍ଜେଇ ଚାଷ ନିବାରଣ ସମ୍ପର୍କରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜାପୁର ପଞ୍ଚାୟତର ସାନପଙ୍କାଳ, ପଙ୍କାଳଗୁଡି, ଗଡେଙ୍ଗି ଗେଣ୍ଡାଗୁଡି ଓ ସୁର୍ଲୁଗ୍ରାମଠାରେ ଅନ୍ୟାନ୍ୟ ଗାଁର ଲୋକମାନଙ୍କୁ ଡକାଯାଇ ଗଞ୍ଜେଇ ଚାଷ ନ କରିବା ପାଇଁ ସଚେତନ କରାଯାଇଥିଲା। ନିଜ ଚାଷ ଜମିରେ ଗଞ୍ଜେଇ ଚାଷ କଲେ ସରକାର ଜମି ଜବତ କରିବା ସହ ବିଭିନ୍ନ ପ୍ରକାର ଦଫା ଲାଗୁ କରି କେଶ ଦାୟର କରିବ। ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ଜୀବନ ଜୀବିକା ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ। ଏହି ସଚେତନା କାର୍ଯ୍ୟକ୍ରମରେ ଏଏସଆଇ ହରେକୃଷ୍ଣ ମୁଣ୍ଡାରୀ, ହୃଷିକେଶ ପଟେଲ, ବିଜାପୁର ନାଇବ ସରପଞ୍ଚ ଆପାରାଓ ପାଡଗଣ୍ଡା, ଗେଣ୍ଡାଗୁଡି ୱାର୍ଡ ସଭ୍ୟ କ୍ରିସ୍ତ ପାଲାକା, ସାନପଙ୍କାଳ ୱାର୍ଡ ସଭ୍ୟ ମେଡେକେ କ୍ରେପୁଟିକା, ପ୍ରମୋଦ ପଡ଼ାଗଣ୍ଡା, ଜୋସେଫ ଡିମ୍ବୁଟିକାଙ୍କ ସମେତ ପ୍ରାୟ ଏକ ଶହରୁ ଅଧିକ ଲୋକ ଯୋଗଦେଇ ଥିବା ବେଳେ ସମସ୍ତ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

# କାର୍ଗିଲ ବିଜୟ ଦିବସ ପାଳିତ



କୋଟପାଡ଼,୨୭।୭ (ସମିସ): କୋଟପାଡ଼ ବିଜେପି ଅଫିସରେ ଧୁମ୍‌ଧାମରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ରୁପୁ ଭତରାଙ୍କ ସହ କୋଟପାଡ଼ ବିଜେପିର ନିର୍ବାଚନ ମଣ୍ଡଳୀ ସଂଯୋଜକ ରାମେଶ୍ୱର ଜେନା, ଆଶୁତୋଷ ମହାପାତ୍ର, ପ୍ରଦୀପ ରଥ, ଦୀପକ ପଟ୍ଟନାୟକ, କୋଟପାଡ଼ ନଗର ସଭାପତି ଗିରିଶ ପଟ୍ଟନାୟକ, ମୁନା ମହାନ୍ତି, ବିକାଶ ପଟ୍ଟନାୟକ, ରାଜ ମହାନ୍ତି, ଶେଖର ଦାସ, ଗୌର ରଥ, ଦୁର୍ଗା ମଣ୍ଡଳ, ବିଦ୍ୟାହୋତା ତଥା କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖଙ୍କ ସହ ବିଜେପିର ତୁଙ୍ଗ ନେତା ଉପସ୍ଥିତ ଥିଲେ। ଦୁଇ ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବିଧାୟକ ଉପଢୌକନ ପ୍ରଦାନ କରିଥିଲେ।

## ବିଶ୍ୱ ଦୌଡ଼କୁଦରେ ଡ.ରମେଶ ଚନ୍ଦ୍ର ସ୍ୱାଇଁ ବୈଷୟିକ ଅଧିକାରୀ



ଦାମନଯୋଡ଼ି,୨୭।୭(ସମିସ): ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ଅଗଷ୍ଟ ମାସ ୧୦ ତାରିଖରେ ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ମର୍ଯ୍ୟାଦା ସମ୍ପନ୍ନ ପ୍ରତିଯୋଗିତାରେ ଭାରତୀୟ ଦୌଡ଼କୁଦ ସଂଘ (ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ) ପକ୍ଷରୁ ଦାମନଯୋଡ଼ି ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ଶାରୀରିକ ଶିକ୍ଷା ଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ବୈଷୟିକ ଅଧିକାରୀ ଭାବରେ ନିଯୁକ୍ତି ଦିଆଯାଇଛି। ସେ ଏହି ପ୍ରତିଯୋଗିତାରେ ଭାରତୀୟ ବୈଷୟିକ ଅଧିକାରୀ ଭାବରେ କାର୍ଯ୍ୟ ସମ୍ପାଦନ କରିବେ। ଦେଶର ପ୍ରାୟ ୧୫୦ ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେବେ। ଭାରତରେ ତଥା ଓଡ଼ଶାରେ ପ୍ରଥମ ଥର ପାଇଁ ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜିତ ହେଉଛି। ଡ଼ଃ ସ୍ୱାଇଁ ଏହା ପୂର୍ବରୁ ବହୁତ ଜାତୀୟସ୍ତର ପ୍ରତିଯୋଗିତା, ଖେଲୋ ଇଣ୍ଡିଆ, ନ୍ୟାସନାଲ ଗେମ୍ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଦକ୍ଷତାର ସହ ପରିଚାଳନା କରିଛନ୍ତି। ଡ. ସ୍ୱାଇଁଙ୍କ ସଫଳତା କାମନା କରି ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ଚିତ୍ତରଞ୍ଜନ ମିଶ୍ର, ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି, ଭାରପ୍ରାପ୍ତ ଉପାଧ୍ୟକ୍ଷ ପ୍ରଦୀପ କୁମାର ଜଗତୀଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କ୍ରୀଡାପ୍ରେମୀ ସାଧୁବାଦ ଓ ଶୁଭକାମନା ଜ୍ଞାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଡ. ସ୍ୱାଇଁ ଦାମନଯୋଡିରୁ ୭ ତାରିଖରେ ଭୁବନେଶ୍ୱର ଯାଇ ଅନ୍ୟ ବୈଷୟିକ ଅଧିକାରୀଙ୍କ ସହ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି।

# ଅବ୍ୟବସ୍ଥାରେ ଚାଲିଛି ପୌରାଞ୍ଚଳ ଭେଣ୍ଡିଂ ଜୋନ୍



ସେମିଳିଗୁଡ଼ା,୨୭।୭ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌରପରିଷଦ ଦ୍ୱାରା ଚାଲିଥିବା ସେମିଳିଗୁଡା ସ୍ଥିତ ଭେଣ୍ଡିଂ ଜୋନ୍ ଏବେ ଅବ୍ୟବସ୍ଥା ଭିତରକୁ ଠେଲି ହୋଇଯାଇଛି। ଭେଣ୍ଡିଂ ଜୋନ୍‌ର ରକ୍ଷଣାବେକ୍ଷଣ ପ୍ରତି ପୌର ପ୍ରଶାସନ ଗୁରୁତ୍ୱ ନ ଦେଇ କେବଳ ଟିକସ ଆଦାୟରେ ସୀମିତ ରହିଛି। ପରିସରରେ କେଉଁଠି କମାଉଣ୍ଡ ୱାଲ୍ ଭାଙ୍ଗି ଖୋଲା ପଡ଼ିଲାଣି ତ କେଉଁଠି ଗୋରୁ ପଶିଲେଣି। ଆଉ କେଉଁଠି ଅଳିଆ ଆବର୍ଜନା ଗଦା ହୋଇଛି। ସୁନାବେଡ଼ା ଓ ସେମିଳିଗୁଡା ଉଭୟ ସହରର ଏକ ପ୍ରମୁଖ ସ୍ଥଳରେ ଏହି ଭେଣ୍ଡିଂ ଜୋନ୍‌ରେ ରବିବାର ଦିନ ହାଟ ବସିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ବେଳେ ଦୂରଦୂରାନ୍ତ ଗ୍ରାମାଞ୍ଚଳରୁ ପନିପରିବା ବ୍ୟବସାୟୀ ଆସି ଏଠାରେ ବ୍ୟବସାୟ କରୁଛନ୍ତି। ଏହି ହାଟ ଉପରେ ସ୍ଥାନୀୟ ଓ ବାହାର ଅଞ୍ଚଳର ବ୍ୟବସାୟୀ ନିର୍ଭର କରନ୍ତି। ସେମାନେ ନିଜ ଉତ୍ପାଦିତ ସାମଗ୍ରୀ ଧରି ହାଟକୁ ଆସନ୍ତି। ମାତ୍ର ହାଟରେ ବସିବା ପାଇଁ ପିଣ୍ଡି ସୁବିଧା ନାହିଁ। ଅଳିଆ ଆବର୍ଜନା, ବର୍ଷା ଯୋଗୁଁ ହୋଇଥିବା କାଦୁଅରେ ବସି ସେମାନେ ବ୍ୟବସାୟ କରନ୍ତି। ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଭେଣ୍ଡିଂ ଜୋନ୍‌ରେ ପିଣ୍ଡି ସୁବିଧା କରିବା ପାଇଁ କାମ ଆରମ୍ଭ ସହ ଫ୍ଲୋରିଂ କରିବା ଯୋଜନା ରହିଛି। ଏହାଦ୍ୱାରା ପୁରା ଉନ୍ନତିକରଣ କରିବା ପାଇଁ ଚେଷ୍ଟା ମଧ୍ୟ ଜାରି ରହିଛି ବୋଲି ପୌର ପରିଷଦର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଠାରୁ ଅନେକ ଥର ସୂଚନା ମିଳିଥିଲେ ମଧ୍ୟ ଭେଣ୍ଡିଂ ଜୋନ୍ ଉପରେ ପୌର ପରିଷଦ ପଦକ୍ଷେପ ନେଉନି। ଫଳରେ ବର୍ଷ ଦିନରେ ଭେଣ୍ଡିଂ ଜୋନର୍ ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

## କୋରାପୁଟ-ଜଗଦଲପୁର ଟ୍ରେନ୍ ଚଳାଚଳ ଦାବି

# ଆଜି ବିଜେଡିର ବିକ୍ଷୋଭ ପ୍ରଦର୍ଶନ

ଜୟପୁର,୨୭ ।୭ (ସମିସ):

ବିଶାଖପାଟଣା କିରଣ୍ଡୁଲ ରେଳ ଲାଇନରେ ଯାତ୍ରୀବାହୀ ଟ୍ରେନ କୋରାପୁଟ ଏବଂ ଜଗଦଲପୁର ମଧ୍ୟରେ ତୁରନ୍ତ ଚଳାଚଳ ଦାବି ନେଇ ଜୟପୁର ବିଜୁ ଜନତା ଦଳ ପକ୍ଷରୁ ସୋମବାର ପୂର୍ବାହ୍ନ ସାଢେ ୧୦ ଟା ସମୟରେ ଜୟପୁର ରେଲଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପୂର୍ବତଟ ରେଳବିଭାଗର ସାଧାରଣ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା କରାଯିବ। ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ରାଜ୍ୟ ଉପସଭାପତି ରବିନାରାୟଣ ନନ୍ଦ ଏବ ଜିଲ୍ଲା ବିଜେଡି ଶ୍ରମିକ ସଂଘର ସଭାପତି ବାଲା ରାୟ କହିଛନ୍ତି, ଦୀର୍ଘ ୨୭ ଦିନ ହେଲାଣି କୋରାପୁଟ ଠାରୁ ଜଗଦଲପୁର ମଧ୍ୟରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲେ ସୁଦ୍ଧା ରେଳ ବିଭାଗ ପକ୍ଷରୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ନେଇ କୌଣସି ଉପଯୁକ୍ତ ପଦକ୍ଷପ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷରେ ମାଲବାହୀ ଟ୍ରେନ ଚଳାଚଳ କରାଯାଉଥିଲେ ସୁଦ୍ଧା ଜିଲ୍ଲାର ଜୟପୁର, ନବରଙ୍ଗପୁର, ମାଲକାନଗିରି ଏବଂ ଛତିଶଗଡ ରାଜ୍ୟର ପ୍ରାୟ ୪ରୁ ୫ଟି ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଯାତ୍ରୀ ଏହି ରେଳଧାରଣ ଦେଇ ଯାତାୟାତ କରୁଥିବା ଟ୍ରେନ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ରେଳବିଭାଗର ଉଦାସୀନତା ଏବଂ ବିଳମ୍ବ ଯୋଗୁଁ ଏହି ରେଳପଥରେ ଟ୍ରେନ ଚଳାଚଳ ହେଉନାହିଁ। ତେଣୁ ତୁରନ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ କରାଯାଉ ଅନ୍ୟଥା ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯାଇ ମାଲବାହୀ ଟ୍ରେନ ଚଳାଚଳ ବନ୍ଦ କରିବା ସହ ଏହି ଅଞ୍ଚଳର ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ନୂତନ ଭାବେ ଜୟପୁର ଏବଂ ଜଗଦଲପୁର ମଧ୍ୟରେ ପାସେଞ୍ଜର ଟ୍ରେନ ଚଳାଚଳ ଏବଂ ଜଗଦଲପୁର ଠାରୁ ପୁରୀ ପର୍ଯ୍ୟନ୍ତ ଦିନରେ ସମ୍ବଲପୁର, ଅନୁଗୁଳ , କଟକ ଏବଂ ଭୁବନେଶ୍ୱର ଦେଇ ଚଳାଚଳ ଶୁଭାରମ୍ଭ କରିବା , ଜୟପୁର ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ପ୍ରସ୍ତାବିତ ନୂତନ ରେଳଧାରଣା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ବୋଲି ଦାବି କରାଯାଇଛି। ପ୍ରକାଶଯେ, କୋରାପୁଟ ଠାରୁ ଜଗଦଲପୁରକୁ ଗତ ୨ ତାରିଖ ଠାରୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଫଳରେ ବିଶାଖାପାଟଣା, ରାଉରକେଲା, ହାୱାଡା ଓ ଭୁବନେଶ୍ୱରରୁ ଯାତାୟାତ କରୁଥିବା ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନ ବନ୍ଦ ରହିଛି। ଏହି ଟ୍ରେନ ଗୁଡିକ କୋରାପୁଟ ପର୍ଯ୍ୟନ୍ତ ଚଳାଚଳ କରୁଥିବା ବେଳେ ସେଠାରୁ ଫେରିଯାଉଛି। ଫଳରେ ଯାତ୍ରୀମାନେ ଜୟପୁର ଓ ଜଗଦଲପୁରକୁ ଷ୍ଟେସନ ପର୍ଯ୍ୟନ୍ତ ଟ୍ରେନ ଯୋଗେ ପହଞ୍ଚି ନ ପାରି କୋରାପୁଟ ରେଳ ଷ୍ଟେସନର ଓହ୍ଲାଇ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଇ ବସ ଏବଂ ଅନ୍ୟାନ୍ୟ ଯାନରେ ନିଜ ନିଜ ସହର ଓ ଗ୍ରାମକୁ ଯାତାୟାତ କରୁଛନ୍ତି। କିନ୍ତୁ ଦୀର୍ଘ ୨୭ ଦିନ ହୋଇଯାଇଥିଲେ ସୁଦ୍ଧା ପୂର୍ବତଟ ରେଳ ବିଭାଗ ପକ୍ଷରୁ ଏହି ଯାତ୍ରୀବାହୀ ଟ୍ରେନ ଜୟପୁର ଦେଇ ଜଗଦଲପୁର ମଧ୍ୟରେ ଚଳାଚଳ ନେଇ ବାରମ୍ବାର ତାରିଖ ଉପରେ ତାରିଖ ପରିବର୍ତ୍ତନ କରିଯାଉଛି। ଏହି ରେଳଧାରଣାରେ ରେଳ ଚଳାଚଳ ନେଇ ଅନିଶ୍ଚିତତା ଦେଖାଦେଇଛି । ଏହିପରି ରେଳବିଭାଗର ଅବ୍ୟବସ୍ଥା ଏବଂ ଯାତ୍ରୀଙ୍କ ଅସନ୍ତୋଷକୁ ନେଇ ଗତ ୧୭ ତାରିଖରେ 'ସକାଳ'ରେ ବିସ୍ତୃତ ଖବର ପ୍ରକାଶିତ ହୋଇଥିଲା।

## ବସ୍ କର୍ମଚାରୀଙ୍କ କଳି, ଯାତ୍ରୀ ହନ୍ତସନ୍ତ

କୋରାପୁଟ,୨୭।୭(ସମିସ): କୋରାପୁଟ ବସ୍‌ଷ୍ଟାଣ୍ଡରେ ସମୟ ସାରଣୀକୁ ନେଇ ଦୁଇ ଘରୋଇ ବସ୍ କର୍ମଚାରୀଙ୍କ ମାରପିଟ ଘଟଣାରେ ବଳି ପଡିଛନ୍ତି ବହୁ ଯାତ୍ରୀ। କର୍ମଚାରୀଙ୍କ କଳି ନେଇ ଅପରାହ୍ନ ୩ଟାରୁ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ବେପାରୁଆ ଓ ଖାମଖିଆଲି ମନୋଭାବ ଯୋଗୁଁ ଅନେକ ସରକାରୀ ବସ୍ ବସଷ୍ଟାଣ୍ଡ ଭିତରକୁ ପଶି ପାରିନଥିଲା। ସେଥିପାଇଁ ଦୂରଦୂରାନ୍ତକୁ ଟିକେଟ କାଟି ଅପେକ୍ଷା କରିଥିବା ଯାତ୍ରୀ ମାନେ ଝିପ ଝିପ ବର୍ଷାରେ ଦୀର୍ଘ ସମୟ ନିଜର ପରିବାର ସହ ଅପେକ୍ଷା କରି ବସ୍ ଧରିଥିଲେ। ସୂଚନା ଅନୁଯାୟୀ ଏମଏସଏସ ବସର କଣ୍ଡକ୍ଟରଙ୍କ ସହ ହନୁମାନ ବସର କଣ୍ଡକ୍ଟର ମଧ୍ୟରେ ବସ୍ ସମୟକୁ ନେଇ ଯୁକ୍ତିତର୍କ ଓ ମାରପିଟ ହୋଇଥଲା। ଏ ନେଇ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ ହୋଇଥିଲା। କିନ୍ତୁ ମାରପିଟ ପରେ ଦୁଇ ତିନୋଟି ବସର କର୍ମଚାରୀ ମାନେ ବେପାରୁଆ ଭାବେ ବସ ଗୁଡ଼ିକୁ ମନଇଚ୍ଛା ପାର୍କିଂ କରିଥିବାରୁ ସରକାରୀ ବସ୍ ବସଷ୍ଟାଣ୍ଡ ଭିତରକୁ ଆସି ପାରିନଥିଲା। ଫଳରେ ଅଗ୍ରୀମ ଟିକେଟ କରି ବସ୍ ପାଇଁ ଅପେକ୍ଷା କରିଥିବା ଯାତ୍ରୀ ମାନେ ବାଧ ହୋଇ ଜାତୀୟ ରାଜପଥ କଡେ ଅପେକ୍ଷା କରି ବସ ଧରିଥିଲେ। କଟକ ଯାଉଥିବା ଯାତ୍ରୀ ମନୋହର ବିଶୋଇ କହିଛନ୍ତି ଯେ ଟାଉନ ଥାନା ବସଷ୍ଟାଣ୍ଡ ନିକଟରୁ ଘୁଞ୍ଚି ଯିବାରୁ ଏପରି ଅସୁବିଧା ଭୋଗିବାକୁ ପଡିଲା। ଅନ୍ୟପଟେ ବିଳମ୍ବିତ ରାତି ଯାଏଁ କର୍ମଚାରୀ ଏବଂ ପୁଲିସ ମଧ୍ୟରେ ଆଲୋଚନା ଚାଲିଥିବା ଜଣାପଡିଛି।



## ନୂତନ ଟିକଟ କାଉଣ୍ଟର ଶୁଭାରମ୍ଭକୁ ନେଇ ବିବାଦ

# ଦୁଇ ଘରୋଇ ବସ୍ ମାଲିକ ସଂଘ ମୁହାଁମୁହିଁ

ଜୟପୁର,୨୭ ।୭ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ଠାରେ ଗତକାଲି ଘରୋଇ ମାଲିକ ସଂଘ ପକ୍ଷରୁ ନୂତନ ଭାବେ ଘରୋଇ ବସ୍ ଟିକଟ ବିକ୍ରୟ ପାଇଁ ଟିକଟ ବୁକିଂ କାଉଣ୍ଟରର ଶୁଭାରମ୍ଭ କରାଯାଇଛି। ଏହା ମାଲିକ ସଂଘ ପକ୍ଷରୁ ମାନ୍ୟତା ପ୍ରଦାନ କରାଯାଇଥିବା ଟିକଟ କାଉଣ୍ଟର। ତେଣୁ ଏଠାରୁ ଯାତ୍ରୀ ମାନେ ଟିକଟ କ୍ରୟ କରିପାରିବେ। ଏଠାରୁ ଟିକେଟ୍ କ୍ରୟ କରିଥିବା ଯାତ୍ରୀମାନେ ଘରୋଇ ବସ ଗୁଡିକରେ ଯାତ୍ରା କରିପାରିବେ ବୋଲି ଘରୋଇ ବସ ମାଲିକ ସଂଘର ସମ୍ପାଦକ ନରେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଜି ମାଁ ଜଗତ୍‌ଜନନୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ପୁରାତନ ଘରୋଇ ବସଷ୍ଟାଣ୍ଡ ଠାରେ ରହିଥିବା ଟିକଟ କାଉଣ୍ଟର ରାଜ୍ୟ ଭିତରେ ଏବଂ ବାହାରକୁ ଯାଉଥିବା ଦୃତଗାମୀ ବସ ଯାତ୍ରୀଙ୍କୁ ଟିକଟ କାଉଣ୍ଟରରେ ଟିକଟ ବିକ୍ରି କରାଯିବ ଏବଂ ଅଧିକରୁ ଅଧିକ ସଂଖ୍ୟାରେ ଦ୍ରୁତଗାମୀ ବସ ଗୁଡିକ ମାଲିକ ଏହି ସଂଘକୁ ସମର୍ଥନ କରୁଥିବା ବେଳେ ଏହି ପୁରାତନ ଟିକଟ କାଉଣ୍ଟରେ ନିଜ ବସରେ ଯାତ୍ରା କରିବା ପାଇଁ ଟିକଟ ବିକ୍ରି କରାଯିବ ବୋଲି ସଂଘର ବରିଷ୍ଠ ସଦସ୍ୟ ଅଶୋକ ରାୟ ପ୍ରକାଶ କରିଛନ୍ତି। ଏହାକୁ ନେଇ ଦୁଇ ସଂଘର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ଯୋଗୁଁ ଆଗାମୀ ଦିନରେ ଦୁଇ ସଂଘ ମଧ୍ୟରେ ଟିକେଟ୍ କାଉଣ୍ଟରରେ ଘରୋଇ ବସର ଟିକଟ ବିକ୍ରିକୁ ନେଇ ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ଫଳରେ ଯାତ୍ରୀ ମାନେ ଟଙ୍କା ଦେଇ ଟିକଟ ନେଇ ଯାତ୍ରା କରିବାର ସମସ୍ୟାର ସମ୍ମୁଖିନ ହେବେ। ତେଣୁ ଏହି ଦୁଇ ସଂଘର ମଧ୍ୟରେ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ଉଚିତ ପଦକ୍ଷପ ଗ୍ରହଣ କରିବା ନେଇ ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ, ଗତକାଲି ଘରୋଇ ବସ ମାଲିକସଂଘର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ସନ୍ଧ୍ୟା ଫଙ୍କସନ ହଲ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇ ସମସ୍ତ ଗାଡି ମାଲିକ ମାନଙ୍କୁ ଏକଜୁଟ ହୋଇ ଗାଡି ଚଳାଚଳ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ନୂତନ ବସ୍‌ଷ୍ଟାଣ୍ଡଠାରେ ମାଲିକ ସଂଘ ପକ୍ଷରୁ ଏକ ନୂତନ ଟିକଟ୍ କାଉଣ୍ଟର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ସଂଘର ଆଇନ ପରାମର୍ଶଦାତା ସୁଶାନ୍ତ ଅଧିକାରୀ, ଉପଦେଷ୍ଟା ରାମପ୍ରସାଦ ପାଢୀ, ବସନ୍ତ ବିଶ୍ୱାଳଙ୍କ ସମେତ ବ୍ରହ୍ମପୁର ଘରୋଇ ବସ ମାଲିକ ସଂଘର ସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବିଭିନ୍ନ ଜିଲ୍ଲା ଓ ଭୁବନେଶ୍ୱର, ଛତିଶଗଡ ଅଞ୍ଚଳର ମାଲିକ ମାନେ ଯୋଗ ଦେଇଥିଲେ। ଶେଷରେ ସଭାପତି ବି. ସୁବ୍ରମଣ୍ୟମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଷ୍କର୍ମକାରୀକୁ କୋର୍ଟ ଚାଲାଣ

କୋଷାଗୁମୁଡା,୨୭।୭(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଚଟାହାଣ୍ଡି ଗ୍ରାମର ଜଣେ ଯୁବକକୁ ଆଜି କୋଡ଼ିଙ୍ଗା ପୋଲିସ ଧର୍ଷଣ ଅଭିଯୋଗରେ ନବରଙ୍ଗପୁର କୋର୍ଟ ଚାଲାଣ କରିଛି। ସୂଚନା ପ୍ରକାରେ ଚଟାହାଣ୍ଡି ଗ୍ରାମର ଦେବସିଂ ଚଣ୍ଡାଳ(୨୧)ଙ୍କର ସେହି ଗ୍ରାମର ୨୦ବର୍ଷ ର ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଯୁବକ ଶାରିରୀକ ସମ୍ପର୍କ ରଖି ଆସୁଥିଲା। ଯୁବତୀ ବିବାହ ପାଇଁ କହିବାରୁ ଯୁବକ ଅନିଚ୍ଛା ପ୍ରକାଶ କରିବା ପରେ ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯୁବତୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଥାନାଧିକାରୀ ଯୁଗଳ ଶବର ଏଏସଆଇ ମନୋଜ ବେହେରାଙ୍କୁ ଏହି ଘଟଣାର ତଦନ୍ତକାରୀ ଭାବେ ନିୟୋଜିତ କରିଥିଲେ।

## ଲୋକକଳା ଓ ଲୋକ ସଂସ୍କୃତି ସଂଘ କମିଟି ଗଠନ



ପାପଡାହାଣ୍ଡି,୨୭।୭(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ସଂଘର ବ୍ଲକସ୍ତରୀୟ କମିଟି ଗଠନ ହୋଇଥିଲା। ଉକ୍ତ ବୈଠକରେ ଦକ୍ଷିଣ ଓଡିଶା ସଭାପତି ଜଗନ୍ନାଥ ବେହେରାଙ୍କ ସଭାପତିତ୍ୱରେ ନବରଙ୍ଗପୁର ଜିଲ୍ଲା ସଭାପତି ଶିବଶଙ୍କର ତ୍ରିପାଠୀ, ଜିଲ୍ଲା ଉପସଭାପତି ଶ୍ରୀନିବାସ ପାତ୍ର ଉପସ୍ଥିତ ରହିଥିଲେ। ଏହି ବୈଠକରେ ପାପଡାହାଣ୍ଡି ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ବ୍ଲକ୍‌ସ୍ତରୀୟ କମିଟି ଗଠନ କରାଯାଇଥିଲା। ପାପଡାହାଣ୍ଡି ବ୍ଲକ ସଭାପତି ରୂପେ ତପନ କୁମାର ରଥ, ସମ୍ପାଧକ ରୂପେ ଗୌରାଙ୍ଗ ଚରଣ ପାଢ଼ୀ, ଉପଦେଷ୍ଟା ଭାବେ ନାରାୟଣ ଗୁରୁ, ମିତ୍ରଭାନୁ ସତାନାମୀଙ୍କୁ ଚୟନ କରାଯାଇଛି। ବ୍ଲକରେ ରହିଥିବା ସମସ୍ତ କଳାକାର, ଗୀତିକାର, କଣ୍ଠଶିଳ୍ପୀ, ମଞ୍ଚ ଓ ଦୂରଦର୍ଶନ ଅଭିନେତା, କବି, ଲେଖକ, ଚିତ୍ରକଳା, ମୂର୍ତ୍ତିକାର, ଟେରାକୋଟା, ଲାଖକାମ, ବାଦ୍ୟକାର ଓ ଅନ୍ୟ କଳା ନିପୁଣ ଥିବା ଲୁକାୟତ କଳାକାର ମାନଙ୍କ ସର୍ବାଙ୍ଗୀନ ଉନ୍ନତି କରିବା ଓ କଳାକୁ ଲୋକଲୋଚନକୁ ଆଣିବା ପାଇଁ ଏହି ସଂଘ କାର୍ଯ୍ୟ କରିବ ବୋଲି ଶ୍ରୀ ବେହେରା ଅବଗତ କରିଥିଲେ। ନବନିର୍ବାଚିତ ସଭାପତି ଶ୍ରୀ ରଥ ଆଗାମୀ ଦିନରେ ଏହି ବ୍ଲକର ସମସ୍ତ କଳାକାର ମାନଙ୍କୁ ନେଇ ସଂଘକୁ ସୁଦୃଢ କରି କାର୍ଯ୍ୟ ଆଗକୁ ନେବେ ବୋଲି ମତ ପ୍ରକାଶ କରିଥିଲେ। ଶ୍ୟାମସୁନ୍ଦର ନିଗି ବୈଠକ ପରିଚାଳନା କରିଥିବା ବେଳେ ଦିଲୀପ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଶରତ ଚନ୍ଦ୍ର ମାଝୀ, ତ୍ରିନାଥ ଧାକଡ଼, ମନୋଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ୮ ଜଣଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସୁନାବେଡା,୨୭।୭(ସମିସ): ସୁନାବେଡା ମିଗ୍ ନଗରୀ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ପରିଷଦର ଆଠ ଜଣ ବରିଷ୍ଠ ସଦସ୍ୟ ସୋମନାଥ ନାୟକ, ପ୍ରଦୀପ କୁମାର ମହାନ୍ତି, ମଧୁ ସୂଦନ ବେନିଆ, ସୁଧାଂଶୁ ଶେଖର ବାଇ, ଅରବିନ୍ଦ କୁମାର ମୁଣ୍ଡ, ସରୋଜ କୁମାର ରାଜଗୁରୁ, ଚୟନ ସରକାର ଏବଂ ସୁଶାନ୍ତ କୁମାର ଭଦ୍ରାଙ୍କୁ ହାଲ' କମ୍ପାନୀର ଚାକିରିରୁ ଅବସର ଗ୍ରହଣ କରିବା ପରିପ୍ରେକ୍ଷୀରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପରିଷଦର ସଭାପତି କମଳାକାନ୍ତ ବିଶୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପାତ୍ର, ସୁଦାମ ବିଷୋୟୀ, ରାଧାଶ୍ୟାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟ ମାନେ ସୁନାବେଡା ହାଲ କମ୍ପାନୀ ଏବଂ ଉତ୍କଳ ସାଂସ୍କୃତିକ ପରିଷଦ ସହିତ ସେମାନଙ୍କ ଦୀର୍ଘ ଦିନର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପରିଷଦର ଉପଦେଷ୍ଟା ଶେଖ ଇବ୍ରାହିମ, ନାରାୟଣ ମାର୍ଥା, କର୍ମକର୍ତ୍ତା ଅରବିନ୍ଦ ସାହୁ, ଦୀପକ କୁମାର ମଲ୍ଲିକ, ଜ୍ୟୋତି ରଞ୍ଜନ ପାଇକରାୟ, ଶ୍ରୀକୁମାର ବେହେରା, ବନ ବିହାରୀ ସେଠୀ ଉପସ୍ଥିତ ରହି ବରିଷ୍ଠ ସଦସ୍ୟ ମାନଙ୍କୁ ଶୁଭକାମନା ଜଣାଇଥିଲେ। ସାଧାରଣ ସମ୍ପାଦକ ମାନସ କୁମାର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳକ ନିଖୋଜ

କୋରାପୁଟ,୨୭।୭(ସମିସ): କୋରାପୁଟ ଟାଉନ ଥାନା ଅନ୍ତର୍ଗତ ରଙ୍ଗବାଲିକୁମ୍ଭା ବଡନାୟକ ସାହିର ୧୧ ବର୍ଷୀୟ ବାଳକ ନିଖୋଜ ହୋଇଯାଇଛନ୍ତି। ଶିଶୁଙ୍କ ନାମ ପିଣ୍ଟୁ ଜାନି। ଗତ ୨୬ ତାରିଖ ଦିନ ସଂଧ୍ୟାରୁ ବାଳକ ଜଣକ କୁଆଡେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ପରିବାର ଲୋକେ ଶିଶୁଟିକୁ ପାଇ ନଥିଲେ। ବାଧ ହୋଇ ବାଳକଙ୍କ ବାପା ମାଧବ ଜାନି ୨୭ ତାରିଖ ଦିନ କୋରାପୁଟ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଟାଉନ ପୁଲିସର ଏକ ତିନି ଜଣିଆ ଟିମ ଗ୍ରାମକୁ ଯାଇ ପ୍ରାଥମିକ ତଦନ୍ତ କରି ଖୋଜାଖୋଜି ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ବାଳକର ପତ୍ତା ମିଳି ନଥିବା ବେଳେ ସିସିଟିଭି ଆଧାରରେ ପୁଲିସ ଅନୁସନ୍ଧାନ ଜାରି ରଖିଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ମୈଦଲପୁର, ୨୭।୭(ସମିସ): ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ହତ୍ୟା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହେଲେ ମହିଳାଙ୍କ ପରିବାର ଲୋକେ। ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ଅନ୍ତର୍ଗତ କଣ୍ଟାମାଳ ଗାଁରୁ ଆସିଛି ଏଭଳି ଅଭିଯୋଗ। ମୃତ ମହିଳାଙ୍କ ବାପା ମଦନ ଭତ୍ରାଙ୍କ ତରଫରୁ ମୈଦଲପୁର ଥାନାରେ ଦିଆଯାଇଥିବା ଏତଲା ଅନୁସାରେ ତାଙ୍କ ଝିଅ ତଥା ଡାବୁଗାଁ ଗାଁର ଝିଅ କମଳ ଦେଇ ଭତ୍ରା ମୈଦଲପୁର ଥାନା ଅନ୍ତର୍ଗତ କଣ୍ଟାମାଳ ଗାଁର ଜଗବନ୍ଧୁ ଗୌଡ଼ଙ୍କୁ ବିବାହ କରିଥିଲେ। ଗତକାଲି ଜ୍ୱାଇଁ ଜଗବନ୍ଧୁ ଶଶୁର ମଦନ ଭତ୍ରାଙ୍କୁ ତାଙ୍କ ଝିଅ କମଳ ଦେଇଙ୍କ ସହିତ ଝଗଡା ହୋଇଥିବା ଏବଂ ଏନେଇ ଗାଁରେ ଏକ ପଞ୍ଚଭଦ୍ର ବୈଠକ ହେଉଥିବାରୁ ସେଠାରେ ଉପସ୍ଥିତ ରହିବ ବୋଲି କହିଥିଲେ। ୨୭ ତାରିଖ ରାତ୍ର ପ୍ରାୟ ୧ ଘଣ୍ଟା ୩୦ ମିନିଟରେ ତାଙ୍କ ଝିଅ କମଳ ଦେଇ ବେକରେ ଦଉଡି ଦେଇ ମରିଯାଇଥିବା ନେଇ ତାଙ୍କ ଜ୍ୱାଇଁ ଜଗବନ୍ଧୁ ଜଟାବାଲରେ ଥିବା ତାଙ୍କ ଅନ୍ୟ ଝିଅ କୁମାରୀ ଭତ୍ରାଙ୍କୁ ଫୋନ ମାଧ୍ୟମରେ ସୂଚନା ଦେଇଥିଲେ। ସନ୍ଧ୍ୟାରେ ଝିଅ କମଳ ଦେଇ ତାଙ୍କ ସହିତ ଭଲରେ କଥା ହୋଇଥିବା ଏବଂ ସେ ମଧ୍ୟ ସ୍ୱାମୀଙ୍କ ସହିତ ଝଗଡା ହେବାରୁ ସକାଳୁ ଗାଁରେ ବୈଠକ ବସୁଥିବାରୁ ଆସିବା ପାଇଁ କହିଥିଲା । ତେଣୁ ସେ କେବେ ଆତ୍ମହତ୍ୟା କରି ନ ପାରେ, ଏହା ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି ବାପା ମଦନ ଭତ୍ରା। ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପଟେ ମୃତ୍ୟୁବରଣ କରିଥିବା ମହିଳାଙ୍କ ଦୁଇ ପୁଅ ଅଛନ୍ତି । ପାପଡାହାଣ୍ଡି ଏସ୍‌ଡିପିଓ ଓ ପୁଲିସ ପହଞ୍ଚି ଝୁଲନ୍ତା ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମୃତ୍ୟୁବରଣ କରିଥିବା ମହିଳାଙ୍କ ସ୍ୱାମୀ ଜଗବନ୍ଧୁ ଗୌଡ଼କୁ ମୈଦଲପୁର ପୋଲିସ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

## ସାପ୍ତାହିକ ବଜାରରେ କୁଢ଼କୁଢ଼ ଆବର୍ଜନା

କୋଷାଗୁମୁଡ଼ା,୨୭।୭(ସମିସ):

କୋଷାଗୁମୁଡାର ନୂତନ ଭାବେ ନିର୍ମାଣ ହୋଇଥିବା ଦୈନିକ ବଜାର ଷ୍ଟଲ ଗୁଡ଼ିକ ସାମ୍ନାରେ ଓ ସାପ୍ତାହିକ ବଜାର ମଧ୍ୟରେ କୁଢ଼କୁଢ଼ ଆବର୍ଜନା। ମୁଖ୍ୟ ରାଜରାସ୍ତା କଡ଼ରେ ଥିବା ଏହି ଆରଏମ୍‌ସି ଷ୍ଟଲ ସାମ୍ନାରେ ଏବଂ ଭିତରେ ଦୈନିକ ବଜାରର ଆମିଷ ଷ୍ଟଲ ପାଖରେ କୁଢ଼କୁଢ଼ ଭଙ୍ଗା କାଚ, ଜରି, ପଚାସଢ଼ା ଆବର୍ଜନା ଦେଖିବାକୁ ମିଳୁଛି। ଶ୍ରାବଣ ମାସର ଝଡବର୍ଷାରେ ଆବର୍ଜନା ସହ ଦୂଷିତ ପଙ୍କୁଆ ପାଣି ମୁଖ୍ୟ ରାସ୍ତା ଉପରେ ଯାଉଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ସପ୍ତାହିକ ହାଟ ଦିନ କାଚ ବେପାରୀ ମାନେ ଚୁଡ଼ି ବେପାର ସାରି ମନଇଚ୍ଛା ଭଙ୍ଗା ଚୁଡ଼ି ଖଣ୍ଡ ଗୁଡିକୁ ଖୋଲା ଲୋକଙ୍କ ପାଦ ଚଲା ରାସ୍ତାରେ ଫିଙ୍ଗି ଦେଇ ଚାଲିଯାଉଥିବା ବେଳେ ପରିବା ବ୍ୟବସାୟୀ, ଚପଲ ବ୍ୟବସାୟୀ, ମାଛ, ସୁଖୁଆ, ଫଳ ବ୍ୟବସାୟୀ ମାନେ ବଳକା ହୋଇଥିବା ବର୍ଜ୍ୟବସ୍ତୁକୁ ସେହି ସ୍ଥାନରେ ପକାଇ ଚାଲି ଯାଉଛନ୍ତି। ଫଳରେ ଭଙ୍ଗାକାଚ ଲୋକ ଏବଂ ବ୍ୟବସାୟୀଙ୍କ ଗୋଡରେ ପଶୁଛି। ସ୍ଥାନୀୟ ଆରଏମ୍‌ସି କର୍ମଚାରୀ ମାନେ ଧାନ ମଣ୍ଡି ଖଲିବା ବେଳେ ଓ ନୂତନ ଗୋଦାମ ଗୃହ ନିର୍ମାଣ କାମ କରୁଥିବା ସମୟରେ ଦେଖିକି ମଧ୍ୟ ସ୍ଥାଣୁ ପାଲଟିଯାଇଛନ୍ତି। ଏହାକୁ ନେଇ ସ୍ଥାନୀୟ କୋଷାଗୁମୁଡା ବଜାରର ବେପାରୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଦୈନିକ ନିୟନ୍ତ୍ରିତ ବଜାରର ପରିସରକୁ ଆବର୍ଜନା ମୁକ୍ତ ଓ ଭଙ୍ଗା ଚୁଡ଼ିକୁ ସଫା କରିବା ପାଇଁ ସାଧାରଣରେ ହେଉଛି।

## ■ ଗୁପ୍ତେଶ୍ୱର ରାସ୍ତା ଗେରୁଆମୟ

## ବୋଲବମ୍ ନାରାରେ କମ୍ପୁଛି ଜଙ୍ଗଲ ପରିବେଶ



ବୈପାରୀଗୁଡ଼ା,୨୭।୭(ସମିସ): ଶ୍ରାବଣରେ ଜଳଲାଗି ନିମନ୍ତେ ଗୁପ୍ତେଶ୍ୱର ପୀଠକୁ ଛୁଟୁଛି କଉଡ଼ିଆଙ୍କ ଭିଡ଼। ରାସ୍ତା ପାଲଟିଛି ଘେରୁଆମୟ। ବୋଲବମ୍ ନାରାରେ କମ୍ପୁଛି ଜଙ୍ଗଲ ପରିବେଶ। ଗୁପ୍ତେଶ୍ୱର ରାସ୍ତାରେ ରବିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଆସନ୍ତା କାଲି ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର। ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଜଳଲାଗି କରିବେ କାଉଡିଆ । ଏଥିପାଇଁ ବିଭିନ୍ନ ଜଳାଶୟରୁ କାଳସରେ ପାଣି ନେଇ ଗୁପ୍ତେଶ୍ୱର ପୀଠ ଅଭିମୁଖେ ଚାଲିଚାଲି ଯାଉଛନ୍ତି କାଉଡିଆ ଭକ୍ତ। ବିଗତ ୨ ସପ୍ତାହ ଠାରୁ ଚଳିତ ଥର ଅଧିକ କାଉଡିଆଙ୍କ ଭିଡ ଦେଖିବାକୁ ମିଳିଛି। ପୁରୁଷ କାଉଡିଆଙ୍କ ଠାରୁ ମହିଳା କାଉଡିଆ ଭିଡ ଅଧିକ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜୟପୁର ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୈପାରୀଗୁଡା ଥାନା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ, ତହସିଲଦାର ସିଗ୍ଧା ଚୌଧୁରୀ , ବୈପାରୀଗୁଡା ଅଗ୍ନିଶମ ବାହିନୀ ଅଧିକରୀ ସୁକାନ୍ତ ପ୍ରଧାନ ପ୍ରମୁଖ ପୀଠରେ ନଜର ରଖିଥିବା ବେଳେ ଶାନ୍ତି ଶୃଙ୍ଖଳରେ ଭକ୍ତଙ୍କ ଦର୍ଶନ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଜୟପୁର ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ରହିଛି।

## ● ଥମୁନି ଜନନୀ ଯନ୍ତ୍ରଣା

# ଦୁଇ କିମି ଭାରରେ ବୁହାହେଲେ ଗର୍ଭବତୀ

ତେନ୍ତୁଲିଖୁଣ୍ଟି, ୨୭।୭(ସମିସ):

ନବରଙ୍ଗପୁର ଜିଲ୍ଲାରେ ଜନନୀ ଯନ୍ତ୍ରଣା ଥମିବାର ନା ନେଉନି। ଯାତାୟତ ବ୍ୟବସ୍ଥା ସୁଗମ ନହେବା କାରଣରୁ ଗୋଟିଏ ପରେ ଗୋଟିଏ ଜନନୀ ଯନ୍ତ୍ରଣା ଦୃଶ୍ୟ ସାମ୍ନାକୁ ଆସୁଛି। ଗାଁକୁ ପକ୍କା ରାସ୍ତା ବ୍ୟବସ୍ଥା ହୋଇ ନଥିବା ଯୋଗୁଁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଫଳରେ ଦୀର୍ଘ ୨ କିଲୋମିଟର ଦୂର ଭାରରେ ବୁହା ହେଲେ ଗର୍ଭବତୀ ମହିଳା। ଏହାପରେ ଆମ୍ବୁଲାନ୍ସ ଯୋଗେ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଜନନୀ ଯନ୍ତ୍ରଣାର ବିକଳ ଚିତ୍ର ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ବରଡା ଯୋଡି ଗ୍ରାମରେ ଦେଖିବାକୁ ମିଳିଛି। ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲ ଘେରା ମଧ୍ୟରେ ତଥା କଳାହାଣ୍ଡି ସୀମାନ୍ତରେ ବରଡାଯୋଡି ଗ୍ରାମ ରହିଛି। ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଗାଁକୁ ପକ୍କା ରାସ୍ତା ଖଣ୍ଡେ ନିର୍ମାଣ ହୋଇପାରିନି। ଏମିତି ସ୍ଥିତିରେ ସମ୍ପୃକ୍ତ ଗ୍ରାମବାସୀ ଜଙ୍ଗଲ ପାହାଡ଼ ରାସ୍ତା ଦେଇ ପାଦଚଲା ରାସ୍ତାରେ ବର୍ଷ ତମାମ ଯାତାୟତ କରିଛନ୍ତି। ଆଜି ପୂର୍ବାହ୍ନରେ ବରଡା ଯୋଡି ଗ୍ରାମର ଲଛମନ ଜାନିଙ୍କ ପତ୍ନୀ ସୁନିତାଙ୍କୁ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଏହାପରେ ସମ୍ପୃକ୍ତ ପରିବାର ଆଶାକର୍ମୀଙ୍କୁ ଯୋଗାଯୋଗ କରିଥିଲେ। ଆଶା କର୍ମୀ ଜଣଙ୍କ ତୁରନ୍ତ ଗର୍ଭବତୀଙ୍କ ଘରେ ପହଞ୍ଚି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ ସମ୍ପୃକ୍ତ ଗ୍ରାମକୁ ଯାତାୟତ ସୁବିଧା ନଥିବା ଯୋଗୁଁ ଆମ୍ବୁଲାନ୍ସ ବରଡ଼ାଯୋଡି ଗ୍ରାମରେ ପହଞ୍ଚି ନପାରି ଡାଇକ୧ ରେ ଅଟକି ରହିଥିଲା। ଆଶା କର୍ମୀ, ଗ୍ରାମବାସୀ ଓ ସମ୍ପୃକ୍ତ ପରିବାର ସୁନିତାଙ୍କୁ ଭାରରେ ବୋହି ଜଙ୍ଗଲ ରାସ୍ତା ଦେଇ ପ୍ରାୟ ୨ କିଲୋମିଟର ବୋହି ଡାଇକ ୧ ପର୍ଯ୍ୟନ୍ତ ନେଇଥିଲେ। ଏହାପରେ ପୂର୍ବରୁ ଅପେକ୍ଷା କରିଥିବା ଆମ୍ବୁଲାନ୍ସ କର୍ମଚାରୀ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ ତେନ୍ତୁଲିଖୁଣ୍ଟି ଡାକ୍ତରଖାନାରେ ନେଇ ଭର୍ତି କରିଛନ୍ତି। ଅପରାହ୍ନରେ ସୁନିତା ଯାଆଁଳା କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ତେବେ ଜଣେ କନ୍ୟା ସନ୍ତାନଙ୍କ ଓଜନ ୨ କିଲୋ ୨ ଶହ ଏବଂ ଅନ୍ୟ ଜଣେ କନ୍ୟା ସନ୍ତାନ ଙ୍କ ଓଜନ ୨ କିଲୋ ୩ ଶହ ଗ୍ରାମ ରହିଥିବା ଯୋଗୁଁ ଉନ୍ନତ ଚିକିତ୍ସା ପାଇଁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଡାକ୍ତର ଆଶୁତୋଷ ରଥ ସୂଚନା ଦେଇଛନ୍ତି।

## ମାଉଲିଗୁଡା ଗାଁ ବିକାଶରେ ବାଧକ ସାଜିଛି ସୁରା ନଦୀ

# ନଦୀ ପାର ପାଇଁ ବାଉଁଶ ପୋଲ ସାହାରା

ବୈପାରୀଗୁଡ଼ା,୨୭।୭(ସମିସ): ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ ସରକାରଙ୍କ ଅନେକ ଯୋଜନା ରହିଛି। ହେଲେ ଏହି ସବୁ ଯୋଜନା ବାସ୍ତବରେ ପହଞ୍ଚି ପାରୁନାହିଁ ଲୋକଙ୍କ ପାଖରେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଆଦିବାସୀ ଅଞ୍ଚଳର ବାସିନ୍ଦା। ଯେଉଁଠି ଗମନାଗମନ ପାଇଁ କେବଳ ଏକ କାଠ ପୋଲ ହିଁ ସାଜିଛି ଭରସା। ନା ଅଛି ପକ୍କା ରାସ୍ତା, ନା ଅଛି ଭଲ ବ୍ରିଜ୍। ନଦୀ ପାରି ହେବା ପାଇଁ ବାଉଁଶ ପୋଲ ଏକମାତ୍ର ସାହାରା। ବୋଝ ମୁଣ୍ଡାଇ ବାଉଁଶ ପୋଲ ପାର ହେଉଛନ୍ତି ଗ୍ରାମବାସୀ। କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ୍ ବାଲିଗାଁ ପଞ୍ଚାୟତ ଅନ୍ତର୍ଗତ ମାଉଲିଗୁଡା ଗ୍ରାମର ନାହିଁନଥିବା ହଇରାଣ ହେଉଛନ୍ତି ଗ୍ରାମବାସୀ। ମାଉଲିଗୁଡା ସମେତ ୩ ଖଣ୍ଡ ଗାଁରେ ବସବାସ କରନ୍ତି ୨୦୦ଟି ଆଦିବାସୀ ପରିବାର। ହେଲେ ଏହି ଗାଁକୁ ସଂଯୋଗ କରିବାକୁ ଭଲ ରାସ୍ତାଟିଏ ନାହିଁ। ପାଖରେ ବହି ଯାଉଥିବା ସୁରା ନଦୀ ଉପରେ ଥିବା ଏକ ଅସ୍ଥାୟୀ ବାଉଁଶ ପୋଲ ହିଁ ଭରସା। ଅନ୍ୟଦିନ ଅପେକ୍ଷା ବର୍ଷାଦିନେ ଗ୍ରାମବାସୀଙ୍କ ସମସ୍ୟା ଆହୁରି ବଢିଯାଇଥାଏ। ବାଲିଗାଁ ପଞ୍ଚାୟତର ମାଉଲିଗୁଡା, ମାକଡ଼ବେଡା, କୁରୁକୁଟି ଗୁଡା,ଲଛିଆ ଗୁଡା ବଦ୍ରାଗୁଡା ଆଦି ଗ୍ରାମବାସୀ କେବଳ ଏହି ବାଉଁଶ ପୋଲ ସାହାଯ୍ୟରେ ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି। ପଞ୍ଚାୟତ ମୁଖ୍ୟାଳୟ ସମେତ ମେଡିକାଲ, ଅଙ୍ଗନବାଡି, ସ୍କୁଲ, ହାଟବାଟ ଯିବାକୁ ହଇରାଣ ହେଉଛନ୍ତି ଗାଁ ଲୋକେ। ଜରୁରୀକାଳୀନ ପରିସ୍ଥିତିର କଥା ନକହିଲେ ଭଲ। ଏଠାରେ ସ୍ୱାସ୍ଥ୍ୟସେବା ଅପହଞ୍ଚ । ଅସ୍ଥାୟୀ ପୋଲ ବଦଳରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ବିଡ଼ିଓ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଏବଂ ବିଧାୟକ ସାଂସଦ ସମସ୍ତ ଜନ ପ୍ରତିନିଧିଙ୍କୁ ଗୁହାରୀ କଲେ ମଧ୍ୟ କେହି ଦୃଷ୍ଟି ଦେଉ ନାହାନ୍ତି ବୋଲି ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ କାଣ୍ଡିକି, ୱାର୍ଡ ସଭ୍ୟ ଗପିନାଥ ସାନ୍ତା, ନାରାୟଣ ସାନ୍ତା, ଗିରିଧର ସାନ୍ତା, ମଣିମା ସାନ୍ତା, ମଞ୍ଜୁ ସୁଦ୍ଧା ସାନ୍ତା ପ୍ରମୁଖ ଅଭିଯୋଗ ଆଣିଛନ୍ତି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୩ ● ପାଉଣ୍ଡ ୧୧୬.୫୪
- ୟୁରୋ ୧୦୧.୦୮ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୬୦୦ (ନୂଆଦିଲ୍ଲୀ)
- ରୁପା : ୧,୧୬,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୪୬୩.୦୦
- ନିଫ୍ଟି ୨୪,୮୩୭.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଅଗଷ୍ଟ ପହିଲାରୁ ୟୁପିଆଇ ନିୟମରେ ବଡ଼ ପରିବର୍ତ୍ତନ

# ଦିନକୁ ବାଲାନ୍ସ ଚେକ୍ ଲିମିଟ୍ ୫୦ ଥର

ନୂଆଦିଲ୍ଲୀ,୨୭।୭ (ଏଜେନ୍ସି)





ଅଗଷ୍ଟ ପହିଲାରୁ ୟୁପିଆଇ ନିୟମରେ ହେବାକୁ ଯାଉଛି ଏକ ବଡ ପରିବର୍ତ୍ତନ। ଏଥିରେ ୟୁଜରମାନେ କିଛି ନୂଆ ଜିନିଷ ଦେଖିବାକୁ ପାଇବେ। ଦୈନିକ ଫୋନ୍‌ପେ’, ଗୁଗୁଲ୍ ପେ’ କିମ୍ବା ପେଟିଏମ୍ ଭଳି ୟୁପିଆଇ ଆପ୍‌ରୁ ପେମେଣ୍ଟ କରୁଥିବା ୟୁଜରଙ୍କ ପାଇଁ ଏହି ପରିବର୍ତ୍ତନ ବେଶ ଗୁରୁତ୍ୱପୂର୍ଣ୍ଣ। ନିଆ ନିୟମରେ ବାଲାନ୍ସ ଚେକ୍ ଲିମିଟ୍ ଧାର୍ଯ୍ୟ କରାଯିବା ସହିତ ଟ୍ରାଞ୍ଜାକ୍‌ସନ୍ ଷ୍ଟାଟସ୍ ଚେକ୍ ନେଇ ବି ସୀମା ସ୍ଥିର କରାଯାଇଛି। ୟୁଜରଙ୍କ ପାଇଁ ଦୈନିକ ବାଲାନ୍ସ ଚେକ୍ କରିବା ସୀମା ୫୦ ଥର ରହିବ। ୟୁପିଆଇ ନିୟମରେ ଏହିଭଳି ଆହୁରି ଅନେକ କିଛି ପରିବର୍ତ୍ତନ କରାଯାଇଛି।

ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ୟୁପିଆଇକୁ ଅଧିକ ଦ୍ରୁତତର, ସୁରକ୍ଷିତ ଏବଂ ଭରସାଯୋଗ୍ୟ କରିବା ପାଇଁ ଏହି ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଏହି ପରିବର୍ତ୍ତନର ପ୍ରଭାବ ଲୋକଙ୍କ ଦୈନନ୍ଦିନ ଡିଜିଟାଲ ପେମେଣ୍ଟ ଉପରେ ପଡ଼ିବ। ଭାରତରେ ପ୍ରତି ମାସରେ ୟୁପିଆଇ ମାଧ୍ୟମରେପ୍ରାୟ ୧୬୦୦ କୋଟିରୁ ଅଧିକ କାରବାର ହୋଇଥାଏ। କିନ୍ତୁ ଅନେକ ଥର ସର୍ଭରରେ ସମସ୍ୟା ତଥା ପେମେଣ୍ଟରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ ଆସିଥାଏ। ଏହି ସମସ୍ୟାଗୁଡ଼ିକୁ କମ୍ କରିବା ପାଇଁ ଏନ୍‌ପିସିଆଇ ୟୁପିଆଇ ନିୟମରେ ୭ଟି ବଡ଼ ପରିବର୍ତ୍ତନ ଆଣିଛି। ପ୍ରଥମ ପରିବର୍ତ୍ତନ ହେଉଛି ବାଲାନ୍ସ ଚେକ୍ କରିବାର ସୀମା ନିର୍ଦ୍ଧାରଣ। ଏବେ ୟୁଜର ଦିନକରେ ନିଜ ୟୁପିଆଇ ଆପ୍ ଜରିଆରେ ମାତ୍ର ୫୦ ଥର ବାଲାନ୍ସ ଚେକ୍ କରିପାରିବେ। ବାରମ୍ବାର ବାଲାନ୍ସ ଚେକ୍ କରିବା ଦ୍ୱାରା ସର୍ଭର ଉପରେ ଚାପ ପଡ଼ିଥାଏ, ଯାହାଦ୍ୱାରା କାରବାର ଧୀମା ହୋଇଯାଏ। ତେଣୁ ଏହି ନିୟମ ଅଣାଯାଇଛି। ଉପଭୋକ୍ତା ନିଜ ମୋବାଇଲ ନମ୍ବର ସହ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଦୈନିକ ମାତ୍ର ୨୫ ଥର ଚେକ୍ କରିପାରିବେ। ଏହାଦ୍ୱାରା ସିଷ୍ଟମ୍‌ରେ ଅନାବଶ୍ୟକ ଚାପ କମ୍ ହେବ ଏବଂ ଜାଲିଆତି ଆଶଙ୍କା ମଧ୍ୟ ହ୍ରାସ ପାଇବ। ଏହାବ୍ୟତୀତ ନେଟ୍‌ଫ୍ଲିକ୍ସ କିମ୍ବା ମ୍ୟୁଚୁଆଲ ଫଣ୍ଡ କିସ୍ତି ଭଳି ଅଟୋପେ’ ଟ୍ରାଞ୍ଜାକସନ୍ ଏବେ ୩ଟି ଟାଇମ୍ ସ୍ଲଟ୍‌ରେ ପ୍ରୋସେସ୍ ହେବ। ଏଥିପାଇଁ ସମୟ ହେଉଛି ସକାଳ ୧୦ଟା ପୂର୍ବରୁ, ଅପରାହ୍ନ ୧ରୁ ୫ଟା ଏବଂ ରାତି ୯ ଟା ୩୦ ପରେ। ଏହାଦ୍ୱାରା ଭିଡ଼ ରହୁଥିବା ସମୟରେ ସର୍ଭର ଉପରେ ଚାପ କମ୍ ହେବ। ଚତୁର୍ଥ ପରିବର୍ତ୍ତନ ଟି ହେଉଛି, ଟ୍ରାଞ୍ଜାକ୍‌ସନ ଷ୍ଟାଟସ୍ ଚେକ୍ କରିବାର ସୀମା। ଏଣିକି ଉପଭୋକ୍ତା କୌଣସି ବିଫଳ ଟ୍ରାଞ୍ଜାକ୍‌ସନ୍‌ର ଷ୍ଟାଟସ୍ ଦିନରେ କେବଳ ୩ ଥର ଚେକ୍ କରିପାରିବେ ଏବଂ ପ୍ରତିଟି ଚେକ୍ ମଧ୍ୟରେ ୯୦ ସେକେଣ୍ଡର ଗ୍ୟାପ୍ ରହିବା ଜରୁରୀ। ବାରମ୍ବାର ଷ୍ଟାଟସ ଦେଖିବା ଦ୍ୱାରା ସିଷ୍ଟମ୍ ଧୀମା ହୋଇଥାଏ।

**୩ଟି ଟାଇମ୍ ସ୍ଲଟ୍‌ରେ ପ୍ରୋସେସ୍ ହେବ ଅଟୋ ପେ’ ଟ୍ରାଞ୍ଜାକସନ୍**

ଜୁନ୍ ୩୦ ପୂର୍ବରୁ ଏକ ନିୟମ ଲାଗୁ ହୋଇଛି, ଯାହା ଅନ୍ତର୍ଗତ ପେମେଣ୍ଟ କରିବା ପୂର୍ବରୁ ହିଁ ରିସିଭର୍‌ଙ୍କ ପଞ୍ଜୀକୃତ ବ୍ୟାଙ୍କ ନେମ୍ ଦେଖିବାକୁ ମିଳିବ। ଏହାଦ୍ୱାରା ଭୁଲ ଆକାଉଣ୍ଟରେ ଟଙ୍କା ଚାଲିଯିବାର ଭୟ ରହିବ ନାହିଁ ଏବଂ ଜାଲିଆତି ଆଶଙ୍କା କମିବ। ଚାର୍ଜବ୍ୟାକ୍ ତଥା ପେମେଣ୍ଟ ରିଭର୍ସାଲ ଲିମିଟ୍ ଧାର୍ଯ୍ୟ କରାଯାଇଛି। ୩୦ ଦିନରେ ୧୦ ଥର ଏବଂ କୌଣସି ଜଣେ ବ୍ୟକ୍ତି କିମ୍ବା ସଂସ୍ଥାରୁ ୫ ଥର ହିଁ ଚାର୍ଜବ୍ୟାକ୍ ମାଗିପାରିବେ। ଏହାବ୍ୟତୀତ ଏନ୍‌ପିସିଆଇ ବ୍ୟାଙ୍କ ଏବଂ ଆପ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ଯେ, ସେମାନେ ୟୁପିଆଇ ବ୍ୟବହାରକୁ ଅନୁଧ୍ୟାନ କରନ୍ତୁ। ଯାହାଦ୍ୱାରା ସିଷ୍ଟମ୍‌ରେ ହେରଫେର ହେବ ନାହିଁ। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ୟୁପିଆଇକୁ ଆହୁରି ଅଧିକ ଉନ୍ନତ କରିବା। ବାରମ୍ବାର ବାଲାନ୍ସ ଚେକ୍ କରିବା କିମ୍ବା ଷ୍ଟାଟସ୍ ରିଫ୍ରେସ୍ କରିବାର ଅଭ୍ୟାସ ଛାଡ଼ିବେ ୟୁଜର। ଅଟୋପେ’ ପାଇଁ ନନ୍-ପିକ୍ ସମୟକୁ ଧ୍ୟାନରେ ରଖି ଏବଂ ପେମେଣ୍ଟ ପୂର୍ବରୁ ରିସିଭର୍‌ଙ୍କ ନାଁ ଦେଖିବା ପାଇଁ ୟୁଜରଙ୍କୁ ଆହ୍ୱାନ ଦିଆଯାଇଛି। ଏହି ନିୟମ ସିଷ୍ଟମ୍‌କୁ ଦ୍ରୁତ ଏବଂ ସୁରକ୍ଷିତ କରିବ, ଯାହାଦ୍ୱାରା ୟୁଜର ନିର୍ବିଘ୍ନରେ ଡିଜିଟାଲ ପେମେଣ୍ଟ କରିପାରିବେ।

## ଏସିଡିଟି ଔଷଧ ରାନିଟିଡିନ୍‌ରେ କ୍ୟାନ୍ସର ସୃଷ୍ଟିକାରୀ ଉପାଦାନ

ନୂଆଦିଲ୍ଲୀ,୨୭।୭ (ଏଜେନ୍ସି): ଏସିଡିଟି ବା ଅମ୍ଳ ଓ ଗାସ୍ ସମସ୍ୟା ଦୂର କରିବା ପାଇଁ ବ୍ୟବହୃତ ଔଷଧ ରାନିଟିଡିନ୍‌ରେ କ୍ୟାନ୍ସର ସୃଷ୍ଟିକାରୀ ଉପାଦାନ ରହିଛି। ଏହି ଔଷଧରେ ସମ୍ଭାବ୍ୟ କର୍କଟ-କାରକ ତତ୍ତ୍ୱର ସ୍ତର ବା ଗୁଣାବତ୍ତା ନିରୀକ୍ଷଣ କରିବାକୁ ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଔଷଧ ନିୟାମକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ନିକଟରେ ଡ୍ରଗ୍ସ ଟେକ୍ନିକାଲ୍ ଆଡଭାଇଜରୀ ବୋର୍ଡ (ଡିଟିଏବି)ର ୯୨ତମ ବୈଠକରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ୍ ଅଫ୍ ଇଣ୍ଡିଆ (ଡିସିଜିଆଇ) ଡ. ରାଜୀବ ସିଂହ ରଘୁବଂଶୀଙ୍କ ଦ୍ୱାରା କରାଯାଇଥିବା ସୁପାରିଶ ପରେ ଏହି ପଦକ୍ଷେପ ନିଆଯାଇଛି। ଗତ ବର୍ଷ ଡିସେମ୍ବରରେ ଗଠିତ ଏକ ବିଶେଷଜ୍ଞ କମିଟି ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ବୋର୍ଡ ଇତି ମଧ୍ୟରେ ସମୀକ୍ଷା କରିଛି। ବୋର୍ଡ ସୁପାରିଶ କରିଛି ଯେ ଏନ୍‌ଡିଏମ୍‌ଏର ଉପସ୍ଥିତିକୁ ଦୃଷ୍ଟିରେ ରଖି ରାନିଟିଡିନର ଦୀର୍ଘକାଳୀନ ସୁରକ୍ଷା ମୂଲ୍ୟାଙ୍କନ କରିବା ପାଇଁ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଏକ ଅଧ୍ୟୟନ କରିବ। ଜିସିଏ କହିଛି ଯେ ରାନିଟିଡିନ୍ ପ୍ରସ୍ତୁତ କରୁଥିବା ସମସ୍ତ ଔଷଧ କମ୍ପାନୀଗୁଡ଼ିକ ଏହା ନିଶ୍ଚିତ କରିବା ଉଚିତ ଯେ ସେମାନଙ୍କ ଔଷଧରେ ଏନ୍‌ଡିଏମ୍‌ଏର ପରିମାଣ ନିୟନ୍ତ୍ରଣ କରାଯାଇଛି। ଏହା ଏକ ସମ୍ଭାବ୍ୟ କର୍କଟ ସୃଷ୍ଟିକାରୀ ଉପାଦାନ, ଯାହାର ଉପସ୍ଥିତି ମାନବ ସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଏନ୍‌ଡିଏମ୍‌ଏ ହେଉଛି ଏକ ପ୍ରକାରର ରାସାୟନିକ ପଦାର୍ଥ ଯାହା ବହୁ ପରିମାଣରେ ଶରୀରରେ ପ୍ରବେଶ କରେ, ତେବେ ଯକୃତକୁ ଏହା କ୍ଷତି ପହଞ୍ଚାଇବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହା କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ। ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ଏହାକୁ ସମ୍ଭାବ୍ୟ କର୍କଟ ରୋଗ ସୃଷ୍ଟିକାରୀ ପଦାର୍ଥ ଭାବରେ ଚିହ୍ନିତ କରିଛନ୍ତି। ପୂର୍ବରୁ ମଧ୍ୟ, ଆନ୍ତର୍ଜାତୀୟ ସ୍ତରରେ ରାନିଟିଡିନକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା, ଯାହା ପରେ କିଛି ଦେଶ ମଧ୍ୟ ଏହି ଔଷଧକୁ ବଜାରରୁ ଫେରାଇ ନେଇଥିଲେ।





- ଔଷଧର ଫର୍ମୁଲେସନ୍‌ରେ ସମ୍ଭାବ୍ୟ କର୍କଟକାରକ ତତ୍ତ୍ୱ ସ୍ତରର ଯାଞ୍ଚ ନିର୍ଦ୍ଦେଶ
- ଔଷଧ ନିୟାମକମାନଙ୍କୁ ସିଡିଏସ୍‌ସିଓଙ୍କ ନିର୍ଦ୍ଦେଶ

## ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ୍

ନୂଆଦିଲ୍ଲୀ,୨୭।୭ (ଏଜେନ୍ସି): ଭାରତର ସର୍ବବୃହତ ଆଇଟି ସେବା ପ୍ରଦାନକାରୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଏହାର କର୍ମଚାରୀ ସଂଖ୍ୟାରେ ହ୍ରାସ ଘଟାଇବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ଏହାର କର୍ମଚାରୀ ସଂଖ୍ୟାରେ ପ୍ରାୟ ୨ ପ୍ରତିଶତ ଛଟେଇ କରିବ। ଆଗାମୀ ବର୍ଷ ମଧ୍ୟରେ ପ୍ରାୟତଃ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ଥିବା ୧୨ ହଜାରରୁ ଅଧିକ କର୍ମଚାରୀଙ୍କୁ କମ୍ପାନୀ ଛଟେଇ କରିବ ବୋଲି କହିଛି।

ଏକ ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି ଟିସିଏସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. କୃତିବାସନ୍। ଟେକ୍ନୋଲୋଜିରେ ଦ୍ରୁତ ପରିବର୍ତ୍ତନକୁ ନଜରରେ ରଖି ଟିସିଏସ୍‌କୁ ଅଧିକ ସ୍ମାର୍ଟ ଓ ଭବିଷ୍ୟତକୁ ଆଖି ଆଗରେ ରଖି କାମ କରିବାକୁ ପଡ଼ିବ। କମ୍ପାନୀର ବ୍ୟାପକ ରଣନୀତିରେ ଏହା ଅଂଶ ବୋଲି କୃତିବାସନ କହିଛନ୍ତି। ତେବେ କମ୍ପାନୀ କାହିଁକି କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ଚାହୁଁଛି ବୋଲି ପଚାରାଯିବାରୁ କୃତୀବାସନ କହିଛନ୍ତି ଶିଳ୍ପରେ ପରିବର୍ତ୍ତନ ଘଟୁଛି। କାମ କରିବାର ଉପାୟ ବଦଳୁଛି, ଏବଂ ପ୍ରତ୍ୟେକ କମ୍ପାନୀ ନିଜର ସଫଳତା ପାଇଁ ଭବିଷ୍ୟତ ପାଇଁ ପ୍ରସ୍ତୁତି କରିବା ସହ ଚତୁର ହେବା ନିହାତି ଆବଶ୍ୟକ। ଆମେ ଏଆଇ ଏବଂ ଅପରେଟିଂ ମଡେଲ ପରିବର୍ତ୍ତନ ଭଳି ନୂଆ ଟେକ୍ନୋଲୋଜି ଆଣୁଛୁ। କମ୍ପାନୀ ଆଗକୁ ଆବଶ୍ୟକ ଦକ୍ଷତାର ନିକଟରୁ ମୂଲ୍ୟାଙ୍କନ କରି ସେହି ଅନୁସାରେ ଏଆଇକୁ ନିୟୋଜିତ କରାଯିବ। ଆମେ ସହଯୋଗୀମାନଙ୍କୁ କ୍ୟାରିଅର ଅଭିବୃଦ୍ଧି ଏବଂ ନିୟୋଜିତ ସୁଯୋଗ କିପରି ପ୍ରଦାନ କରିପାରିବୁ ସେଥିପାଇଁ ଆମେ ସେମାନଙ୍କ ଉପରେ ବହୁତ ବିନିଯୋଗ କରିଛୁ। ଜୁନ୍ ୨୦୨୫ ସୁଦ୍ଧା ଟିସିଏସ୍‌ରେ ସାରା ବିଶ୍ୱରେ ୬ ଲକ୍ଷ ୧୩ ହଜାର କର୍ମଚାରୀ ରହିଛନ୍ତି। ଏଥିରୁ ୨ ପ୍ରତିଶତ ହ୍ରାସ, ଅର୍ଥାତ୍ ପ୍ରାୟ ୧୨,୨୦୦ ଚାକିରି ସହିତ ସମାନ। ତେବେ ଏହି ଛଟେଇ ମଧ୍ୟମ ପରିଚାଳନା ଏବଂ ବରିଷ୍ଠ ସ୍ତର ହେବ।

ଜୁନିୟର ସ୍ତରରେ ହେବ ନାହିଁ ବୋଲି ସିଇଓ କହିଛନ୍ତି। ତେବେ ଏଆଇ ପାଇଁ ଯେ ଏହି ନିଯୁକ୍ତି ଯାଉଛି ତାହା ନୁହେଁ, ଭବିଷ୍ୟତର ଦକ୍ଷତା ହାସଲ କରିବାକୁ କମ୍ପାନୀମାନେ ଏପରି କରୁଛନ୍ତି। ତେବେ ପ୍ରଭାବିତ କର୍ମଚାରୀଙ୍କ ପାଇଁ ଛୁଟି ପ୍ୟାକେଜ, ନୋଟିସ୍ ଅବଧି ପାଇଁ ଦରମା, ବର୍ଦ୍ଧିତ ସ୍ୱାସ୍ଥ୍ୟ ବୀମା ଏବଂ ସ୍ଥାନାନ୍ତର ସହାୟତା ପ୍ରଦାନ କରାଯିବ ବୋଲି ସିଇଓ ନିଶ୍ଚିତ କରିଛନ୍ତି।

**ବରିଷ୍ଠ ସ୍ତରରେ ଅଧିକାଂଶ ହେବେ ବିଦା**

## ପରମାଣୁ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଘରୋଇ ସହଭାଗିତା ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ, ୨୭।୭ (ଏଜେନ୍ସି): ପରମାଣୁ ଶକ୍ତି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକ୍ଷମତା ଉନ୍ନତ କରିବା ପାଇଁ କମ୍ ମୂଲ୍ୟର ପାଣ୍ଠି ଏବଂ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ର ଶୁକ୍ରବାର କହିଛନ୍ତି। ସେ କହିଛନ୍ତି ଯେ ସରକାର ଘରୋଇ କ୍ଷେତ୍ରକୁ ଆକର୍ଷିତ କରିବା ପାଇଁ ଆର୍ଥିକ ବିକଳ୍ପ ଏବଂ ନିୟାମକ ଢାଞ୍ଚାକୁ ଉନ୍ନତ କରିବା ଉଚିତ। ଭାବା ପରମାଣୁ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଅଧିକାରୀଙ୍କ ୬୮ ତମ ବ୍ୟାଚ୍‌କୁ ସମ୍ବୋଧିତ କରି ମିଶ୍ର ଗବେଷକମାନଙ୍କୁ ଖର୍ଚ୍ଚ ହ୍ରାସ ରଣନୀତିରେ ନବସୃଜନ କରିବାକୁ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ ପରମାଣୁ ଶକ୍ତିକୁ ଭାରତର ପସନ୍ଦିତ ଶକ୍ତି ଉତ୍ସ କରାଯାଇପାରିବ।

ମହାକାଶ କ୍ଷେତ୍ରର ଅପାର ସମ୍ଭାବନାକୁ ଉଲ୍ଲେଖ କରି ମିଶ୍ର କହିଛନ୍ତି ଯେ ପରମାଣୁ ଶକ୍ତି ପାଇଁ ସମାନ ପଦକ୍ଷେପ କଳ୍ପନା କରାଯାଇଛି, ଯାହା ସ୍ୱଚ୍ଛ ଶକ୍ତି ଏବଂ ଜାତୀୟ ସୁରକ୍ଷା ପାଇଁ ଆବଶ୍ୟକ। ସେ ପରମାଣୁ ଶକ୍ତିର ସାମାଜିକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କର୍କଟ ରୋଗ ଚିକିତ୍ସା ଏବଂ କୃଷି ସଂରକ୍ଷଣ ପାଇଁ ରେଡିଓଆଇସୋଟୋପ୍ ବ୍ୟବହାର ଏବଂ ବର୍ଜ୍ୟଜଳ ଚିକିତ୍ସା ଏବଂ କୃଷି ସଂରକ୍ଷଣ ପାଇଁ ବିକିରଣ କୌଶଳ ଉଲ୍ଲେଖ କରିଥିଲେ। ଶ୍ରୀ ମିଶ୍ର ବୈଜ୍ଞାନିକ ସମ୍ପ୍ରଦାୟକୁ ଗବେଷଣା ପ୍ରୟୋଗଶାଳାରୁ ଉଦ୍ଭାବିତ ସ୍ପିନ୍-ଅଫ୍ ପ୍ରଯୁକ୍ତିବିଦ୍ୟାକୁ ବାଣିଜ୍ୟିକୀକରଣ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ଶ୍ରୀ ମିଶ୍ର ବୈଜ୍ଞାନିକମାନଙ୍କୁ ଗବେଷଣାରୁ ଉଦ୍ଭାବିତ ପ୍ରଯୁକ୍ତିବିଦ୍ୟାକୁ କେବଳ ପ୍ରୟୋଗଶାଳା ପର୍ଯ୍ୟନ୍ତ ସୀମିତ ନ ରଖିବାକୁ, ବରଂ ସେଗୁଡ଼ିକୁ ବାଣିଜ୍ୟିକ ଭାବରେ ଆଗକୁ ନେବାକୁ ମଧ୍ୟ କହିଥିଲେ ଯାହା ଦ୍ୱାରା ସାଧାରଣ ଲୋକମାନେ ଏହାର ଲାଭ ପାଇପାରିବେ। ସେ କହିଥିଲେ ଯେ ଜଳବାୟୁ ସଙ୍କଟର ମୁକାବିଲା ପାଇଁ ପରମାଣୁ ଶକ୍ତି ଏକ ସ୍ଥାୟୀ ଏବଂ ସ୍ୱଚ୍ଛ ଶକ୍ତି ବିକଳ୍ପ ହୋଇପାରିବ। ଏଥିପାଇଁ, ସୁରକ୍ଷା ସହିତ ଜଡିତ ଗବେଷଣା ଏବଂ ନିୟମ ସମୀକ୍ଷା ମଧ୍ୟ ଆବଶ୍ୟକ। ସେ କହିଛନ୍ତି ଯେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ।



## ଟିପିସିଓଡିଏଲ୍ ପକ୍ଷରୁ ବନ ମହୋତ୍ସବ ପାଳିତ



ଭୁବନେଶ୍ୱର,୨୭।୭ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳନ କରାଯାଇଛି। ବୃକ୍ଷରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧି ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଗୋଷ୍ଠୀ ସଦସ୍ୟମାନଙ୍କୁ ବୃକ୍ଷରୋପଣ ଅଭିଯାନରେ ସାମିଲ ହେବା ପାଇଁ ଉତ୍ସାହିତ କରାଯିବା ସହ ବୃକ୍ଷର ସୁରକ୍ଷା ଓ ଯତ୍ନ ନେବା ପାଇଁ ଉତ୍ସାହିତ କରାଯାଇଥିଲା। ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ଏକ ଉନ୍ନତ ଭବିଷ୍ୟତ ପାଇଁ ପରିବେଶର ନିରନ୍ତରତା ସୁନିଶ୍ଚିତ କରିବାରେ ଜଙ୍ଗଲ ଏବଂ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ବଜାରରେ



ଭୁବନେଶ୍ୱର, ୨୭।୭ (ସମିସ): ଏସ୍‌ୟୁଭି ନିର୍ମାତା ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ମଞ୍ଚେଶ୍ୱର ସ୍ଥିତ ଉତ୍କଳ ଅଟୋମୋବାଇଲ୍ସଠାରେ ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍‌ର ବଜାର ପ୍ରବେଶ ହୋଇଯାଇଛି। ଏହାର ମୂଲ୍ୟ ୮.୯୪ ଲକ୍ଷ ଟଙ୍କା ରହିଛି। ଏକ୍ସୟୁଭି ୩ଏକ୍ସଓ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ୧ ଲକ୍ଷରୁ ଅଧିକ ବିକ୍ରି ହାସଲ କରି ଏକ ବଡ଼ ସଫଳତା ପାଇଛି, ଯାହା ମହିନ୍ଦ୍ରାର ସବୁଠାରୁ ଦ୍ରୁତ ବିକ୍ରି ହେଉଥିବା ଏସ୍‌ୟୁଭି। ରେଭେକ୍ସ ସିରିଜ୍‌ର ଆକର୍ଷଣୀୟ ଫିଚସ, ନୂଆ ଡିଜାଇନ୍ ଏବଂ ସର୍ବୋତ୍ତମ କାର୍ଯ୍ୟଦକ୍ଷତା ଯାହାକି ଏକ୍ସୟୁଭି ୩ଏକ୍ସଓକୁ ଆହୁରି ଆକର୍ଷଣୀୟ କରିଛି। ଅନନ୍ୟ ବ୍ୟକ୍ତିତ୍ୱ ପ୍ରତିଫଳିତ କରୁଥିବା ଗାଡି ଖୋଜୁଥିବା ବ୍ୟକ୍ତିମାନଙ୍କୁ ଲକ୍ଷ୍ୟ ରଖି ମହିନ୍ଦ୍ରା ଏକ୍ସୟୁଭି ୩ଏକ୍ସଓ ରେଭେକ୍ସ ସିରିଜ୍ ବଜାରକୁ ଛାଡିଛି।

## ଦିଲ୍ଲୀରେ ଖୋଲିବ ନାଇଟ୍ ମାର୍କେଟ

ନୂଆଦିଲ୍ଲୀ,୨୭।୭ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀରେ ରାତ୍ରି ଜୀବନକୁ ପ୍ରୋତ୍ସାହନ ଦେବା ପାଇଁ ଏନଡିଏମସି ଏବେ ନାଇଟ୍ ମାର୍କେଟ୍ ଖୋଲିବାକୁ ଯାଉଛି। ଏହି ମାର୍କେଟ୍ ରାତି ୧୦ଟାରେ ଖୋଲିବ ଓ ସକାଳ ପର୍ଯ୍ୟନ୍ତ ଚାଲିବ। ଏହି ବଜାର ଖୋଲିବା ପଛରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଓ ଦିଲ୍ଲୀ ନାଇଟ୍ ଲାଇଫକୁ ପ୍ରୋତ୍ସାହନ ଦେବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଣୁ ଇନ୍ଦୋର ଭଳି ପ୍ରାରମ୍ଭିକ ପର୍ଯ୍ୟାୟରେ ୫୬ଟି ଦୋକାନକୁ ନେଇ ନାଇଟ୍ ମାର୍କେଟ ଆରମ୍ଭ କରାଯିବ ବୋଲି ଜଣାପଡିଛି। ଏହି ମାର୍କେଟ୍ ଖୋଲିବା ପାଇଁ ଏନଡିଏମସି ଏବେ କନଟ ପ୍ଲେସ୍ ଓ ଲୋଧି ରୋଡକୁ ବିକଳ୍ପ ଭାବେ ଦେଖୁଛନ୍ତି। ଏବେ ଏହି ଅଞ୍ଚଳରେ ସର୍ଭେ କରି ଦେଖାଯାଉଛି କେଉଁ ଅଞ୍ଚଳରେ ମାର୍କେଟ ବସାଯିବ, ଯାହା ଦ୍ୱାରା ପର୍ଯ୍ୟଟକଙ୍କୁ ସୁରକ୍ଷା ଓ ଭଲ ପରିବେଶ ମିଳିପାରିବ। ଏହି ବଜାର ରାତି ୧୦ଟାରୁ ସକାଳ ପର୍ଯ୍ୟନ୍ତ ଚାଲିବ।

### ଡ୍ରାଗନ୍‌କୁ ଆମେରିକାର ଚିପ୍ ରପ୍ତାନି କଟକଣା

# ଗଳାବାଟ ଦେଇ ଚୀନ୍ ଗଲା ଏନ୍‌ଭିଡିଆ ଏଆଇ ଚିପ୍ସ

ୱାଶିଂଟନ୍, ୨୭।୭ (ଏଜେନ୍ସି)

ଏହାପରେ ଚୋରା ଚାଲାଣକାରୀମାନେ ତିନି ମାସ ମଧ୍ୟରେ ଏନଭିଡିଆର ଅତି କମ୍‌ରେ ୧ ବିଲିୟନ ଡଲାର ମୂଲ୍ୟର ଉନ୍ନତ ଏଆଇ ଚିପ୍ସ ଚୀନକୁ ବିକ୍ରି କରିଛନ୍ତି। ଏହି ଚୋରା ଚାଲାଣ ଥାଇଲ୍ୟାଣ୍ଡ ମାଧ୍ୟମରେ କରାଯାଇଥିଲା କୁହାଯାଉଛି। ଏକ ରିପୋର୍ଟରେ ଏ ନେଇ ଦାବି କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଏନଭିଡିଆର ଉଚ୍ଚମାନର ବି୨୦୦ ପ୍ରୋସେସର, ଯାହା ଚୀନରେ ବିକ୍ରି ପାଇଁ ନିଷିଦ୍ଧ, ସେଠାରେ କଳା ବଜାରରେ ବ୍ୟାପକ ଭାବରେ ଉପଲବ୍ଧ। ରିପୋର୍ଟରେ ବିକ୍ରି ଚୁକ୍ତିନାମା, କମ୍ପାନୀ ଡକ୍ୟୁମେଣ୍ଟ ଏବଂ ଡିଲ୍ ବିଷୟରେ ସିଧାସଳଖ ଜ୍ଞାନ ଥିବା ଅନେକ ଲୋକଙ୍କୁ ଉଦ୍ଧୃତ କରି ଏହି ଦାବି କରାଯାଇଛି।

ଅନ୍ୟପକ୍ଷରେ, ଚୋରା ଚାଲାଣ ଖବର ପରେ, ବିଶ୍ୱର ସବୁଠାରୁ ମୂଲ୍ୟବାନ କମ୍ପାନୀ ଏନଭିଡିଆ ଡାଟା ସେଣ୍ଟରରେ ଅନଧିକୃତ ଚିପ୍ସ ବ୍ୟବହାର ବିରୁଦ୍ଧରେ ଏକ କଡ଼ା ଚେତାବନୀ ଜାରି କରିଛି। କମ୍ପାନୀ କହିଛି ଯେ ବେଆଇନ ଭାବରେ ଏପରି ଚିପ୍ସ କିଣିବା ବୈଷୟିକ ଏବଂ ଆର୍ଥିକ ଉଭୟ ଭାବରେ ‘କ୍ଷତିର ଚୁକ୍ତି’। ଅପରପକ୍ଷେ ଆମେରିକାର ବାଣିଜ୍ୟ ବିଭାଗ, ହ୍ୱାଇଟ୍ ହାଉସ୍ ଏବଂ ଥାଇ ସରକାର ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ମନ୍ତବ୍ୟ ଦେଇନାହାଁ। ରିପୋର୍ଟ ଅନୁଯାୟୀ, ମେ ମାସରେ ଅନେକ ଚୀନ୍ ବିତରକ ଚୀନ୍‌ର ଏଆଇ ଗ୍ରୁପଗୁଡ଼ିକୁ ସେବା ପ୍ରଦାନ କରୁଥିବା ଡାଟା ସେଣ୍ଟରଗୁଡ଼ିକର ଯୋଗାଣକାରୀଙ୍କୁ ବି୨୦୦ ବିକ୍ରି କରିବା ଆରମ୍ଭ କରିଥିଲେ। ଏଆଇ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପାଇଁ ବଜାରରେ ବିଶ୍ୱବ୍ୟାପୀ ପ୍ରାଧାନ୍ୟ ହାସଲ କରିବାକୁ ଆମେରିକା ଏବଂ ଚୀନ୍ ସଂଘର୍ଷ କରୁଛନ୍ତି। ଏନ୍‌ଭିଡିଆ ଗତ ସପ୍ତାହରେ କହିଥିଲା ଯେ ଟ୍ରମ୍ପ ପ୍ରଶାସନ ଏଚ୍୨୦ ଭଳି ଚିପ୍ସ ବିକ୍ରି ଉପରେ ରପ୍ତାନି କଟକଣା ଉଠାଇବା ପରେ ଏହାକୁ ଚୀନ୍‌ରେ ପୁନଃ ବିକ୍ରୟ କରିବାକୁ ଅନୁମତି ଦିଆଯିବ। ଏହି କଟକଣାଗୁଡ଼ିକ ଏପ୍ରିଲ୍‌ରେ ଲାଗୁ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଏହା ପୂର୍ବରୁ ତିନି ମାସ ମଧ୍ୟରେ ଗ୍ୱାଙ୍ଗଡୋଙ୍ଗ, ଝେଜିୟାଙ୍ଗ ଏବଂ ହେ୍ୱଇ ପ୍ରଦେଶରେ ଚୀନ୍ ବିତରକମାନେ ଏନ୍‌ଭିଡିଆ ର ବି୨୦୦ ସହିତ ଏଚ୍୧୦୦ ଏବଂ ଏଚ୍୨୦୦ ଭଳି ଅନ୍ୟାନ୍ୟ ନିଷିଦ୍ଧ ପ୍ରୋସେସରଗୁଡ଼ିକୁ ବିକ୍ରି କରିଥିଲେ। ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକ ଏପରି ବଜାର ପାଲଟିଛନ୍ତି ଯେଉଁଠାରୁ ଚୀନ୍ ଗୋଷ୍ଠୀଗୁଡ଼ିକ ନିଷିଦ୍ଧ ଚିପ୍ସ ହାସଲ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଆମେରିକାର ବାଣିଜ୍ୟ ବିଭାଗ ସେପ୍ଟେମ୍ବରରୁ ଥାଇଲ୍ୟାଣ୍ଡ ଭଳି ଦେଶରେ ଉନ୍ନତ ଏଆଇ ଉତ୍ପାଦଗୁଡ଼ିକ ଉପରେ ଅଧିକ ରପ୍ତାନି ନିୟନ୍ତ୍ରଣ ଲାଗୁ କରିବା ବିଷୟରେ ଆଲୋଚନା କରୁଛି।



- ଫ୍ଲାଇଂ ସୁଟ୍‌କେସ୍‌ରେ ଥାଇଲ୍ୟାଣ୍ଡ ଦେଇ ଚୋରା ଚାଲାଣ

### ■ ଫ୍ଲାଇଂ ସୁଟ୍‌କେସ୍ କ’ଣ

ଗତ ମାସରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ ଚୀନ୍ କମ୍ପାନୀଗୁଡ଼ିକ ଉଚ୍ଚ-ସ୍ତରୀୟ ଏଆଇ ଚିପ୍ସ ଉପରେ ଆମେରିକାର କଟକଣାକୁ ଏଡ଼ାଇବା ପାଇଁ ‘ଅପାରମ୍ପରିକ’ ପଦ୍ଧତି ଗ୍ରହଣ କରୁଛନ୍ତି। ଏହା ଅଧୀନରେ, ଏଆଇ ପ୍ରଶିକ୍ଷିତ ହାର୍ଡ ଡ୍ରାଇଭ୍ ସୁଟକେସ୍‌ରେ ଅନ୍ୟ ଦେଶକୁ ପରିବହନ କରାଯାଉଛି। ଏଗୁଡ଼ିକୁ ‘ଫ୍ଲାଇଂ ସୁଟକେସ୍’ ନାମ ଦିଆଯାଇଛି। ଉଦାହରଣ ସ୍ୱରୂପ, ମାର୍ଚ୍ଚ ମାସରେ ଏକ ଘଟଣାରେ ଚାରି ଜଣ ଚୀନ୍ ଇଞ୍ଜିନିୟର ବେଜିଂରୁ ମାଲେସିଆ ଯାତ୍ରା କରିଥିବା ରିପୋର୍ଟ ହୋଇଛି। ସେମାନଙ୍କ ପାଖରେ ୮୦ ଟେରାବାଇଟ୍ ଡାଟା ଧାରଣ କରିଥିବା ୧୫ ଟି ହାର୍ଡ ଡ୍ରାଇଭ୍ ଭର୍ତ୍ତି ସୁଟକେସ୍ ଥିଲା। ମାଲେସିଆର ଏକ ଡାଟା ସେଣ୍ଟରରେ, ସେମାନେ ଉନ୍ନତ ଏନ୍‌ଭିଡିଆଇ ଚିପ୍ସ ସହିତ ସଜ୍ଜିତ ପ୍ରାୟ ୩୦୦ ସର୍ଭର ବ୍ୟବହାର କରି ଏକ ଏଆଇ ମଡେଲ୍ ବିକଶିତ କରିଥିଲେ, ଯାହାକୁ ସେମାନେ ପରେ ଚୀନକୁ ଫେରାଇ ଆଣିଥିଲେ।

## ‘ଟାଟା ଡ୍ୟୁରେକୋ’ ଓଡ଼ିଶାର ଏନ୍‌ଏଚ୍ ନିର୍ମାଣକୁ ସୁଦୃଢ଼ କରୁଛି

ନୂଆଦିଲ୍ଲୀ, ୨୭।୭: ଟାଟା ଷ୍ଟିଲ୍‌ର ଇଣ୍ଡଷ୍ଟ୍ରିଆଲ ବାଇ-ପ୍ରଡକ୍ଟ ମ୍ୟାନେଜମେଣ୍ଟ ଡିଭିଜନ (ଆଇବିଏମଡି) ପକ୍ଷରୁ ଏହାର ଅଭିନବ ତଥା ପରିବେଶ ଉପଯୋଗୀ ଗ୍ରାଉଣ୍ଡ ଗ୍ରାନୁଲେଟେଡଜ୍ ବ୍ଲାଷ୍ଟ୍ ଫର୍ଣ୍ଣେସ୍ ସ୍ଲାଗ୍ (ଜିଜିବିଏ) ଉତ୍ପାଦ-ଟାଟା ଡ୍ୟୁରୋକୋର ସଫଳ ପ୍ରୟୋଗ କରାଯାଇଛି। ଏହାକୁ ଜାତୀୟ ରାଜପଥ ୫୩ର ୭୬ କିମି ରାସ୍ତାକୁ ଚଉଡ଼ା କରିବାରେ ବ୍ୟବହାର କରାଯାଇଛି। ଓଡ଼ିଶାର ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ଏବେ ଚାରି ଲେନ୍‌ରୁ ୬ ଲେନ୍‌କୁ ସମ୍ପ୍ରସାରଣ କରାଯାଉଛି, ଯାହା ହଜାର ହଜାର ଲୋକଙ୍କ ପାଇଁ ଗମନାଗମନ ସଂଯୋଗ, ସୁରକ୍ଷା ଓ ଯାତାୟାତ ଦକ୍ଷତାରେ ଉନ୍ନତି ଆଣିବ। ଏହି ସବୁଜ ଉତ୍ପାଦ ଜିଜିବିଏସ୍ ହେଉଛି ସିମେଣ୍ଟର ଏକ ଆଂଶିକ ବିକଳ୍ପ, ଯାହାକୁ ଇସ୍ପାତ ଉତ୍ପାଦନରୁ ବାହାରୁ ଥିବା ବ୍ଲାଷ୍ଟ୍ ଫର୍ଣ୍ଣେସ୍ ସ୍ଲାଗ୍‌କୁ ପ୍ରକ୍ରିୟାକରଣ କରି ପ୍ରସ୍ତୁତ କରାଯାଉଛି ଏବଂ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଟାଟା ଷ୍ଟିଲ୍ ଆଇବିଡିଏମ୍‌ର ଇନ୍‌ଚାର୍ଜ ଦୀପଙ୍କର ଦାସଗୁପ୍ତା କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଚିନ୍ତାରେ ରହିପାରନ୍ତି। ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖା ଦେଇ ପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିପାରେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୪୨- ପାର୍ସିଆ ଓ ଅଷ୍ଟ୍ରିଆ ଶାନ୍ତି ବୁଝାମଣାରେ ସ୍ୱାକ୍ଷର କଲେ।
- ୧୮୫୮ - ପ୍ରଥମ ଥର ଫିଙ୍ଗର୍ ପ୍ରିଣ୍ଟ ବ୍ୟବହାର କରାଗଲା।
- ୧୯୧୪- ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ।
- ୧୯୫୯ - ଗ୍ରେଟ୍ ବ୍ରିଟେନ୍‌ରେ ଡାକକୋଡ୍‌ର ପ୍ରଚଳନ ଆରମ୍ଭ ହେଲା।
- ୧୯୭୯ - ଚୌଧୁରୀ ଚରଣ ସିଂହ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୫- ଭିଏତ୍‌ନାମ ଆସିଆନ୍‌ର ସଦସ୍ୟ ହେଲା।
- ୨୦୧୬- ବଙ୍ଗୀୟ ଲେଖିକା ମହାଶ୍ୱେତା ଦେବୀଙ୍କ ପରଲୋକ।

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ




କଥାରେ ଅଛି, ପ୍ରକୃତି ସୁସ୍ଥ ରହିଲେ ମାନବ ସମାଜ ସୁସ୍ଥ ରହିବ। ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଲୋକଙ୍କୁ ଅବଗତ ତଥା ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି। ଭବିଷ୍ୟତ ପିଢ଼ିଙ୍କ ପାଇଁ ପରିବେଶ ସଂରକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ପୃଥିବୀ ଗଠନ ଦିଗରେ ସମସ୍ତଙ୍କର ଗୁରୁଦାୟିତ୍ୱର ସଚେତନତା ବାର୍ତ୍ତା ନେଇ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଉଛି। ଏହି ଦିନର ମୂଳ ଉଦ୍ଦେଶ୍ୟ ହେଉଛି, ଏକ ସୁସ୍ଥ ପରିବେଶ ପାଇଁ ପ୍ରକୃତିର ସୁରକ୍ଷା ଏବଂ ଜୈବ ବିବିଧତା ବିଷୟରେ ସଚେତନତା ସୃଷ୍ଟି କରିବା ଯାହା ମାନବ ଜାତିର ସମୃଦ୍ଧି ପାଇଁ ଜରୁରି। ଜୀବନ ଧାରଣ ପାଇଁ ଆବଶ୍ୟକୀୟ ସାଧାରଣ ସାମଗ୍ରୀ ଯଥା ଜଳ, ବାୟୁ, ମୃତ୍ତିକା, ଖଣିଜ ଦ୍ରବ୍ୟ, ଗଛ, ପଶୁପକ୍ଷୀ ଓ ଖାଦ୍ୟ ଆଦି ଯୋଗାଇଛି ଧରିତ୍ରୀ ମାତା। ହେଲେ କ୍ରମଶଃ ମନୁଷ୍ୟର ଆବଶ୍ୟକତା ପୂରଣ କରିବାକୁ ଯାଇ ଆରମ୍ଭ ହୋଇଥିବା ଔଦ୍ୟୋଗିକ ବିକାଶ ଓ ଆହୁରି ଅନେକ ମାନବିକ କାର୍ଯ୍ୟକଳାପ ପ୍ରକୃତିକୁ ନଷ୍ଟ କରିଦେଇଛି। ମଣିଷ ଯାହା ବି କରୁ ନା କାହିଁକି ସେ ଏହା ଭୁଲିବା କଥା ନୁହେଁ କି ଏହାର ପ୍ରତ୍ୟେକ କ୍ରିୟାର ପ୍ରଭାବ ପ୍ରକୃତି ଉପରେ ପଡିଥାଏ। ଏସବୁକୁ ନଜରରେ ରଖି ପ୍ରକୃତିର ସଂରକ୍ଷଣ ଏକାନ୍ତ ଆବଶ୍ୟକ। ଅନ୍ୟପକ୍ଷରେ ପ୍ରକୃତିର ଅସନ୍ତୁଳନ ଯୋଗୁଁ ବର୍ତ୍ତମାନ ଗ୍ଲୋବାଲ ୱାର୍ମିଂ, ବିଭିନ୍ନ ଅଜଣା ରୋଗ, ପ୍ରାକୃତିକ ବିପର୍ଯ୍ୟୟ ଓ ବର୍ଦ୍ଧିତ ତାପମାତ୍ରା ଆଦି ସାଧାରଣ ଘଟଣାରେ ପରିଣତ ହୋଇଛି। ତେଣୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ପରିବେଶ ଗଢ଼ିବାକୁ ହେଲେ ପ୍ରକୃତିକୁ ସୁରକ୍ଷା ଦେବା ଏକାନ୍ତ ଆବଶ୍ୟକ। ସୁସ୍ଥ ଓ ସ୍ଥିର ପରିବେଶ ହିଁ ଏକ ସୁସ୍ଥ ସମାଜର ମୂଳଦୁଆ। ପରିବେଶ ବଞ୍ଚିଲେ ଜୀବନ ତିଷ୍ଠି ରହିବ। ଏଣୁ ମାନବଜାତିକୁ ପୃଥିବୀ ଓ ଏହାର ସମ୍ବଳର ଉପଯୁକ୍ତ ସଂରକ୍ଷଣ କରିବା ଦରକାର। ଜାଣତରେ ହେଉ ଅବା ଅଜାଣତରେ, ମଣିଷ ପ୍ରକୃତିକୁ ଦେଉଥିବା କଷ୍ଟକୁ ଅନୁତାପ କରିବାର ଆଜି ଦିନଟିଏ। ତେବେ କେବଳ ଯେ, ଏଥିପାଇଁ ପଶ୍ଚାତାପ କଲେ ହେବନି, ପ୍ରକୃତିର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ବଢ଼ୁଥିବା ତାପମାତ୍ରା ଏବଂ ମୃତ୍ତିକା କ୍ଷୟ ଆଦି ଯୋଗୁଁ ପ୍ରାକୃତିକ ପରିବେଶ ବହୁମାତ୍ରାରେ ପ୍ରଭାବିତ ହେଉଛି। ଏଣୁ ପୃଥିବୀ ସମେତ ପାଣି, ପବନ, ଖଣିଜ ପଦାର୍ଥ ଆଦିର ସୁବିନିଯୋଗ କରିବା ଦିଗରେ ସମସ୍ତଙ୍କୁ ସଚେତନ ରହିବା ଆବଶ୍ୟକ। ଏହିଦିନ ବୃକ୍ଷରୋପଣ, ଜଳ ଓ ବିଜୁଳି ଅପଚୟ କମ୍ କରିବା ଲାଗି ମଧ୍ୟ ବାର୍ତ୍ତା ଦିଆଯାଏ।

## ବିଶ୍ୱ ହେପାଟାଇଟିସ୍ ଦିବସ



ହେପାଟାଇଟିସ୍ ଏବଂ ଯକୃତ ସମ୍ବନ୍ଧୀୟ ରୋଗକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଜୁଲାଇ ୨୮ ତାରିଖକୁ 'ବିଶ୍ୱ ହେପାଟାଇଟିସ୍ ଦିବସ' ଭାବେ ପାଳନ କରାଯାଏ। ହେପାଟାଇଟିସ୍ ଯକୃତ ସହିତ ଜଡ଼ିତ ଏକ ଗୁରୁତର ରୋଗ। ଏହି ଦିବସ ଭୂତାଣୁ ଜନିତ ହେପାଟାଇଟିସ୍ ଏବଂ ଏହାର ବିଭିନ୍ନ ଜଟିଳତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପାଳନ କରାଯାଇଥାଏ। ହେପାଟାଇଟିସ୍ ଏମିତି ଏକ ସଂକ୍ରାମକ ରୋଗ ଯାହା ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯକୃତ ପ୍ରତି ବିପଦ ସୃଷ୍ଟି କରିଥାଏ। ହେପାଟାଇଟିସ୍ ସାଧାରଣତଃ ୫ ପ୍ରକାରର- ହେପାଟାଇଟିସ୍ ଏ, ବି, ସି, ଡି ଏବଂ ଇ। ତେବେ ହେପାଟାଇଟିସ୍ ବି ଓ ସି ସବୁଠୁ ବିପଜ୍ଜନକ। ଏ ଦୁଇ ହେପାଟାଇଟିସ୍ ଭାଇରସ୍ ଯକୃତକୁ ଗୁରୁତର ଭାବେ ପ୍ରଭାବିତ କରିଥାନ୍ତି। ୨୦୩୦ ସୁଦ୍ଧା ଜନସ୍ୱାସ୍ଥ୍ୟ ବିପଦ ଭାବରେ ଭାଇରାଲ ହେପାଟାଇଟିସ୍‌କୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମସ୍ତ ଦେଶକୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରୁଛି। ବିଶ୍ୱ ହେପାଟାଇଟିସ୍ ଆଲାଏନ୍ସ ଅନୁସାରେ, ୯୦ ପ୍ରତିଶତ ହେପାଟାଇଟିସ୍ ବି ଓ ୮୦ ପ୍ରତିଶତ ଲୋକ ହେପାଟାଇଟିସ୍ ସି ଦ୍ୱାରା ସଂକ୍ରମିତ ହେଉଥିଲେ ମଧ୍ୟ ସେମାନେ ଯେ ରୋଗରେ ପୀଡ଼ିତ, ତାହା ଜାଣିପାରନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ହେପାଟାଇଟିସ୍ ପରବର୍ତ୍ତୀ ପର୍ଯ୍ୟାୟରେ ମାରାତ୍ମକ ହୋଇଥାଏ। କେହି କେହି ଯକୃତ କ୍ୟାନସର୍‌ରେ ବି ପୀଡ଼ିତ ହେବାର ଆଶଙ୍କା ରହିଥାଏ। ଏହି ରୋଗର ଲକ୍ଷଣ ଚିହ୍ନିବା କଷ୍ଟକର ହୋଇଥାଏ। ଜ୍ୱର, ଥକାପଣ, ପେଟ ଯନ୍ତ୍ରଣାରୁ ଏହି ରୋଗ ଆରମ୍ଭ ହୁଏ। ଧୀରେ ଧୀରେ ଏହାର ଲକ୍ଷଣ ବୃଦ୍ଧି ପାଇଥାଏ। ଏଥିରେ, ବ୍ୟକ୍ତିର ଚର୍ମ ଏବଂ ଆଖି ହଳଦିଆ ପଡ଼ିଯାଏ। ଓଜନ ହ୍ରାସ ଘଟେ। ହେପାଟାଇଟିସ୍ ବି ଏବଂ ସି ହେଲେ ଏହି ଲକ୍ଷଣଗୁଡ଼ିକ ପ୍ରାୟତଃ ଦେଖାଯାଏ। ହେପାଟାଇଟିସ୍‌କୁ ପ୍ରତିହତ କରିବା ପାଇଁ ଟିକା ହେଉଛି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର। ଏହାବାଦ୍ ସୁସ୍ଥ ଖାଦ୍ୟ ଗ୍ରହଣ କରି ହେପାଟାଇଟିସ୍‌ରୁ ନିଜକୁ ରକ୍ଷା କରିହେବ। ଏହାସହ ମସଲାଯୁକ୍ତ, ଅଧିକ ଫ୍ରାଏଡ୍ ଏବଂ ଅପରିଷ୍କାର ଖାଦ୍ୟ ଖାଇବାଠାରୁ ଦୂରେଇ ରହିବା ଆବଶ୍ୟକ। ଯଦି ହେପାଟାଇଟିସ୍‌ର ଲକ୍ଷଣ ଦୃଶ୍ୟମାନ ହୁଏ, ତେବେ ଏହାକୁ ଅଣଦେଖା କରିବା ଅନୁଚିତ। ଲକ୍ଷଣ ଦେଖିବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ସଚେତନତା ହିଁ ଏହି ରୋଗକୁ ଦୂରେଇ ଦିଆଯାଇ ପାରିବ।

## 'ରାମାୟଣ'ରେ ମରାଠୀ ଅଭିନେତାଙ୍କ ଏଣ୍ଟ୍ରି



ନୀତେଶ ତିୱାରୀଙ୍କ 'ରାମାୟଣ' ର ରିଲିଜ୍‌କୁ ଏବେ ସାରା ଦେଶ ଅପେକ୍ଷା କରିଛି। ଏଥିରେ ରଣବୀର କପୁର, ସାଇପଲ୍ଲବୀ, ଯଶ୍ ଲିଡ୍ ରୋଲରେ ନଜର ଆସିବେ। ଟେଲିଭିଜନ ଜଗତର ଲୋକପ୍ରିୟ ଅଭିନେତା ରବି ଦୁବେ ଏଥିରେ ଲକ୍ଷ୍ମଣ ଭୂମିକାରେ ଦେଖାଯିବେ। ନିକଟରେ ଫିଲ୍ମ ସେଟ୍‌ରୁ ଏକ ଫଟୋ ଭାଇରାଲ ହୋଇଥିଲା। ଏଥିରୁ ଜଣାପଡ଼ୁଛି ଏହାର ପ୍ରଥମ ଭାଗର ସୁଟିଂ ଶେଷ ହୋଇଯାଇଛି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଅନେକ ଦିନରୁ ଏଥିରେ କିଏ ଭରତ ଭୂମିକାରେ ନଜର ଆସିବେ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଏଥିରେ ମରାଠୀ ଫିଲ୍ମ ଅଭିନେତା ଆଦିନାଥ କୋଠାରେ ଭରତ ଭୂମିକାରେ ଦେଖାଯିବେ ବୋଲି ଫାଇନାଲ ହୋଇଯାଇଛି। ନିକଟରେ ଆଦିନାଥ ଏକ ସାକ୍ଷାତକାରରେ ଏକଥା କହିଛନ୍ତି। ଆଦିନାଥ କହିଥିଲେ ଯେ, 'ଏହା ମୋ ପାଇଁ ଏକ ଆଶୀର୍ବାଦ। ଏହା ଭାରତରେ ନିର୍ମାଣ କରାଯାଉଥିବା ସବୁଠୁ ବଡ଼ ଫିଲ୍ମ। ଏଥିପାଇଁ ମୁଁ ମୁକେଶ ଛାବରା ସାର୍‌ଙ୍କ ନିକଟରେ ଋଣୀ। ସେ ମୋତେ କାଷ୍ଟ କରିଛନ୍ତି ଓ ନୀତେଶ ସାର୍ ମୋତେ ଭରତ ଭୂମିକା ପାଇଁ ବାଛିଛନ୍ତି। ମୋ ଉପରେ ବିଶ୍ୱାସ କରି ଏଭଳି ଏକ ଚରିତ୍ରର ଗୁରୁଦାୟିତ୍ୱ ନମିତ ମଲହୋତ୍ରା ସାର୍ ଦେଇଥିବାରୁ ମୁଁ ମଧ୍ୟ ତାଙ୍କ ନିକଟରେ ଋଣୀ।' ଏଠାରେ ପ୍ରକାଶ ଥାଉ କି, ଆଦିନାଥ ଜଣେ ଆଗଧାଡ଼ିର ମରାଠୀ ଫିଲ୍ମ ନିର୍ମାତା ଓ ଅଭିନେତା। ସେ ରଣବୀର ସିଂହଙ୍କ ଫିଲ୍ମ '୮୩' ଜରିଆରେ ବଲିଉଡ୍‌ରେ ପାଦ ରଖିଥିଲେ।

## ମହାଦେବଙ୍କ ପ୍ରିୟ ରାଶି

ଶ୍ରାବଣ ମାସରେ ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରିବାର ବିଶେଷ ମହତ୍ତ୍ୱ ଅଛି। ମହାଦେବଙ୍କ ଉପାସନା କରିବା ଦ୍ୱାରା ଜୀବନର ସମସ୍ତ ସମସ୍ୟା ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କିଛି ରାଶି ଏଭଳି ଅଛି, ଯାହାକି ମହାଦେବଙ୍କ ପ୍ରିୟ ହୋଇଥିବା ବେଳେ ସେମାନଙ୍କ ଉପରେ ଶିବଙ୍କ ବିଶେଷ କୃପାପ୍ରାପ୍ତି ଥାଏ ବୋଲି କୁହାଯାଏ।



**ମେଷ:** ଏହି ରାଶି ବ୍ୟକ୍ତିଙ୍କ ଉପରେ କୌଣସି ସମସ୍ୟା ଆସିଲେ, ଦେବ ଦେବ ମହାଦେବଙ୍କ ଆରାଧନା କରିବା ଆବଶ୍ୟକ। ମେଷ ରାଶି ବ୍ୟକ୍ତିବିଶେଷଙ୍କୁ ଶ୍ରାବଣ ମାସରେ ସବୁଦିନ ଶିବଲିଙ୍ଗ ଉପରେ ଜଳଲାଗି କରିବା ଉଚିତ।

**ମକର:** ମକର ମଧ୍ୟ ଶିବଙ୍କ ପ୍ରିୟ ରାଶି। ଶ୍ରାବଣ ମାସରେ ଏହି ରାଶିର ଲୋକେ ଭଗବାନ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଶିବଲିଙ୍ଗ ଉପରେ ଜଳ ଏବଂ ଶମି ପତ୍ର ଚଢ଼ାଇବା ଶୁଭଙ୍କର। ଏହାସହ ଶିବ ଚାଳିଶା ମଧ୍ୟ ପାଠ କରିବା ଉଚିତ।

**କୁମ୍ଭ:** ଏହି ରାଶି ଉପରେ ମଧ୍ୟ ଶିବଙ୍କ କୃପା ସଦା ବଜାୟ ରହେ ବୋଲି କୁହାଯାଏ। ଏହି ରାଶିର ସ୍ୱାମୀ ଶନି ଦେବ ହୋଇଥିବାରୁ ଏହା ଶିବଙ୍କ ପ୍ରିୟ ରାଶି। ଶ୍ରାବଣ ମାସରେ ଭଗବାନ ଶିବଙ୍କ ରୁଦ୍ରାଭିଷେକ କରିବା ସହ ଶିବଲିଙ୍ଗରେ ଆଖୁ ରସ ଚଢ଼ାଇବା ଶୁଭ।

**ମୀନ:** ମୀନ ରାଶି ଲୋକଙ୍କ ମଧ୍ୟରେ ଦିବ୍ୟ ଚେତନା ଗୁଣ ଅଛି। ଏହି କାରଣ ଯୋଗୁଁ ଉକ୍ତ ରାଶି ଲୋକଙ୍କ ଉପରେ ମହାଦେବଙ୍କ ବିଶେଷ କୃପା ପ୍ରାପ୍ତି ଥାଏ। ଶ୍ରାବଣ ମାସରେ ମୀନ ରାଶିର ବ୍ୟକ୍ତିମାନେ ଶିବଙ୍କ ବିଶେଷ ପୂଜାର୍ଚ୍ଚନା କରିବା ଉଚିତ। ଏହାଦ୍ୱାରା ଜୀବନରେ କୌଣସି ସମସ୍ୟା ସାମ୍ନା କରିବାକୁ ପଡ଼ି ନ ଥାଏ।

## ସ୍ୱସ୍ତି

## ଶ୍ରାବଣରେ ରୁଦ୍ରାଭିଷେକ



ଭଗବାନ ଶିବଙ୍କୁ ପ୍ରସନ୍ନ କରିବାର ସବୁଠୁ ପ୍ରଭାବୀ ଉପାୟ ହେଉଛି ରୁଦ୍ରାଭିଷେକ। ତେବେ ଶ୍ରାବଣ ମାସରେ ରୁଦ୍ରାଭିଷେକ କରିବାର ମାହାତ୍ମ୍ୟ ଅଧିକ। ଧାର୍ମିକ ମାନ୍ୟତାନୁସାରେ, ଜୀବନରେ କୌଣସି କଷ୍ଟ କିମ୍ବା ମନୋକାମନା ଥିଲେ, ଶ୍ରାବଣମାସରେ ରୁଦ୍ରାଭିଷେକ କରିବା ଦରକାର। ରୁଦ୍ରାଭିଷେକ ଦ୍ୱାରା ରୋଗ ମଧ୍ୟ ଦୂର ହୁଏ। କୁହାଯାଏ, ରୁଦ୍ରାଭିଷେକରେ ପ୍ରସନ୍ନ ହୋଇ ମହାଦେବ ଭକ୍ତଙ୍କ ସମସ୍ତ ମନୋବାଞ୍ଛା ପୂରଣ କରନ୍ତି। ଶ୍ରାବଣମାସର ଯେକୌଣସି ଦିନରେ ରୁଦ୍ରାଭିଷେକ କରିବା ଅତ୍ୟନ୍ତ ଶୁଭ ହୋଇଥାଏ। ତେବେ ଶ୍ରାବଣ ଶିବରାତ୍ରୀ, ଶ୍ରାବଣ ସୋମବାରରେ ରୁଦ୍ରାଭିଷେକ କଲେ ଅନେକ ପରିବର୍ତ୍ତନ ଜୀବନରେ ଦେଖିବାକୁ ମିଳିଥାଏ। ରୁଦ୍ରାଭିଷେକ ଦ୍ୱାରା ରାହୁ, କେତୁ, ଶନି ଗ୍ରହ ଶାନ୍ତ ହୋଇଥାନ୍ତି। ଏହାଦ୍ୱାରା କାଳସର୍ପ ଦୋଷରୁ ମଧ୍ୟ ମୁକ୍ତି ମିଳିଥାଏ।

## ଘରେ କଳା ରଙ୍ଗ ଟାଇଲ୍ ଲଗାଉଛନ୍ତି...

ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ଟାଇଲ ଲଗାଇବା ସମୟରେ ଏହାର ରଙ୍ଗ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଭୁଲ୍ ରଙ୍ଗର ଟାଇଲ୍ ଜୀବନରେ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଘରେ କେଉଁ ରଙ୍ଗ ଟାଇଲ୍ ଲଗାଇବା ଅନୁଚିତ, ସେ ସମ୍ପର୍କରେ ଜାଣିବା।



- ଘରେ କଳା ରଙ୍ଗ ଟାଇଲ୍ ଆଦୌ ବ୍ୟବହାର କରନ୍ତୁ ନାହିଁ। କଳା ରଙ୍ଗ ନକାରାତ୍ମକର ପ୍ରତୀକ। ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତି ଅଧିକ ରହେ।
- ଯେଉଁ ଘରେ କଳା ରଙ୍ଗ ଟାଇଲ୍ ଉପଯୋଗ କରାଯାଏ, ସେଠାରେ ରାହୁର ପ୍ରଭାବ ଅଧିକ ରହେ। ରାହୁ କ୍ରୁର ଗ୍ରହ ହୋଇଥିବାରୁ ଜୀବନରେ ବିଭିନ୍ନ ଅସୁବିଧା ସାମ୍ନା କରିବାକୁ ପଡ଼େ।
- କଳା ରଙ୍ଗ ଟାଇଲ୍ ବ୍ୟବହାର ଦ୍ୱାରା ରାହୁ ଗ୍ରହ ସକ୍ରିୟ ହୁଏ। ଫଳରେ ପରିବାର ସଦସ୍ୟଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥାଏ।
- ଯେଉଁ ଘରେ ରାହୁଙ୍କ ପ୍ରଭାବ ଅଧିକ ଥାଏ, ପ୍ରେମ ଜୀବନ ସୁଖମୟ ହୋଇ ନ ଥାଏ। ଛୋଟ ଛୋଟ କଥାରେ ବିବାଦ ଦେଖା ଦିଏ।
- ଘରେ ସବୁବେଳେ ଧଳା, ଗୋଲାପି, ଆକାଶୀ ରଙ୍ଗ ଟାଇଲ ଲଗାଇବା ଉଚିତ। ଏହି ରଙ୍ଗ ଘରର ବାସ୍ତୁ ଉପରେ ସକାରାତ୍ମକ ପ୍ରଭାବ ପକାଏ। ତା'ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଏ।

## ସ୍ୱପ୍ନ ସୂଚାଏ ଧନହାନି

ସ୍ୱପ୍ନ ସମସ୍ତେ ଦେଖନ୍ତି। କିଛି ସ୍ୱପ୍ନ ଉତ୍ତମ ଭବିଷ୍ୟତକୁ ଇଙ୍ଗିତ କରୁଥିବା ବେଳେ ଆଉ କିଛି ଅସୁବିଧାକୁ ଦର୍ଶାଏ। ସେହିପରି ସ୍ୱପ୍ନ ଜ୍ୟୋତିଷ ଅନୁସାରେ କିଛି ସ୍ୱପ୍ନ ଧନ ହାନି ଦିଗକୁ ମଧ୍ୟ ସୂଚାଏ।

- ସ୍ୱପ୍ନରେ ନିଜେ ନିଜ ଆସବାବପତ୍ରକୁ ଭଙ୍ଗାଭଙ୍ଗି କରୁଥିବା ଦେଖିଲେ, ଶୀଘ୍ର ଆର୍ଥିକ ସଙ୍କଟ ଦିଗକୁ ଇଙ୍ଗିତ କରେ।
- ନିଜକୁ ଦେବାଳିଆ ଘୋଷଣା କରୁଥିବା ସ୍ୱପ୍ନ ଦେଖିଲେ ବ୍ୟବସାୟ ବାଧପ୍ରାପ୍ତ ହୁଏ।
- ସ୍ୱପ୍ନରେ ପେଚା ଦେଖିବାର ଅର୍ଥ ଧନହାନି ହେବା। ଏହାବାଦ୍ ଅନ୍ୟାନ୍ୟ କଷ୍ଟକୁ ବି ସାମ୍ନା କରିବାକୁ ପଡ଼ିଥାଏ।
- କୌଣସି ଧନୀ ବ୍ୟକ୍ତି ସ୍ୱପ୍ନରେ ପକ୍ଷୀ କ୍ରନ୍ଦନ କରୁଥିବା ଦେଖିଲେ, ଏଥିରୁ ଶୀଘ୍ର ଅର୍ଥ ସଙ୍କଟ ଦେଖାଦେବାର ସୂଚନା ମିଳେ। ଏହା ଦ୍ୱାରା ଧନ, ବୈଭବ, ଐଶ୍ୱର୍ଯ୍ୟ ଆଦି ସବୁ ନଷ୍ଟ ହୋଇଥାଏ।

ଗିଲ୍‌ଙ୍କ ରେକର୍ଡ | ଷ୍ଟୋକ୍ସ ଶ୍ରେଷ୍ଠ ଖେଳାଳି | ୩୧ରୁ ନିର୍ଣ୍ଣାୟକ ଟେଷ୍ଟ

# ଶତକ ମାରି ମ୍ୟାଚ୍ ଡ୍ର କଲେ ସୁନ୍ଦର-ଜାଡେଜା

ଓଲ୍ଡ ଟ୍ରାଫୋର୍ଡ, ୨୭।୭ (ଏଜେନ୍ସି)



ଅଧିନାୟକ ଶୁବମନ ଗିଲ୍ (୧୦୩)ଙ୍କ ୯ମ, ରବୀନ୍ଦ୍ର ଜାଡେଜା (୧୦୭*)ଙ୍କ ୫ମ, ୱାଶିଂଟନ ସୁନ୍ଦର (୧୦୧*)ଙ୍କ ଶତକ ଓ ଲୋକେଶ ରାହୁଲଙ୍କ ୯୦ ରନ୍ ସହାୟତାରେ ଇଂଲଣ୍ଡ ସହ ଏଠାରେ ଶେଷ ହୋଇଥିବା ଚତୁର୍ଥ ଟେଷ୍ଟକୁ ଭାରତ ଡ୍ର ରଖିବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ୩୧୧ ରନ୍‌ରେ ପଛୁଆ ଥିବା ଭାରତ ମ୍ୟାଚ୍‌ର ୫ମ ତଥା ଶେଷ ଦିନ ଖେଳ ଶେଷ ବେଳକୁ ୪ ୱିକେଟ ହରାଇ ୪୨୫ ରନ୍ କରିବା ଫଳରେ ଏହି ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣିତ ହୋଇପାରି ନାହିଁ। ଏହି ମ୍ୟାଚ୍‌ରେ ୧୪୧ ରନ୍ କରିବା ସହ ୬ଟି ୱିକେଟ ନେଇଥିବା ଇଂଲଣ୍ଡର ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚତୁର୍ଥ ଟେଷ୍ଟ ଡ୍ର ରହିବା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ପୂର୍ବପରି ୨-୧ରେ ଅଗ୍ରଣୀ ରହିଛି। ସିରିଜ୍‌ର ୫ମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଲଣ୍ଡନର କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଆରମ୍ଭ ହେବ।


ଏହି ମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସରେ ୩୫୮ ରନ୍ କରିଥିଲା। ଜବାବରେ ଭାରତୀୟ ବୋଲିଂ ନିଷ୍ପ୍ରଭ ହେବା ଫଳରେ ଇଂଲଣ୍ଡ ପ୍ରଥମ ଇନିଂସରେ ୬୬୯ ରନ୍‌ର ରେକର୍ଡ ସ୍କୋର କରିଥିଲା। ଫଳରେ ୩୧୧ ରନ୍‌ରେ ପ୍ରଥମ ଇନିଂସ ପଛୁଆ ରହିଥିବା ଭାରତ ୫ଟି ସେସନରେ ମ୍ୟାଚ୍ ବଞ୍ଚାଇବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି କ୍ରିସ୍ ଓକ୍ସ ବୋଲିଂ କରିଥିବା ପ୍ରଥମ ଓଭରରେ ଦୁଇ ୱିକେଟ ହରାଇବା ଫଳରେ ଏହି ଆଶଙ୍କା ଅଧିକ ଦୃଢ଼ୀଭୂତ ହୋଇଥିଲା। କିନ୍ତୁ ଭାରତୀୟ ଖେଳାଳି ଅନ୍ୟ ଯୋଜନା ନେଇ ଖେଳିଥିଲେ। ପ୍ରଥମେ ତୃତୀୟ ୱିକେଟ ଯୋଡିରେ ଲୋକେଶ ରାହୁଲ ଓ ଶୁବମନ ଗିଲ୍ ୪୨୧ ବଲ୍‌ରେ ୧୮୮ ଏବଂ ପରେ ପଞ୍ଚମ ୱିକେଟରେ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା ଆଉଟ ନ ହୋଇ ୩୩୪ ବଲ୍‌ରୁ ୨୦୩ ରନ୍ କରିବା ଫଳରେ ଭାରତ ମ୍ୟାଚ୍‌କୁ ଡ୍ର କରିବାରେ ସମର୍ଥ ହୋଇଥିଲା। ଏଭଳି ଫ୍ଲାଟ୍ ପିଚ୍‌ରେ ଯଦି ଇଂଲଣ୍ଡ ୬ଶହରୁ ଅଧିକ ରନ୍ କରିପାରିଲା, ତେବେ ଆମେ ମଧ ଏହା ପାରିବୁ ବୋଲି ସାଥି ଖେଳାଳିଙ୍କୁ ଗିଲ କହିବା ଫଳରେ ମ୍ୟାଚ୍‌ରେ ରୋମାଞ୍ଚ ବଢ଼ିଥିଲା। ଭାରତୀୟ ଟିମ୍ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ସଫଳ ହୋଇଥିଲା। ଭାରତ ପକ୍ଷରୁ ଗିଲ ଚଳିତ ଟେଷ୍ଟ ସିରିଜ୍‌ରେ ଚତୁର୍ଥ ଟେଷ୍ଟ ଶତକ ହାସଲ କରିଥିଲେ। ସେ ୨୩୮ ବଲ୍‌ରୁ ୧୨ ଚୌକା ସହ ୧୦୩ ଓ ରାହୁଲ ୨୩୦ ବଲ୍‌ରୁ ୮ ଚୌକା ସହ ୯୦ ରନ୍ କରିଥିଲେ। ଗିଲ୍ ଚଳିତ ସିରିଜ୍‌ରେ ୭୨୨ ରନ୍ କରିବା ସହ ଅନେକ ରେକର୍ଡ ଭାଙ୍ଗିଛନ୍ତି। ଏମାନଙ୍କ ଆଉଟ ପରେ ସୁନ୍ଦର ଓ ଜାଡେଜା ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ଇଂଲଣ୍ଡ ବୋଲରଙ୍କୁ ନିଷ୍ପ୍ରଭ କରିଦେଇଥିଲେ। ଜାଡେଜା ଏଠାରେ ୫ମ ଶତକ ହାସଲ କରିଥିଲେ। ନଂ-୬ରେ ବ୍ୟାଟିଂ କରି ଶତକ ହାସଲ କରିବାରେ ଜାଡେଜା ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି। ଅନ୍ୟ ପକ୍ଷରେ ସୁନ୍ଦରଙ୍କ ଟେଷ୍ଟ କ୍ରିକେଟରେ ଏହା ପ୍ରଥମ ଶତକ। ଉଭୟ ଖେଳାଳି ଶତକ ହାସଲ କରିବା ନିକଟରେ ପହଞ୍ଚିବା ପରେ ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ମ୍ୟାଚ୍‌କୁ ଡ୍ର ରଖିବା ଲାଗି ପ୍ରସ୍ତାବ ଦେଇଥିଲେ। କିନ୍ତୁ ଭାରତୀୟ ଖେଳାଳିମାନେ ଏହାକୁ ଅଗ୍ରାହ୍ୟ କରିବା ସହ ଶତକ ହାସଲ କରିଥିଲେ। ଏହା ଫଳରେ ଚଳିତ ସିରିଜ୍‌ରେ ପ୍ରଥମ ୪ଟି ଟେଷ୍ଟରୁ ଭାରତୀୟ ଖେଳାଳିମାନେ ୧୧ଟି ଶତକ ହାସଲ କରିଛନ୍ତି ଓ ୭ମଥର ୩୫୦ରୁ ଉର୍ଦ୍ଧ୍ୱ ରନ୍ କରିବାରେ ସମର୍ଥ ହୋଇଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ**: ୩୫୮ (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ୍-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୬୬୯ (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଜାଡେଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍‌ରା-୨/୧୧୨)।
**ଭାରତ ଦ୍ୱିତୀୟ ଇନିଂସ**: ୪୨୫/୪, ୧୪୩ ଓଭର (ୱାଶିଂଟନ ସୁନ୍ଦର-୧୦୧*, ରବୀନ୍ଦ୍ର ଜାଡେଜା-୧୦୭*, ଶୁବମନ ଗିଲ-୧୦୩, ରାହୁଲ-୯୦, କ୍ରିସ୍ ଓକ୍ସ-୨/୬୬, ବେନ୍ ଷ୍ଟୋକ୍ସ-୧/୩୩, ଆର୍ଚର-୧/୭୮)।

## ରେକର୍ଡ କଲେ ଗିଲ୍; ନେତୃତ୍ୱ ପଦାର୍ପଣରେ ସର୍ବାଧିକ ଶତକ

ଓଲ୍ଡ ଟ୍ରାଫୋର୍ଡ,୨୭।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ପ୍ରଥମଥର ନେତୃତ୍ୱ ନେଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପଦାର୍ପଣ ଟେଷ୍ଟ ସିରିଜ୍‌ରେ ଚତୁର୍ଥ ଶତକ ହାସଲ କରିଛନ୍ତି। ଏହା ଫଳରେ ଟେଷ୍ଟ ନେତୃତ୍ୱ ପଦାର୍ପଣରେ ସର୍ବାଧିକ ଶତକ ହାସଲ କରିବାରେ ବିଶ୍ୱରେ ପ୍ରଥମ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ୪ଜଣ ଅଧିନାୟକ ୱାର୍‌ୱିକ୍ ଆର୍ମଷ୍ଟ୍ରଙ୍ଗ୍, ଡନ୍ ବ୍ରାଡ୍‌ମ୍ୟାନ୍, ଗ୍ରେଗ୍ ଚାପେଲ ଓ ଷ୍ଟିଭେନ ସ୍ମିଥ୍, ଭାରତର ବିରାଟ କୋହଲି ସେମାନଙ୍କ ନେତୃତ୍ୱ ପଦାର୍ପଣରେ ୩ଟି ଲେଖାଏଁ ଶତକ ହାସଲ କରିଥିଲେ। ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ୪ଟି ଲେଖାଏଁ ଶତକ ହାସଲ କରିବାରେ ସେ ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ (ବନାମ ଭାରତ) ଓ ଭାରତର ସୁନୀଲ ଗାଭାସ୍କର (ବନାମ ୱେଷ୍ଟଇଣ୍ଡିଜ)ଙ୍କ ସହ ସମକକ୍ଷ ହୋଇଛନ୍ତି। ଗୋଟିଏ ଟେଷ୍ଟ ସିରିଜ୍‌ରେ ୪ଟି ଶତକ ହାସଲ କରିବାରେ ସୁନୀଲ ଗାଭାସ୍କର (୨ଥର) ଓ ବିରାଟ କୋହଲିଙ୍କ ପରେ ତୃତୀୟ ଖେଳାଳି।



ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ସେ ୧୦୩ ରନ୍ କରିବା ଫଳରେ ଏହି ସିରିଜ୍‌ରେ ଗୋଟିଏ ଟେଷ୍ଟ ବାକିଥାଇ ୭୨୨ ରନ୍‌ରେ ପହଞ୍ଚି ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ମଧ୍ୟରେ ଗୋଟିଏ ଦ୍ୱିଶତକ ସହ ୪ଟି ଶତକ ରହିଛି। ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆର ଡନ୍ ବ୍ରାଡ୍‌ମ୍ୟାନ୍ ସର୍ବାଧିକ ୮୧୦ ରନ୍ କରିଛନ୍ତି।

ଭାରତର ଦ୍ୱିତୀୟ ଇନିଂସରେ ରାହୁଲ ଓ ଗିଲ୍ ସେମାନଙ୍କ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ୪୨୧ ବଲ୍ ଖେଳିଥିଲେ। ଏକବିଂଶ ଶତାବ୍ଦୀରେ ଇଂଲଣ୍ଡରେ ଭାରତ ଖେଳିଥିବା ଟେଷ୍ଟରେ ପାର୍ଟନରସିପ୍‌ରେ ଏହା ସର୍ବାଧିକ ବଲ୍। ପୂର୍ବରୁ ୨୦୦୨ରେ ହେଡିଂଲେରେ ଐତିହାସିକ ବିଜୟରେ ରାହୁଲ ଦ୍ରାବିଡ୍ ଓ ସଞ୍ଜୟ ବାଙ୍ଗର ପାର୍ଟନରସିପ୍‌ରେ ୪୦୫, ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲି ୩୫୭ଟି ବଲ୍ ଖେଳିଥିଲେ।

## ୩୯ ବଲ୍‌ରେ ଡି ଭିଲର୍ସଙ୍କ ଶତକ

ହେଡିଂଲୀ, ୨୭।୭ (ଏଜେନ୍ସି): ଅବସରପ୍ରାପ୍ତ କ୍ରିକେଟର୍‌ଙ୍କୁ ନେଇ ଇଂଲଣ୍ଡରେ ଚାଲିଥିବା ୱାର୍ଲ୍ଡ ଚାମ୍ପିଅନ୍ସ ଅଫ୍ ଲିଜେଣ୍ଡ ଟୁର୍ଣ୍ଣାମେଣ୍ଟରେ ଏବି ଡି ଭିଲର୍ସ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ରବିବାର ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ବିପକ୍ଷ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଚାମ୍ପିଅନ୍ସର ଡି ଭିର୍ଲସ ୩୯ ବଲରେ ଶତକ ପୂରଣ କରିଛନ୍ତି। ଏହି ମ୍ୟାଚରେ ସେ ୪୬ ବଲ୍ ଖେଳି ୧୫ ଚୌକା ଓ ୮ ଛକା ସହ ୧୨୩ ରନରେ ଆଉଟ୍ ହୋଇଥିଲେ। ସେ ଗୁରୁବାର ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ୪୧ ବଲରେ ଶତକ ହାସଲ କରିଥିଲେ।

## ଅଷ୍ଟ୍ରେଲିଆର ରେକର୍ଡ ରନ ଚେଜ୍

ସେଣ୍ଟ କିଟ୍ସ, ୨୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅଷ୍ଟ୍ରେଲିଆ କ୍ରମାଗତ ୪ର୍ଥ ଟି-୨୦ ମ୍ୟାଚ୍ ଜିତିଛି। ରବିବାର ଅନୁଷ୍ଠିତ ୪ର୍ଥ ଟି-୨୦ରେ ୱେଷ୍ଟଇଣ୍ଡିଜ ବ୍ୟାଟିଂ କରି ୯ ୱିକେଟ୍‌ରେ ୨୦୫ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୪ ବଲ୍ ପୂର୍ବରୁ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଏଥିସହ ଅଷ୍ଟ୍ରେଲିଆ ୪-୦ରେ ସିରିଜ ଅଗ୍ରଣୀ ରହିଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ଟି-୨୦ରେ ରେକର୍ଡ ୭ମଥର ଲାଗି ୨୦୦ରୁ ଉର୍ଦ୍ଧ୍ୱ ରନକୁ ଚେଜ୍ କରିଛି।

## ଦୀପରଞ୍ଜନଙ୍କୁ କାଂସ୍ୟ ପଦକ

ଭୁବନେଶ୍ୱର, ୨୭।୭ (ସମିସ): ଓଡ଼ିଶାର ଦୀପରଞ୍ଜନ ବିଶୋଇ ୱେଲ୍ସର କାର୍ଡିଫ୍‌ଠାରେ ଅନୁଷ୍ଠିତ ବ୍ରିଟିଶ ଆଣ୍ଡ ଇରିଶ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି।




ପୁରୁଷ ଯୁଗଳ ଏସଏଲ୩-ଏସ୍ଏଲ୍୪ କାଟାଗୋରୀରେ ଓଡ଼ିଶାର ଦୀପରଞ୍ଜନ ଓ ଉତ୍ତରାଖଣ୍ଡର ମନୋଜ ସରକାର ସେମିଫାଇନାଲରେ ପରାଜିତ ହୋଇଥିଲେ। ଫଳରେ ଉଭୟଙ୍କୁ କାଂସ୍ୟ ପଦକ ମିଳିଥିଲା। ଏହି ଲେଭଲ-୧ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ସଫଳତା ହାସଲ କରିଥିବାରୁ ଦୀପରଞ୍ଜନ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ପାରା ସ୍ପୋର୍ଟ୍ସ ଆସୋସିଏସନକୁ ଧନ୍ୟବାଦ ଜଣାଇଛନ୍ତି।

ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର

## ରୁମିତ ଓ ମିଶାଲ ମୁଖ୍ୟ ଡ୍ର'ରେ

ଭୁବନେଶ୍ୱର, ୨୭।୭ (ସମିସ): ଆଇଆର୍‌ସି ଭିଲେଜ୍‌ସ୍ଥିତ ଭିନଷ୍ଟେଜ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପର ମୁଖ୍ୟ ଡ୍ର' ସ୍ପଷ୍ଟ ହୋଇଛି।



ଉଦୀୟମାନ ଖେଳାଳି ରୁମିତ ଗୁପ୍ତା ଓ ମିଶାଲ ସ୍ୱାଇଁଙ୍କ ସମେତ ୧୬ଜଣ ଖେଳାଳି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଡବଲ ବିଜୟ ହାସଲ କରି ମୁଖ୍ୟ ଡ୍ର'ରେ ପ୍ରବେଶ କରିଛନ୍ତି। ଅନ୍ୟ ଖେଳାଳିମାନେ ହେଲେ ଚେତନ ଆନନ୍ଦ, ଜ୍ଞାନ ଦାସ, ନିଶି ପ୍ରକାଶ ଦାସ୍, ଅମିତ ସିଂ, ସତ୍ୟଦୀପ ଦାସ, ଜିତେନ ଷଡଙ୍ଗୀ, ଜାକିର ଅଲି ଖାନ୍, ରାହୁଲ ହାଲି, ବରୁଣ ପୂର୍ବା, ପ୍ରକାଶ ସାହୁ, ପି. ଗୋବିନ୍ଦ ରାଓ ଓ ଅଲତାଫ ଅଲି। ଆସନ୍ତାକାଲିଠାରୁ ମୁଖ୍ୟ ଡ୍ର ଖେଳ ଆରମ୍ଭ ହେବ।

## ସାହାଣୀ କପ୍ | ଫାଇନାଲରେ କଟକ-ସମ୍ବଲପୁର



କଟକ,୨୭।୭(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ଫାଇନାଲରେ କଟକ ଓ ସମ୍ବଲପୁର ଦଳ ଭେଟ ହେବେ। ଦ୍ୱିତୀୟ ସେମିଫାଇନାଲରେ ରବିବାର କୋରାପୁଟକୁ ପରାସ୍ତ କରି ସମ୍ବଲପୁର ଫାଇନାଲରେ ପ୍ରବେଶ କରିଥିଲା। ସମ୍ବଲପୁର ଟାଇବ୍ରେକର୍‌ରେ ୧(୫)-୧(୪) ଗୋଲରେ ବିଜୟୀ ହୋଇଥିଲା। କଟକ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ସାରିଛି। କଟକ ଓ ସମ୍ବଲପୁର ଭିତରେ ଦୁଇଟି ଫାଇନାଲ ମ୍ୟାଚ୍ ଖେଳାଯିବ। ୧ ତାରିଖରେ ବୌଦ୍ଧରେ ଏବଂ ୩ ତାରିଖରେ କେନ୍ଦୁଝରରେ ଫାଇନାଲ ମୁକାବିଲା ହେବ।

## ରାଜ୍ୟ ସ୍କୁଲ ଓପନ ଚେସ୍ | ଆଦ୍ୟ ଅଦ୍ୱିତ୍, ସାଇ ସ୍ୱାଗତ ଚାମ୍ପିଅନ



ଭୁବନେଶ୍ୱର, ୨୭।୭ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଓ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ସ୍କୁଲର ଦ୍ୱିତୀୟ କ୍ୟାମ୍ପସରେ ଆଜି ଅନୁଷ୍ଠିତ ହୋଇଛି। ଦୁଇଟି ବିଭାଗ ଯଥା ମିନି ଓ ସବଜୁନିଅର କାଟାଗୋରୀରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ମିନିରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଆଦ୍ୟ ଅଦ୍ୱିତ୍ ଦାସ ଚାମ୍ପିଅନ ପୋଖରୀପୁଟ ଡିଏଭି ସ୍କୁଲ୍‌ର ସାଇ ସ୍ୱାଗତ ପରିଜା ରନର୍ସ ଅପ୍ ହୋଇଥିଲେ। ଚନ୍ଦ୍ରଶେଖରପୁର ଡିଏଭିର ମୟଙ୍କ ବରାଳ ତୃତୀୟ ଓ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ରେୟାଂଶ ମହାନ୍ତି ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେହିପରି କଟକ ଏସ୍‌ସିବି ମେଡିକାଲ କଲେଜ୍ ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାଇ ସ୍ୱାଗତ ପଣ୍ଡା ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସ ଅପ୍ ହୋଇଛନ୍ତି। ଭୁବନେଶ୍ୱର ଏପିଜେର ପ୍ରାଂଶୁ ଦାଶ ତୃତୀୟ ଓ ଜଟଣୀ ପୂର୍ବତଟ ରେଳବାଇ ଏମ୍‌ଏଚ୍‌ଏସ୍ ସ୍କୁଲ୍‌ର ହିମାଂଶୁ ଶେଖର ସାହୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ ବିଜେଇଏମ୍ ପ୍ରିନ୍ସିପାଲ ବରଦା ପ୍ରସାଦ ପାଇକରାୟ ଉଦ୍‌ଘାଟନ କରିଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତକୁ ୧୨ ପଦକ

ଭୁବନେଶ୍ୱର, ୨୭।୭ (ସମିସ):



ଜର୍ମାନୀରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୩୨ତମ ସଂସ୍କରଣ ଭାରତୀୟ ଦଳ ୧୨ ପଦକ ଜିତି ଅଭିଯାନ ଶେଷ କରିଛି। ଯେଉଁଥିରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ୨ ସ୍ୱର୍ଣ୍ଣ ଏବଂ ୫ଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ପଦକ ତାଲିକାରେ ଭାରତ ୨୦ତମ ସ୍ଥାନରେ ରହିଛି। ତୀରନ୍ଦାଜୀରେ ସବୁଠୁ ସଫଳ ପ୍ରଦର୍ଶନ କରି ଭାରତ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ଗୋଟିଏ କାଂସ୍ୟ ପଦକ ଜିତିଥିଲା। ଏହାପରେ ଆଥ୍‌ଲେଟିକ୍ସରେ ୩ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ଆସିଥିଲା। ଉଦ୍‌ଯାପନୀ ଦିବସରେ ଭାରତ ୫ଟି ପଦକ ଜିତିଥିବାବେଳେ ସମସ୍ତ କ୍ରୀଡ଼ାବିତ୍ କିଟ୍ ବିଶ୍ୱବିଦ୍ୟାଳୟର ରହିଥିଲେ। ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ୍, ୩୦୦୦ ମିଟର ବାଧାଦୌଡ଼ରେ ଅଙ୍କିତା ଓ ମହିଳା ୫୦୦୦ ମିଟରରେ ସୀମା ରୌପ୍ୟ ପଦକ ଏବଂ ୨୦ କିମି ଚାଲି ଟିମ୍ ଇଭେଣ୍ଟ ଓ ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ରିଲେ ଦଳରେ ଓଡ଼ିଶାର ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ଜୟରାମ ଦଣ୍ଡପତି ସଦସ୍ୟ ରହିଥିଲେ। ପଦକ ବିଜୟୀ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହି ମେଗା ଇଭେଣ୍ଟରେ ଭାରତରୁ ୩୦୦ ଆଥ୍‌ଲେଟ୍ ଭାଗନେଇଥିବାବେଳେ ସେଥିରେ କିଟ୍‌ର ୪୦ଜଣ ଏବଂ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ରହିଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS